

ସିକ୍ୱେଲ୍ ଫିଲ୍ମ କରିବେ ଅମିର୍

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-329 •BHUBANESWAR •WEDNESDAY •28 MAY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୨ •ସଂଖ୍ୟା-୩୨୯ •ଭୁବନେଶ୍ୱର •ବୁଧବାର •୨୮ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦






| | | >90% | >85% | >80% | >70% | >60% |
|---|---|---|---|---|---|---|
| CBSE | Class X | 18 | 36 | 50 | 80 | 155 |
| | XII Science | 04 | 08 | 19 | 54 | 101 |
| | XII Commers | 00 | 05 | 10 | 17 | 31 |



| | | >90% | >85% | >80% | >70% | >60% |
|---|---|---|---|---|---|---|
| CHSE | +2 Science | 12 | 38 | 72 | 141 | 200 |

# ମୌସୁମୀକୁ ବାଟ କଢ଼ାଉଛି ଲଘୁଚାପ

- ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ
- ଗୁରୁବାର ସୁଦ୍ଧା ଓଡ଼ିଶା ଛୁଇଁବ ମୌସୁମୀ
- ୩୧ ପର୍ଯ୍ୟନ୍ତ ଜାରି ରହିବ ବର୍ଷା
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା, ସତର୍କ କରାଇଲେ ଏସ୍ଆରସି

ଭୁବନେଶ୍ୱର,୨୭।୫(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ମୌସୁମୀ ଋତୁର ପ୍ରଥମ ଲଘୁଚାପ। ଏହି ଲଘୁଚାପ ରାଜ୍ୟରେ ବର୍ଷା ଆରମ୍ଭ କରାଇଥିବା ବେଳେ ଏହା ମୌସୁମୀକୁ ମଧ୍ୟ ଓଡ଼ିଶାକୁ ଟାଣି ଆଣିବ। ଫଳରେ ଆସନ୍ତା ୩-୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷା ହେବ। ଅନ୍ୟପଟେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହେବାକୁ ଥିବାରୁ ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଏସ୍ଆର୍ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ସକାଳ ସାଢ଼େ ୮ଟାରେ ଓଡ଼ିଶା ଉପକୂଳର ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହି ଲଘୁଚାପ ଧୀରେଧୀରେ ଉତ୍ତର ଦିଗ ଆଡ଼କୁ ଗତି କରିବ ଏବଂ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହେବ। ଏହା ପ୍ରଭାବରେ ଆଗାମୀ ୩-୪ ଦିନ ଯାଏଁ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ।

ପାଣିପାଗ ବିଭାଗର ସୂଚନା ଅନୁସାରେ, ଲଘୁଚାପ ପ୍ରଭାବରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ିବା ପାଇଁ ପାଗ ଅନୁକୂଳ ହେବ। ଆଗାମୀ ୨-୩ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବାର ସମ୍ଭାବନା ରହିଛି। ଏହାସହ ମୌସୁମୀ କେନ୍ଦ୍ରୀୟ ଆରବ ସାଗରର ଅବଶିଷ୍ଟ ଅଂଶ, ଓଡ଼ିଶାର କିଛି ଅଂଶ, ମହାରାଷ୍ଟ୍ରର ଆହୁରି କିଛି ଅଂଶ, କର୍ଣ୍ଣାଟକର ଅବଶିଷ୍ଟ ଅଂଶ, ତେଲେଙ୍ଗାନାର କିଛି ଅଂଶ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମକେନ୍ଦ୍ରୀୟ ଏବଂ ଉତ୍ତର ବଙ୍ଗୋପସାଗରର କିଛି ଅଂଶ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଅବଶିଷ୍ଟ ଅଂଶ, ପଶ୍ଚିମବଙ୍ଗ ଏବଂ ସିକିମର କିଛି ଅଂଶରେ ଆଗକୁ ବଢ଼ିବା ପାଇଁ ପରିସ୍ଥିତି ଅନୁକୂଳ ରହିଛି ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ପ୍ରାକ୍ ମୌସୁମୀ ବାୟୁ ପ୍ରଭାବରେ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଭାରି ବର୍ଷା ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିଛି। ମଙ୍ଗଳବାର ପାରାଦୀପରେ ୩୦ ମିମି, ଭବାନୀପାଟଣାରେ ୨୯ ମିମି, ସମ୍ବଲପୁରରେ ୨୬ମିମି, ଦାରିଙ୍ଗବାଡ଼ିରେ ୨୮ ମିମି, ଚାନ୍ଦବାଲିରେ ୧୬ ମିମି ଓ ଭଦ୍ରକରେ ୧୯ ମିମି ବର୍ଷା ରେକର୍ଡ କରାଯାଇଛି। ବୁଧବାରଠାରୁ ବର୍ଷା ସହ ପବନର ବେଗ ବଢ଼ିବାର ସମ୍ଭାବନା ରହିଛି। ବିଶେଷକରି ପୁରୀ, କଟକ, ଜଗତସିଂହପୁର, ରାୟଗଡ଼ା, କୋରାପୁଟ ଜିଲ୍ଲା ବର୍ଷାର ପ୍ରଭାବ ଅଧିକ ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।



ସୋଆ ଜଳବାୟୁ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଏହି ଲଘୁଚାପ ଅବପାତରେ ପରିଣତ ହୋଇପାରେ। ଏହା ପ୍ରଭାବରେ ସାରା ରାଜ୍ୟରେ ବୃଷ୍ଟିପାତ ହୋଇପାରେ ଏବଂ ବିଶେଷକରି ଉପକୂଳ ଅଞ୍ଚଳ ଏବଂ ଉତ୍ତର ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପ୍ରବଳରୁ ପ୍ରବଳତର ବୃଷ୍ଟିପାତ ଅନୁଭୂତ ହେବାର ସମ୍ଭାବନା ରହିଛି। ଏହାସହ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗୁରୁବାର ସୁଦ୍ଧା ଓଡ଼ିଶାରେ ପ୍ରବେଶ କରିବାର ସମ୍ଭାବନା ରହିଛି ବୋଲି କୁହାଯାଇଛି।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଥିବାରୁ ଆସନ୍ତା ୩୧ ତାରିଖ ଯାଏଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଏହାସହ ବର୍ଷା ସ୍ଥିତି ନେଇ ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ନିର୍ଦ୍ଦେଶ ଦେଇଛନ୍ତି। ବଜ୍ରପାତ ଅଘଟଣ ଏଡ଼ାଇବାକୁ ଲୋକଙ୍କୁ ସଚେତନ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ରହିଛି। କ୍ଷୟକ୍ଷତି ବାବଦରେ ତୁରନ୍ତ ରିପୋର୍ଟ ଦେବାକୁ ମଧ୍ୟ ଏସ୍ଆର୍ସି ନିର୍ଦ୍ଦେଶ ଦେଇଛନ୍ତି।

# ପୁଲିସ ଗୁଇନ୍ଦା ବିଫଳ

# ଦେଢ଼ ଟନ୍ ବିସ୍ଫୋରକ ଲୁଟିଲେ ମାଓବାଦୀ

ରାଉରକେଲା,୨୭।୫(ସମିସ) : କିଛି ବର୍ଷର ନିରବତା ପରେ ପୁଣି ମାଓବାଦୀଙ୍କ ଉତ୍ପାତ। ସ୍ୱଷ୍ଟ ଦିବାଲୋକରେ ୩୦ରୁ ୪୦ ଜଣ ସଶସ୍ତ୍ର ମାଓବାଦୀ ଦେଢ ଟନ୍ ବିସ୍ଫୋରକ ବୋଝେଇ ଏକ ଟ୍ରକ୍‌କୁ ଲୁଟ୍ କରିଛନ୍ତି। ଲୁଟ୍ ଘଟଣାର ସାତ ଘଣ୍ଟା ପରେ ଟ୍ରକ ଚାଳକକୁ ଛାଡ଼ି ଦେଇଥିବା ଜଣାପଡିଛି। ମାଓବାଦୀଙ୍କ ଏତାଦୃଶ ଆତଙ୍କରାଜ ଘଟଣା ପୁଲିସର ଗୁଇନ୍ଦା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲାର କେ. ବଲାଙ୍ଗ ଥାନା ଅଧୀନ ବାଙ୍କୋଇ ନିକଟ ଲଙ୍ଗଲକଟା ଅଞ୍ଚଳରେ।

ସୂଚନା ମୁତାବକ କେ. ବଲାଙ୍ଗ ଥାନା ଅଧୀନ ବାଙ୍କୋ ନିକଟ ଲଙ୍ଗଲକଟା ଅଞ୍ଚଳରେ ଥିବା ଏକ ପଥରକ୍ୱାରୀକୁ ବ୍ଲାଷ୍ଟିଂ ପାଇଁ ଏକ ବିସ୍ଫୋରକ ସାମଗ୍ରୀ (ଡିନାମାଇଟ୍) ବୋଝେଇ ଗାଡ଼ି ଯାଉଥିଲା। ପୂର୍ବ ଯୋଜନା ମୁତାବକ ଲଙ୍ଗଲକଟା ଜଙ୍ଗଲରେ ଲୁଚି ରହିଥିବା ୩୦ରୁ ୪୦ ଜଣ ସଶସ୍ତ୍ର ମାଓବାଦୀ ମଙ୍ଗଳବାର ମଧ୍ୟାହ୍ନରେ ଉକ୍ତ ଟ୍ରକକୁ ଅଟକାଇ ବନ୍ଧୁକ ମୁନରେ ଚାଳକ ସହ ବିସ୍ଫୋରକ ବୋଝେଇ ଟ୍ରକକୁ ଅପହରଣ କରି ଝାଡ଼ଖଣ୍ଡ ଆଡ଼େ ନେଇଯାଇଥିଲେ। ଅପହୃତ ଟ୍ରକ୍ ଚାଳକକୁ ପୁନର୍ବାର ଲଙ୍ଗଲକଟା ଜଙ୍ଗଲରେ ଛାଡି ଦେଇ ମାଓବାଦୀମାନେ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସେପଟେ ମାଓବାଦୀଙ୍କ କବଳରୁ ମୁକୁଳି ଟ୍ରକ୍ ଚାଳକ ଚାଲି ଚାଲି କେ.ବଲାଙ୍ଗ ଥାନାରେ ପହଞ୍ଚି ପୁଲିସକୁ ସମସ୍ତ ଘଟଣା ବଖାଣିବା ପରେ ପୁଲିସ ତନାଘନା ଚଳାଇଥିବା ସୂଚନା ମିଳିଛି। ତେବେ ରାତିରେ ସୁରକ୍ଷା ଦୃଷ୍ଟିରୁ ପୁଲିସ ଘଟଣାସ୍ଥଳକୁ ନ ଯାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଛାନଭିନ୍ ଆରମ୍ଭ କରିଛି। ଏହି କାର୍ଯ୍ୟ ଛୋଟନାଗପୁର ମାଓବାଦୀ ଡିଭିଜନର ବୋଲି ସନ୍ଦେହ କରାଯାଉଛି। ତେବେ ଏଠାରେ ପ୍ରଶ୍ନ ଉଠିଛି ଯେ ଏତେ ପରିମାଣର ବିସ୍ଫୋରକ ସାମଗ୍ରୀକୁ ବିନା କୌଣସି ସୁରକ୍ଷା ବ୍ୟବସ୍ଥାରେ କିପରି ମାଓ ଉପଦ୍ରୁତ ଲଙ୍ଗଲକଟା ଅଞ୍ଚଳକୁ ପଠା ଯାଉଥିଲା। ସୀମାନ୍ତବର୍ତ୍ତୀ ଇଲାକାଗୁଡିକରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ ପାଇବା ପରେ ମାଓ ଦମନ ନେଇ ପୁଲିସର ଢିଲା ମନୋଭାବ ଯୋଗୁଁ ଆଜି ଏପରି ଘଟଣା ଘଟିଲା ବୋଲି କୁହାଯାଉଛି। ସେପଟେ ମାଓ ପ୍ରବଣ ଅଞ୍ଚଳରେ ଥିବା ଏସ୍‌ପିଓ ଓ ହୋମଗାର୍ଡଙ୍କୁ ପୁଲିସ ଛଟେଇ କରି ଦେଇଥିବା ଜଣାପଡ଼ିଛି।

**ଗାଡ଼ି ଚାଳକକୁ ଅପହରଣ କରି ୭ ଘଣ୍ଟା ପରେ ଛାଡ଼ିଲେ**

ପ୍ରକାଶଯୋଗ୍ୟ, ୨୦୦୯ ଅଗଷ୍ଟ ୯ ତାରିଖ ଦିନ ଅନୁରୂପ ଭାବେ ୩୦ରୁ ୪୦ ଜଣ ସଶସ୍ତ୍ର ମାଓବାଦୀ ରାଉରକେଲାର ଆଇଡିଏଲ୍ କାରଖାନାରୁ ୮ ଟନ୍ ବୋଝେଇ ହୋଇ କୋଇଡ଼ା ଅଭିମୁଖେ ଯାଉଥିବା ଏକ ଟ୍ରକକୁ ଚାନ୍ଦିପୋଷ ଥାନା କୁମାକେଲା ଛକରେ ବନ୍ଧୁକ ମୁନରେ ଲୁଟି ନେଇ କରଡ଼ା, ଝାରବେଡ଼ା, ନୂଆଗାଁ ହୋଇ ଝାଡ଼ଖଣ୍ଡକୁ ନେଇ ଯାଇଥିଲେ। କେବଳ ସେତିକି ନୁହେଁ, ସେହିଦିନ ସନ୍ଧ୍ୟାରେ ରାଉରକେଲାରୁ କୋଇଡାରୁ ଫେରୁଥିବା କୋଇଡା ଥାନାର ସବ୍‌ଇନ୍ସପେକ୍ଟର ଅଜିତ ବର୍ଦ୍ଧନଙ୍କୁ ମାଓବାଦୀମାନେ ଅପହରଣ କରି ନିର୍ମମ ଭାବେ ହତ୍ୟା କରିଥିଲେ। ଲଙ୍ଗଲକଟା ନିକଟ ଝାରବେଡା ଜଙ୍ଗଲରେ ମୃତ ସବ୍‌ଇନ୍ସପେକ୍ଟର ଅଜିତ ବର୍ଦ୍ଧନଙ୍କ ରକ୍ତ ରଂଜିତ ଶବକୁ ଫିଙ୍ଗି ଶବ ଚାରିପଟେ ୭ଟି ଲ୍ୟାଣ୍ଡ ମାଇନ ଖଞ୍ଜି ଫେରାର୍ ହୋଇଯାଇଥିଲେ। ତେଣୁ ଏବେ ବେଳ ଥାଉଥାଉ ସତର୍କ ନହେଲେ ପୁଣି ଖୁବ୍‌ଶୀଘ୍ର ମାଓବାଦୀ ଯେ ତାଣ୍ଡବ ରଚିବେ, ଏଥିରେ ସନ୍ଦେହ ନାହିଁ।

# ପାଞ୍ଚଟି ପ୍ରସଙ୍ଗରେ ସରକାରଙ୍କୁ ଘେରିବ ଯୁବ କଂଗ୍ରେସ

ଭୁବନେଶ୍ୱର,୨୭।୫(ସମିସ): ବୁଥସ୍ତରରୁ ଯୁବ କଂଗ୍ରେସକୁ ମଜବୁତ କରାଯିବ ଓ ସରକାରଙ୍କୁ ଶାନ୍ତିରେ ନିଃଶ୍ୱାସ ମାରିବାକୁ ଦିଆଯିବ ନାହିଁ। ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଏପରି ନିଷ୍ପତ୍ତି ହୋଇଛି । ପ୍ରଦେଶ ଯୁବ କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇ ପିସିସି ସଭାପତି ଭକ୍ତଚରଣ ଦାସ ଯୁବ କଂଗ୍ରେସର ନେତୃବୃନ୍ଦମାନେ ତୃଣମୂଳସ୍ତରରେ ଯାଇ ଦଳକୁ ସଂଗଠିତ କରିବାକୁ କହିଛନ୍ତି। ସମସ୍ତ ପଞ୍ଚାୟତ ଓ ବୁଥସ୍ତରରେ ଯୁବ କଂଗ୍ରେସର କର୍ମୀମାନେ ସାଧାରଣ ଜନତାଙ୍କର ସମସ୍ୟା, ସରକାରଙ୍କର ଦୁର୍ନୀତି ଓ ଭ୍ରଷ୍ଟାଚାର, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସୁରକ୍ଷା, ସାମାଜିକ ନ୍ୟାୟ, ଧାର୍ମିକ ସହନଶୀଳତା, ଦରଦାମ ବୃଦ୍ଧି, ବେକାରୀ, ଦାରିଦ୍ର୍ୟ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରିବାକୁ ପରାମର୍ଶ ଦେଇଛନ୍ତି।

ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୁବ ସଂଗଠନକୁ କଂଗ୍ରେସର ମେରୁଦଣ୍ଡ ଭାବରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ କଂଗ୍ରେସ ଦଳକୁ ସରକାରକୁ ଆଣିବାପାଇଁ ଯୁବ କଂଗ୍ରେସର ଅବିଶ୍ରାନ୍ତ ଓ ନିଷ୍ଠାର ସହ ସଂଗ୍ରାମ ଓ କାର୍ଯ୍ୟକ୍ରମ ଏକମାତ୍ର ମାଧ୍ୟମ। ଯୁବକମାନଙ୍କର ତ୍ୟାଗ ଓ ଆନ୍ଦୋଳନ ସରକାରକୁ ପରିବର୍ତ୍ତନ କରିବ। ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ଯୁବ ବିରୋଧୀ ସରକାର। ରାଜ୍ୟରେ ଲକ୍ଷ ଲକ୍ଷ ବେକାର ଯୁବକ ଯୁବତୀ ହତାଶାରେ କାଳ କାଟୁଥିବା ବେଳେ ସେମାନଙ୍କର ସମସ୍ୟାର ସମାଧାନ ପାଇଁ ସରକାର ଚିନ୍ତା କରୁନାହାନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରୀୟ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ କ୍ଷମତାସୀନ ସରକାରର ଦୁର୍ବଳତା, ଅପାରଗତା, ଲୁଟ ଏବଂ ଅତ୍ୟାଚାର ବିରୁଦ୍ଧରେ ପୁରପଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଆନ୍ଦୋଳନର ସ୍ୱର ପ୍ରକମ୍ପିତ ହେବ ବୋଲି କହିଛନ୍ତି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ କୁମାର ପାତ୍ର ଆଗାମୀ ତିନିମାସରେ ରାଜ୍ୟ, ଜିଲ୍ଲା, ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ବ୍ଲକସ୍ତର ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ସେ ଉପରେ ଆଲୋଚନା କହିଛନ୍ତି। ଆଜିର କାର୍ଯ୍ୟକାରିଣୀରେ ୫ଟି ପ୍ରସ୍ତାବ ଆଗତ ହୋଇଥିଲା। ବେକାରୀ, ନିଯୁକ୍ତି ଓ କର୍ମସଂସ୍ଥାନ। ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ ସମସ୍ୟା। ଜାତିଭିତ୍ତିକ ଜନଗଣନା। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମାଗଣା ବିଜୁଳି ଆଦି ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବାପରେ ସାଧାରଣ ଜନତାଙ୍କ ସ୍ୱାର୍ଥ ସାଧନ ଦୃଷ୍ଟିରୁ ଏହି ପ୍ରସଙ୍ଗକୁ ନେଇ ପ୍ରଦେଶ ଯୁବ କଂଗ୍ରେସ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବ ବୋଲି ପ୍ରସ୍ତାବ ଗ୍ରହଣ ହୋଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ତାରାପ୍ରସାଦ ବାହିନୀପତିଙ୍କ ସମେତ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବର୍ଷିଲା ବିଜେଡି

# ଉପକୂଳ ରାଜପଥ ଟେଣ୍ଡର ବାତିଲ ରାଜ୍ୟବାସୀଙ୍କୁ ଧୋକା

- ୨୦୧୫ରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଘୋଷଣା କରିଥିଲେ
- ଏକ ଦଶନ୍ଧି ପରେ ମଧ୍ୟ ପ୍ରକଳ୍ପ ଆରମ୍ଭ ହୋଇପାରି ନାହିଁ
- ଚାରି ଲେନ୍ ରାସ୍ତାରୁ ଦୁଇ ଲେନ୍ କରିବା ଗ୍ରହଣୀୟ ନୁହେଁ

ଭୁବନେଶ୍ୱର, ୨୭।୫(ସମିସ): ଜାତୀୟ ରାଜପଥ ପ୍ରାଧିକରଣ(ଏନଏଚ୍ଏଆଇ) ଦ୍ୱାରା ଓଡ଼ିଶାରେ ନିର୍ମାଣ ହେବାକୁ ଥିବା ଉଚ୍ଚାଭିଳାଷୀ ଉପକୂଳବର୍ତ୍ତୀ ରାଜପଥର ଟେଣ୍ଡରକୁ ଅଚାନକ ବାତିଲ କରାଯାଇଥିବାରୁ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନକୁ ଇତିମଧ୍ୟରେ ଦଶ ବର୍ଷ ବିତି



ଯାଇଥିଲେ ସୁଦ୍ଧା ପ୍ରକଳ୍ପରେ କୌଣସି ଅଗ୍ରଗତି ହୋଇନାହିଁ। ବର୍ତ୍ତମାନ ଟେଣ୍ଡର ବାତିଲ ପରେ ଏହାର ନିର୍ମାଣକୁ ନେଇ ଅନିଶ୍ଚିତତା ଦେଖା ଦେଇଛି। ବିଜେପିର 'ଡବଲ ଇଞ୍ଜିନ ଡବଲ ବିକାଶ' ନାରା ଡବଲ ଧୋକାରେ ପରିଣତ ହୋଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଅଭିଯୋଗ କରିଛନ୍ତି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଲେ ଯେ କେନ୍ଦ୍ର ସରକାରଙ୍କ ଉଚ୍ଚାଭିଳାଷୀ ଭାରତମାଳା ପ୍ରକଳ୍ପର ଅଂଶ ଭାବେ ଓଡ଼ିଶାରେ ପ୍ରାୟ ୪୧୩ କିଲୋମିଟର ଦୀର୍ଘ ଉପକୂଳବର୍ତ୍ତୀ ରାଜପଥ ନିର୍ମାଣ ପାଇଁ ପରିକଳ୍ପନା କରାଯାଇଥିଲା। ପ୍ରକଳ୍ପ ସହ ରତନପୁରଠାରୁ ଚନ୍ଦନପୁର ପର୍ଯ୍ୟନ୍ତ ରାସ୍ତାକୁ ଜାତୀୟ ରାଜପଥ ଭାବେ ମାନ୍ୟତା ଦେଇ ଏହାକୁ ଉପକୂଳ ରାଜପଥ ସହିତ ସଂଯୋଗ କରାଯିବ ବୋଲି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ସୂଚନା ଦେଇଥିଲେ। ଏହି ପ୍ରକଳ୍ପ ନିର୍ମାଣ ହେଲେ ରାଜ୍ୟର ଭିତ୍ତିଭୂମି, ଗମନା ଗମନ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହିତ ରାଜ୍ୟ ପାଇଁ ଅନେକ ନୂଆ ସମ୍ଭାବନା ସୃଷ୍ଟି କରିବାରେ ସହାୟକ ହେବ ବୋଲି କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପର ଦୂରତା ୪୧୩ କିମିରୁ ୩୪୬ କିମିକୁ କମାଇ ଦିଆଯାଇଥିଲା। ରାମେଶ୍ୱର ଠାରୁ ରତନପୁର ପର୍ଯ୍ୟନ୍ତ ୧୭୬ କିମି ଚାରି ଲେନ ବିଶିଷ୍ଟ ରାସ୍ତା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ରତନପୁର ଠାରୁ ୧୭୦ କିମି ରାସ୍ତା ନିର୍ମାଣର ଡିପିଆର ପ୍ରସ୍ତୁତି ସ୍ତରରେ ଅଟକି ରହିଛି। ଏହି ପ୍ରକଳ୍ପର କାମ ଆଗେଇବାରେ ଅହେତୁକ ବିଳମ୍ବ ହୋଇଥିବା ବେଳେ ଟେଣ୍ଡରକୁ ଅଚାନକ ବାତିଲ କରିବା ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଚାଲି ଯାଇଛି। ଶ୍ରୀ ଦାସବର୍ମା କହିଥିଲେ ଯେ ଏହି ଟେଣ୍ଡରକୁ ବାତିଲ କରିବା ପାଇଁ ପ୍ରଶାସନିକ କାରଣ ଦର୍ଶାଯାଇଥିଲେ ମଧ୍ୟ ବିଶେଷକରି ପ୍ରକଳ୍ପର ପୁନଃଆକଳନ ପରେ ପ୍ରକଳ୍ପ ଢାଞ୍ଚାରେ ପରିବର୍ତ୍ତନ କରାଯିବ ବୋଲି ସୂଚନା ମିଳିଛି। ଆରମ୍ଭରୁ ଏହି ପ୍ରକଳ୍ପରେ ନିର୍ମିତ ହେବାକୁ ଥିବା ରାଜପଥ ଚାରି ଲେନ ବିଶିଷ୍ଟ ହେବ ବୋଲି କୁହାଯାଇଥିଲା ଓ ସେହି ହିସାବରେ ଟେଣ୍ଡର ଆହ୍ୱାନ ମଧ୍ୟ କରାଯାଇଥିଲା। କିନ୍ତୁ ପ୍ରକଳ୍ପର ପୁନଃଆକଳନ ପରେ ଏହାକୁ ଦୁଇ ଲେନ କରାଯିବ ବୋଲି ସୂଚନା ମିଳିଛି, ଯାହା ଆଦୌ ଗ୍ରହଣୀୟ ନୁହେଁ। ଏହି ପ୍ରକଳ୍ପରେ ଅହେତୁକ ବିଳମ୍ବ ଘଟିବାରୁ ଓ ଏବେ ଟେଣ୍ଡର ବାତିଲ ହୋଇ ଏହାକୁ ଚାରି ଲେନ ପରିବର୍ତ୍ତେ ଦୁଇ ଲେନ କରିବା ପାଇଁ ହୋଇଥିବା ନିଷ୍ପତ୍ତି ରାଜ୍ୟର ସ୍ୱାର୍ଥ ବିରୋଧୀ। ତେଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରନ୍ତୁ ଓ ଏହି ପ୍ରକଳ୍ପ କିପରି ପୂର୍ବ ଯୋଜନା ଅନୁଯାୟୀ ଚାରି ଲେନ ବିଶିଷ୍ଟ ହେବା ସହିତ ଶୀଘ୍ର ସମ୍ପୂର୍ଣ୍ଣ ହେବ ତାହା ନିଶ୍ଚିତ କରନ୍ତୁ ବୋଲି ଶ୍ରୀ ଦାସବର୍ମା ଦାବି କରିଛନ୍ତି।

# ଘୋର୍ ଅନ୍ଧବିଶ୍ୱାସ!

# ଗର୍ଭବତୀଙ୍କ ପେଟ ଚିରି ଗଛମୂଳେ ଛାଡ଼ିଦେଲେ

ମହାକାଳପଡ଼ା,୨୭।୫(ସମିସ): ଘୋର୍ ଅନ୍ଧବିଶ୍ୱାସ। ଜଣେ ଗର୍ଭବତୀଙ୍କ ମୃତ୍ୟୁ ପରେ ତାଙ୍କ ଶବକୁ ସତ୍କାର ନ କରି ପେଟ ଚିରି ବଣ ଭିତରେ ଏକ କଦଳୀ ଗଛ ମୂଳରେ ବାନ୍ଧି ରଖିଦେବା ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମହାକାଳପଡ଼ା ବ୍ଲକ୍ ବିଜୟନଗର ଗ୍ରାମରେ। ମୃତ ମହିଳାଜଣଙ୍କ ହେଲେ, ଗ୍ରାମର ସନ୍ତୋଷ ସାହୁଙ୍କ ପତ୍ନୀ ପଦ୍ମିନୀ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଗ୍ରାମବାସୀମାନେ ଏପରି କରିଥିବା ଜଣାଯାଇଛି। ସେମାନଙ୍କ ଯୁକ୍ତି ହେଲା, ଗର୍ଭବତୀ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହେଲେ, ଉଭୟ ମହିଳା ଓ ପେଟରେ ବଢୁଥିବା ଛୁଆ ଆତ୍ମାର ଶାନ୍ତି ପାଇଁ ଶରୀରକୁ ପୋଡ଼ିବା କିମ୍ବା ପୋତିବା ଉଚିତ ନୁହେଁ। ପେଟ ଚିରି କଦଳୀ ଗଛ ପାଖରେ ରଖିଦେଲେ ଆତ୍ମାଶାନ୍ତି ପାଇଯିବ। ତେବେ ଜଣେ ସମାଜସେବୀଙ୍କ ହସ୍ତକ୍ଷେପ ପରେ ତାଙ୍କ ମୃତଦେହକୁ ପୋତାଯାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ପଦ୍ମିନୀ ୪ ମାସର ଗର୍ଭବତୀ ଥିଲେ। ତେଣୁ ମେଡିକାଲରେ ମୃତ୍ୟୁବରଣ କରିଥିବା ଗର୍ଭବତୀ ମହିଳାଙ୍କ ମୃତଦେହକୁ ସୋମବାର ଗ୍ରାମ ନିକଟ ନଦୀକୂଳର ବଣ ଭିତରେ ଏକ ଗଛ ମୂଳରେ ରଖିଦେଇଥିଲେ। ମଙ୍ଗଳବାର ଏହି ଘଟଣା ବିଷୟରେ ଜଣାପଡିବା ପରେ ସ୍ଥାନୀୟ ସମାଜସେବୀ ଓ ଲୋକଙ୍କ ସହଯୋଗରେ ପରିବାରଲୋକ ମୃତଦେହକୁ ଆଣି ପୋତିଥିବା ଜଣାପଡ଼ିଛି।

କିନ୍ତୁ ପଦ୍ମିନୀ ମଧୁମେହ ରୋଗରେ ଆକ୍ରାନ୍ତ ଥିବାରୁ ଅଧିକାଂଶ ସମୟରେ ତାଙ୍କ ଦେହ ଭଲ ରହୁନଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାରଲୋକ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ

**ସମାଜସେବୀଙ୍କ ହସ୍ତକ୍ଷେପ ପରେ ପୋତାହେଲା ମୃତଦେହ**

ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାରଲୋକ ସୋମବାର ମୃତଦେହକୁ ଘରକୁ ନେଇ ଆସିଥିଲେ। କିନ୍ତୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପରିବାରଲୋକ ତାଙ୍କ ଶବକୁ ପୋଡ଼ି କିମ୍ବା ନ ପୋତିନଥିଲେ। ଶବର ପେଟ ଚିରି ବଣ ଭିତରେ ଏକ କଦଳୀ ଗଛ ମୂଳରେ ରଖି ଦେଇଥିଲେ। ଖବର ପାଇ ଜଣେ ସ୍ଥାନୀୟ ସମାଜସେବୀ ତାଙ୍କ ପରିବାରଲୋକଙ୍କୁ ବୁଝାସୁଝା କରିବା ପରେ ମଙ୍ଗଳବାର ଶବକୁ ବଣ ଭିତରୁ ବାହାର କରି ସେମାନେ ମାଟି ତଳେ ପୋତିଛନ୍ତି।

# ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ 'ଉତ୍କଳ'ର ଭାରପ୍ରାପ୍ତ କୁଳପତି

ଭୁବନେଶ୍ୱର,୨୭।୫(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ନିଯୁକ୍ତ ହୋଇଛନ୍ତି। ଏନେଇ କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ କୁଳପତି କାର୍ଯ୍ୟରେ ଯୋଗଦେବା ଯାଏଁ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ପଦରେ କାର୍ଯ୍ୟ କରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଗତ ୨୩ ତାରିଖରେ ପୂର୍ବତନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ସରିଥିବାରୁ ବିଶ୍ୱବିଦ୍ୟାଳୟ ମୁରବୀଶୂନ୍ୟ ହୋଇଥିଲା। ପ୍ରଫେସର ଦଣ୍ଡପାଟ୍ ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ବାଇଓଟେକ୍ନୋଲୋଜି ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। ଉତ୍କଳରୁ ୨୦୦୨ରେ ସେ ପିଏଚ୍‌ଡି କରିଛନ୍ତି। ୨୦୧୦ ମସିହାରୁ ସେ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ଓ ଦକ୍ଷତା ରହିଛି। ଉତ୍କଳ ଦ୍ୱିତୀୟ କ୍ୟାମ୍ପସ୍‌ର ଓଏସ୍‌ଡି ଭାବେ କାର୍ଯ୍ୟ କରିବା ସହ ଉତ୍କର୍ଷ କେନ୍ଦ୍ର ସଂଯୋଜକ ଏବଂ ଗବେଷଣା ଓ ବିକାଶର ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ କରିଛନ୍ତି।



ଉତ୍କଳରେ ଭାରପ୍ରାପ୍ତ କୁଳପତି ନିଯୁକ୍ତ ହେବାପରେ ଅନ୍ୟ ବିଶ୍ୱବିଦ୍ୟାଳୟରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ଥାୟୀ କୁଳପତି ନିଯୁକ୍ତିରେ ବିଫଳ ହୋଇଥିବା ସରକାର ପାତରଅନ୍ତର କରି ଭାରପ୍ରାପ୍ତ କୁଳପତି ନିଯୁକ୍ତି କରୁଥିବା ବରିଷ୍ଠ ପ୍ରାଧ୍ୟାପକମାନେ ଅଭିଯୋଗ କରିଛନ୍ତି। କାରଣ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେବା ପରେ ବରିଷ୍ଠ ପ୍ରାଧ୍ୟାପକଙ୍କ ବଦଳରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଭାରପ୍ରାପ୍ତ କୁଳପତି ନିଯୁକ୍ତ କରାଯାଇଛି। ଏପରିକି ଏହାକୁ ବିରୋଧ କରି ଉଚ୍ଚଶିକ୍ଷା ବିଭାଗ ନିକଟରେ ଅଭିଯୋଗ ମଧ୍ୟ ହୋଇଛି। ସେହିପରି ଭବାନୀପାଟଣାସ୍ଥିତ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ମୃତ୍ୟୁ ହେବାପରେ ସେଠାରେ ମଧ୍ୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଭାରପ୍ରାପ୍ତ କୁଳପତି ଭାବେ ନିଯୁକ୍ତି କରାଯାଇଛି। ଉତ୍କଳରେ ବରିଷ୍ଠ ପ୍ରାଧ୍ୟାପକଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ମିଳିଥିବା ବେଳେ ଅନ୍ୟ ବିଶ୍ୱବିଦ୍ୟାଳୟ ପାଇଁ କାହିଁକି ଭିନ୍ନ ନିୟମ ବୋଲି ପ୍ରଶ୍ନ ଉଠିଛି।

# ଗଠନ ହେଉନି ଶ୍ରୀମନ୍ଦିର ପରିଚାଳନା କମିଟି

# ଭୟ ନା ଚାପରେ ଆଇନ ବିଭାଗ ?

ପୁରୀ, ୨୭।୫ (ସମିସ): ମହାପ୍ରଭୁଙ୍କ ପ୍ରତି ବି ଚରମ ଅବହେଳା। ବିନା ପରିଚାଳନା କମିଟିରେ ଶ୍ରୀମନ୍ଦିର ପାଇଁ ନିଆଯାଉଛି ନିଷ୍ପତ୍ତି। ପୁରୁଣା କମିଟି ଭାଙ୍ଗିବାର ଇତିମଧ୍ୟରେ ୯ ମାସ ପୂରିବ। ହେଲେ ଏଯାଏ ନୂଆ କମିଟି ଗଠନ ହୋଇପାରୁନି। କାହିଁକି ଏତେ ବିଳମ୍ବ ହେଉଛି କମିଟି ଗଠନ; ଏହାକୁ ନେଇ ସାଧାରଣରେ ନାନା ଚର୍ଚ୍ଚା ହେଉଛି। ଆଗକୁ ରଥଯାତ୍ରା ଥିବାରୁ ନୀତି ବିଭ୍ରାଟ ଭୟରେ ନା କମିଟିରେ କାହାକୁ ସ୍ଥାନ ଦିଆଯିବ, ସେନେଇ ବିଭାଗ ଉପରେ ଚାପ ରହିଛି ବୋଲି ଆଲୋଚନା ହେଉଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ଶ୍ରୀମନ୍ଦିର ପ୍ରଶାସନ, ରାଜ୍ୟ ସରକାର କାହିଁକି ଏତେ ଉଦାସୀନ ବୋଲି ଅନେକ ପ୍ରଶ୍ନ ଉଠାଇଲେଣି।

ଶ୍ରୀମନ୍ଦିରର ପରିଚାଳନା, ମହାପ୍ରଭୁଙ୍କ ନୀତିକାନ୍ତି, ସେବାପୂଜାର ମୁଖ୍ୟ ହେଉଛି ପରିଚାଳନା କମିଟି। କମିଟିରେ ହିଁ ନିଆଯାଇଥାଏ ସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ତେଣୁ ପରିଚାଳନା କମିଟି ଗଠନ ପୂର୍ବରୁ ସବୁ ଦିଗକୁ ବିଚାରକୁ ନିଆଯାଇଥାଏ। ପରିଚାଳନା କମିଟି ସଦସ୍ୟ ସଂଖ୍ୟା ୧୮। ଏହାର ସ୍ଥାୟୀ ଅଧ୍ୟକ୍ଷ ଗଜପତି ମହାରାଜା ରହିଥିବା ବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଙ୍କର ଜଣେ ଅଧିକାରୀ କାର୍ଯ୍ୟକାରୀ ଅଧ୍ୟକ୍ଷ, ସଚିବ ରାଙ୍କର ଜଣେ ଅଧିକାରୀ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଉପମୁଖ୍ୟ ପ୍ରଶାସକ, ଆଇନ ବିଭାଗର ଅତିରିକ୍ତ ସଚିବ, ଦେବୋତ୍ତର କମିଶନର, ଏସ୍‌ପି ଏବଂ ଏଏସ୍ଆଇ ଅଧୀକ୍ଷଣ ଯନ୍ତ୍ରୀ କମିଟିର ସଦସ୍ୟ ରହିଥା'ନ୍ତି। ଏମାନଙ୍କ ବାଦ୍ ଅନ୍ୟ ୧୦ଜଣ ହେଉଛନ୍ତି ମନୋନୀତ ସଦସ୍ୟ। ଏମାନଙ୍କ ମଧ୍ୟରେ ୫ଜଣ ସେବାୟତ ପ୍ରତିନିଧି, ଜଣେ



ମଠ ପ୍ରତିନିଧି, ଜଣେ ମୁକ୍ତିମଣ୍ଡପ ପ୍ରତିନିଧି, ଜଣେ ଚାର୍ଟାଡ୍ ଆକାଉଣ୍ଟାଣ୍ଟ ଏବଂ ଦୁଇଜଣ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ରହିଥା'ନ୍ତି। ଯଦିଓ କମିଟିକୁ ୧୦ ମନୋନୀତ ସଦସ୍ୟ ଯିବାର ବ୍ୟବସ୍ଥା ରହିଛି, କିନ୍ତୁ ୫ ସେବାୟତଙ୍କ ପ୍ରତିନିଧିତ୍ୱକୁ ନେଇ ସବୁବେଳେ ଛକାପଞ୍ଝା ଚାଲେ। କିନ୍ତୁ କିଛି ବର୍ଷ ହେବ ସଦସ୍ୟତାକୁ ନେଇ ଏକ ନୂଆ ବିବାଦ ଉପୁଜିଛି। ନିର୍ଦ୍ଦିଷ୍ଟ ଭାବେ ୫ ସେବାୟତ ନିଯୋଗ (ପୂଜାପଣ୍ଡା, ପ୍ରତିହାରୀ, ଦଇତାପତି, ପୁଷ୍ପାଳକ ଏବଂ ସୁଆର ମହାସୁଆର) କାହିଁକି କମିଟିକୁ ଯିବେ, ଅନ୍ୟ ନିଯୋଗକୁ କାହିଁକି ସୁଯୋଗ ଦିଆଯାଉନାହିଁ ବୋଲି କେତେକ ନିଯୋଗ ସ୍ୱର ଉଠାଇଛନ୍ତି। ଏହି ସ୍ୱର କେବଳ ପୁରୀରେ ସୀମିତ ନାହିଁ; ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ପର୍ଯ୍ୟନ୍ତ ବି କଥା ଯାଇଛି। ତେବେ ଏନେଇ କିଛି ସ୍ପଷ୍ଟ ହୋଇ ନଥିବା ବେଳେ ୫ ଜଣ ସେବାୟତ ପ୍ରତିନିଧିଙ୍କୁ

**ପୁରୁଣା କମିଟି ଭାଙ୍ଗିବାର ୯ ମାସ ପୂରିବ**

ନେଇ ଅଙ୍କ ଛିଣ୍ଡୁନି। ଯେଉଁଥିପାଇଁ ପରିଚାଳନା କମିଟି ଗଠନ ବିଳମ୍ବ ହେଉଥିବା କୁହାଯାଉଛି।

ଅନ୍ୟପକ୍ଷରେ, ୨୦୨୧ ମସିହାରେ ଗଠିତ ହୋଇଥିବା ପରିଚାଳନା କମିଟିର କାର୍ଯ୍ୟକାଳ ୨୦୨୪ ସେପ୍ଟେମ୍ବର ୩ରେ ଶେଷ ହୋଇଛି। ଶ୍ରୀମନ୍ଦିରର ନିୟମାବଳୀ ଅନୁଯାୟୀ ପ୍ରତି ୩ ବର୍ଷରେ ଥରେ ନୂଆ ପରିଚାଳନା କମିଟି ଗଠନ ହେବ। ଏଥିରେ ୫ଟି ନିଯୋଗର ସେବାୟତ ପ୍ରତିନିଧିଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ପରିଚାଳନା କମିଟିରେ ରାଜ୍ୟ ସରକାର ମନୋନୀତ କରିଥା'ନ୍ତି। ତେବେ ସେବାୟତ ନିଯୋଗ ପ୍ରତିନିଧିଙ୍କୁ ନେଇ ଚାପରେ ଆଇନ ବିଭାଗ ରହିଥିବା କୁହାଯାଉଛି। ଗୋଟିଏ ଗୋଟିଏ ନିଯୋଗରୁ ବହୁସଂଖ୍ୟକ ଆଶାୟୀ ଥିବାରୁ କାହାକୁ ନେଇ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିହେବ, ତାହାର ଅଙ୍କ ଛିଣ୍ଡୁନି।

ବଡ଼କଥା ହେଉଛି ଆଗକୁ ରଥଯାତ୍ରା। ଯଦି କମିଟି ଗଠନକୁ ନେଇ ନିଯୋଗ ମଧ୍ୟରେ କିଛି ଅପ୍ରୀତିକର ପରିସ୍ଥିତି ଉପୁଜେ ତେବେ ରଥଯାତ୍ରାରେ ବିଭ୍ରାଟ ହୋଇପାରେ। ଏହି ଭୟ ମଧ୍ୟ ଆଇନ ବିଭାଗକୁ ଗୋଡାଉଛି। ତେଣୁ କୌଣସି ମତେ ରଥଯାତ୍ରା ପର ପର୍ଯ୍ୟନ୍ତ କମିଟି ଗଠନକୁ ଗଡ଼ାଇ ନେବାର ଚକ୍ରାନ୍ତ ହୋଇଥିବା ଚର୍ଚ୍ଚା ହେଉଛି।

ଅନ୍ୟ ଏକ ପ୍ରସଙ୍ଗକୁ ନେଇ ମଧ୍ୟ ଲୋକେ ଆଲୋଚନା କରୁଛନ୍ତି। ସେବାୟତ ପ୍ରତିନିଧିଙ୍କୁ ନେଇ ଚାପରେ ଆଇନ ବିଭାଗ ରହିଥିବା କହୁଛନ୍ତି। କାରଣ ଗୋଟିଏ ଗୋଟିଏ ନିଯୋଗରୁ ତାଙ୍କ ଦଳର ଏକାଧିକ ସମର୍ଥକ ଆଶାୟୀ ଅଛନ୍ତି। ବିଭିନ୍ନ ବାଟରେ ସମସ୍ତେ ଲବି କରୁଛନ୍ତି। ତେଣୁ କାହାକୁ ଚୟନ କରାଯିବ, ତାକୁ ନେଇ ଆଇନ ବିଭାଗ ଚାପରେ ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି। କେବେ ଏହି ଚର୍ଚ୍ଚା, ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପଡ଼ି ଶ୍ରୀମନ୍ଦିର ନୂଆ ପରିଚାଳନା କମିଟି ଗଢ଼ା ହେବ, ତାହାକୁ ଚାହିଁ ରହିଛନ୍ତି ଭକ୍ତ।





RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-329 ♦BHUBANESWAR ♦WEDNESDAY ♦28 MAY 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୨୯ ♦ଭୁବନେଶ୍ୱର ♦ବୁଧବାର ♦୨୮ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ସେପ୍ଟେମ୍ବର ୧୫ ଯାଏଁ ବଢ଼ିଲା ଆଇଟି ରିଟର୍ଣ୍ଣ ଦାଖଲ ଅବଧି




■ **ନୂଆଦିଲ୍ଲୀ, ୨୭।୫(ଏଜେନ୍ସି): ବଢ଼ିଲା** ଆୟକର ରିଟର୍ଣ୍ଣ ଦାଖଲ ଅବଧି। ଆର୍ଥିକବର୍ଷ ୨୦୨୫ ପାଇଁ ଆୟକର ରିଟର୍ଣ୍ଣ (ଆଇଟିଆର୍) ଦାଖଲ କରିବାର ଶେଷ ତାରିଖ ଜୁଲାଇ ୩୧ ହୋଇଥିବା ବେଳେ ଏହାକୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆୟକର ବିଭାଗ ପକ୍ଷରୁ ଆଜି ଏସମ୍ପର୍କରେ ସୂଚନା ଦିଆଯାଇଛି। ତେବେ ଆଇଟିଆର୍ ଦାଖଲ ପ୍ରକ୍ରିୟା ଜୁନ୍ ପ୍ରଥମ ସପ୍ତାହରୁ ଆରମ୍ଭ ହେଉଛି। ସାଧାରଣତଃ ଆୟକର ଦାଖଲ ଏପ୍ରିଲ ପହିଲାରୁ ଆରମ୍ଭ ହୁଏ, କିନ୍ତୁ ଚଳିତବର୍ଷ ଏହା ବିଳମ୍ବିତ ହେଉଛି। ଆଇଟିଆର୍ ଫର୍ମର ସରଳୀକରଣ ଲାଗି ଅର୍ଥ ମନ୍ତ୍ରୀ ବଜେଟ ଉପସ୍ଥାପନ ବେଳେ ଘୋଷଣା କରିଥିଲେ। ତାହାକୁ ଦୃଷ୍ଟିରେ ରଖି ଫର୍ମରେ କେତେକ ପରିବର୍ତ୍ତନ କରାଯାଉଛି। ଆବଶ୍ୟକ ଅନଲାଇନ୍ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ପୋର୍ଟାଲରେ ଉପଲବ୍ଧ ହୋଇନାହିଁ। ଏଥିପାଇଁ ଆଉ କିଛି ଦିନ ଲାଗିଯିବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଯଦି ସେପ୍ଟେମ୍ବର ୧୫ ଶେଷ ଅବଧି ସୁଦ୍ଧା ରିଟର୍ଣ୍ଣ ଦାଖଲ କରା ନ ଯାଏ, ତେବେ ୫ ଲକ୍ଷ ଟଙ୍କାରୁ କମ୍ ଆୟ ଥିବା ବ୍ୟକ୍ତିଙ୍କ ପାଇଁ ୧୦୦୦ ଟଙ୍କା ଏବଂ ୫ ଲକ୍ଷ ଟଙ୍କାରୁ ଅଧିକ ଆୟ ଥିବା ବ୍ୟକ୍ତିଙ୍କ ପାଇଁ ୫୦୦୦ ଟଙ୍କା ଜରିମାନା ଲାଗୁ ହେବ।

## ଜଷ୍ଟିସ୍ ପାଠକ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି



■ **ନୂଆଦିଲ୍ଲୀ/କଟକ,୨୭।୫(ସମିସ): ବିଭିନ୍ନ** ହାଇକୋର୍ଟର ୨୧ ଜଣ ବିଚାରପତିଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ସୁପାରିସ କରାଯାଇଛି। ଗତକାଲି ପ୍ରଧାନ ବିଚାରପତି ଜଷ୍ଟିସ୍ ବି ଆର ଗଭାଇଙ୍କ ଅଧ୍ୟକ୍ଷତାରେ ବସିଥିବା କଲେଜିୟମ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସୁପ୍ରିମକୋର୍ଟ ପକ୍ଷରୁ ମଙ୍ଗଳବାର ଜାରି କରାଯାଇଥିବା ବିବୃତି ଅନୁଯାୟୀ, ଗୌହାଟୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟ, ତେଲଙ୍ଗାନା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସୁଜୋୟ ପାଲଙ୍କୁ କୋଲକାତା ହାଇକୋର୍ଟ, କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଭି କାମେଶ୍ୱର ରାଓଙ୍କୁ ଦିଲ୍ଲୀ ହାଇକୋର୍ଟ, ଗୌହାଟୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଏଲ ଜମିରଙ୍କୁ କୋଲକାତା ହାଇକୋର୍ଟ, ବମ୍ବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ନିତୀନ ସାମ୍ବ୍ରେଙ୍କୁ ଦିଲ୍ଲୀ ହାଇକୋର୍ଟ, ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଅଶ୍ୱିନୀ କୁମାର ମିଶ୍ରଙ୍କୁ ପଞ୍ଜାବ ଓ ହରିଆଣା ହାଇକୋର୍ଟ, ଗୌହାଟୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସୁମନ ଶ୍ୟାମଙ୍କୁ ବମ୍ବେ ହାଇକୋର୍ଟ, କେରଳ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଦୀନେଶ କୁମାର ସିଂଙ୍କୁ କର୍ଣ୍ଣାଟକ ହାଇକୋର୍ଟ, ▸ପୃଷ୍ଠା-୭

## ଈଶ୍ୱରଙ୍କ ନାମରେ ଶପଥ

# ବିକାଶରେ ପକ୍ଷପାତ

## ବିଜେପି ବିଧାୟକ ଯେଉଁଠି, ସରକାରଙ୍କ ପାଣ୍ଠି ସେଇଠି

■ **ଭୁବନେଶ୍ୱର/ ନୟାଗଡ଼, ୨୭।୫ (ସମିସ):** ଆଉ ୧୫ ଦିନ ପରେ ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ପାଳନ କରିବ ବର୍ଷପୂର୍ତ୍ତି। ଏଥିପାଇଁ ସରକାର ଓ ପ୍ରଶାସନିକସ୍ତରରେ ବ୍ୟାପକ ଆୟୋଜନ ହୋଇଛି। ବର୍ଷପୂର୍ତ୍ତି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ସରକାର ଓ ପ୍ରଶାସନ ଲାଗି ପଡ଼ିଛନ୍ତି। ବର୍ଷେ ହେଲା ରାଜ୍ୟରେ ବିକାଶମୂଳକ କାର୍ଯ୍ୟ ଏକପ୍ରକାର ବନ୍ଦ ପଡ଼ିଛି। ଗାଁ ଗଣ୍ଡାରେ ସଡ଼କ ମୁଠାଏ ନାଳିମାଟିକୁ ଝୁରି ହେଉଛି। ତୃଣମୂଳସ୍ତରରେ ଶାସକ ଦଳର ନେତା ଓ କର୍ମୀଙ୍କ ଅଯଥା ହସ୍ତକ୍ଷେପ ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ ଅଟକି ରହିଛି। ଏହି ସମୟରେ ବିନା ଭୟ ଓ ପକ୍ଷପାତରେ କାର୍ଯ୍ୟ କରିବାକୁ ଶପଥ ନେଇଥିବା ସରକାର ଏବେ ବିକାଶମୂଳକ କାର୍ଯ୍ୟରେ ସମ୍ପୂର୍ଣ୍ଣ ପକ୍ଷପାତ ନୀତି ଅବଲମ୍ବନ କରିଥିବା ଅଭିଯୋଗ ହୋଇଛି। କେବଳ ବିଜେପି ବିଧାୟକମାନଙ୍କ ନିର୍ବାଚନମଣ୍ଡଳୀଗୁଡ଼ିକୁ ବିକାଶମୂଳକ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ପାଣ୍ଠି ମଞ୍ଜୁର କରାଯାଇଥିବା ବେଳେ ବିରୋଧୀ ବିଜେଡି, କଂଗ୍ରେସ, ସିପିଏମ୍ ନିର୍ବାଚିତ ହୋଇଥିବା ବିଧାନସଭା କ୍ଷେତ୍ରଗୁଡ଼ିକ ସରକାରଙ୍କ ସ୍ୱତନ୍ତ୍ର ସହାୟତାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟର ୩୦ ଜିଲ୍ଲା ମଧ୍ୟରୁ ବିଜେପି ବିଧାୟକ ନ ଥିବା ରାୟଗଡ଼ା ଓ ନୂଆପଡ଼ା ଜିଲ୍ଲାକୁ ଟଙ୍କାଟିଏ ଅନୁଦାନ ପ୍ରଦାନ କରାଯାଇ ନ ଥିବା ଏହି ସୂତ୍ରରୁ ସୂଚନା ମିଳିଛି।

ବିଭିନ୍ନ ସମୟରେ ଜରୁରୀ ଆବଶ୍ୟକତା ନିମନ୍ତେ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ୧୯୯୭ ମସିହାରେ ସ୍ପେସିଆଲ ପ୍ରୋବ୍ଲେମ୍ ଫଣ୍ଡ (ଏସ୍‌ପିଏଫ୍) ନାମରେ ଏହି ପାଣ୍ଠି ପ୍ରଦାନ ବ୍ୟବସ୍ଥା ଆରମ୍ଭ ହୋଇଥିଲା ଓ ୨୦୨୩-୨୪ ଆର୍ଥିକ ବର୍ଷରେ ଏହାର ନାମ ପରିବର୍ତ୍ତନ କରାଯାଇ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା (ସିଏମ୍‌ଏସ୍‌ଏ) ରଖାଯାଇଥିଲା। ଜନସାଧାରଣଙ୍କ ଆବଶ୍ୟକତା ପୂରଣ ନିମନ୍ତେ ଏହି ଅର୍ଥ ପ୍ରଦାନ କରାଯାଉଥିଲା ଏବଂ ଏଥିରେ ଗ୍ରାମାଞ୍ଚଳରେ ପ୍ରାର୍ଥନା ଗୃହ, ଭାଗବତ ମଣ୍ଡପ, ପାଠାଗାର, ପୋଖରୀ, ପାର୍କ, ଛୋଟ ସେତୁ ଓ କଲଭର୍ଟ ନିର୍ମାଣ ବ୍ୟବସ୍ଥା ଥିଲା। ସେହିପରି ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ଓ ଧାର୍ମିକ ପୀଠର ଉନ୍ନତୀକରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା।

ଗତ ସରକାର ସମୟରେ ସ୍ଥାନୀୟ ଜନସାଧାରଣଙ୍କ ଆପତ୍ତି ଓ ଦାବି ଅନୁସାରେ ସରକାର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଦଳମତ ନିର୍ବିଶେଷରେ ସବୁ ନିର୍ବାଚନମଣ୍ଡଳୀରେ ବିକାଶମୂଳକ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ମାତ୍ର ସମ୍ପ୍ରତି ରାଜ୍ୟରେ ଏକ ନୂଆ ପରମ୍ପରା ଆରମ୍ଭ ହୋଇଛି। କେବଳ ବିଜେପି ବିଧାୟକମାନେ ବିଜୟୀ ହୋଇଥିବା ନିର୍ବାଚନମଣ୍ଡଳୀକୁ ସିଏମ୍‌ଏସ୍‌ଏରେ ହାରାହାରି ଦୁଇ କୋଟି ଟଙ୍କା ଲେଖାଏଁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ମାତ୍ର ଯେଉଁଠି ବିଜେଡି ବା କଂଗ୍ରେସ ବିଧାୟକମାନେ ବିଜୟୀ ହୋଇଛନ୍ତି, ସେହି ନିର୍ବାଚନମଣ୍ଡଳୀଗୁଡ଼ିକୁ ଅନୁରୂପ ସହାୟତା ମିଳି ନ ଥିବା ଅଭିଯୋଗ ହୋଇଛି। ଏହି ସୂତ୍ରରୁ ମିଳିଥିବା ▸ପୃଷ୍ଠା-୭

## ଛେଣ୍ଡିପଦାକୁ ଲଣ୍ଡା କରିବ କୋଇଲା ଖଣି

# କଟାଯିବ ୯୨୭ ଲକ୍ଷ ଗଛ





**ଖଣି ପେଟରେ ପଶିବ ୩୮୪୫୨ ଏକର ଜଙ୍ଗଲ**

**ଭିଟାମାଟି ହରାଇବେ ୩ହଜାର ୮୭୪ ପରିବାର**

**ଲୀନ ହୋଇଯିବ ୨୬ ଛୋଟବଡ଼ ପ୍ରାକୃତିକ ନାଳ**

**ଜନସାଧାରଣ ହରାଇବେ ୨୮ ହଜାର ଚାଷଜମି**

■ **ଅନୁଗୋଳ, ୨୭।୫ (ସଂଗ୍ରାମ ଦାସ):** ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ୪୦ରୁ ଊର୍ଦ୍ଧ୍ୱ କୋଇଲା ଖଣି ଖନନ ଅନୁମତି ଛେଣ୍ଡିପଦା ଅଞ୍ଚଳ ପାଇଁ ଅଭିଶାପ ପାଲଟିଛି। ବର୍ତ୍ତମାନ ଏହି ଅଞ୍ଚଳରେ ୪ ଖଣିରୁ କୋଇଲା ଉତ୍ତୋଳନ କରାଯାଉଛି। ଆଉ ୪ରୁ ୫ଟି ଖଣି ଖନନ ପାଇଁ ଜଙ୍ଗଲ ସଫା ହେଉଛି। ଯାହା ଫଳରେ ଛେଣ୍ଡିପଦା ଅଞ୍ଚଳ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି। ଶସ୍ୟ ଶ୍ୟାମଳା ଓ ଘଞ୍ଚ ଜଙ୍ଗଲ ସମ୍ପଦରେ ପରିପୂର୍ଣ୍ଣ ଛେଣ୍ଡିପଦା ଅଞ୍ଚଳ ଆଉ କିଛି ବର୍ଷ ପରେ ମାନଚିତ୍ରରୁ ଲିଭିଯିବା ଆଶଙ୍କା ସୃଷ୍ଟି ହୋଇଛି।

ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା ବ୍ଲକ୍ ପ୍ରାକୃତିକ ଶାଳ ଜଙ୍ଗଲରେ ପରିପୂର୍ଣ୍ଣ। ଏହାଛଡ଼ା ଏଠାକାର ଉର୍ବର ମାଟି ଓ ପାଣିର ସୁବିଧା ଯୋଗୁଁ ୧୨ ମାସରେ ୧୩ ଫସଲ କରି ଚାଷୀମାନେ ସୁଖରେ ଜୀବନଯାପନ ▸ପୃଷ୍ଠା-୭

## ଝିଅକୁ ଦୁଷ୍କର୍ମ ଉଦ୍ୟମ; ବାପାକୁ ତୀରମାଡ଼



■ **ମହୁଲଡିହା, ୨୭।୫ (ସମିସ):** ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ବେଳେ ପ୍ରତିବାଦ କରିବାରୁ ବାପାକୁ ତୀରମାଡ଼। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅଞ୍ଚଳରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ତୀରଟି ନାବାଳିକା ବାପାଙ୍କ ହାତରେ ପଶି ଯାଇଛି। ସ୍ଥାନୀୟ ଲୋକ ତାଙ୍କୁ ଚିକିତ୍ସା ଲାଗି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ସେଠାରେ ଡାକ୍ତର ତୀରକୁ ସଫଳତାର ସହ ହାତରୁ ବାହାର କରିଥିବା ଜଣାଯାଇଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଛାନ୍‌ଭିନ୍ ଆରମ୍ଭ କରିଛି। ଅପରପକ୍ଷେ, ଗିରଫ ଭୟରେ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ତଦନ୍ତ ଜାରି ରଖିଛନ୍ତି। ସୂଚନାନୁଯାୟୀ, ସୋମବାର ସଂଧ୍ୟାରେ ଅଭିଯୁକ୍ତଜଣକ ନାବାଳିକାଙ୍କୁ ଦୁଷ୍କର୍ମ ▸ପୃଷ୍ଠା-୭







### ୱାକଫ୍ ଆଇନ ୧୯୯୫କୁ ଚାଲେଞ୍ଜ

## କେନ୍ଦ୍ର, ରାଜ୍ୟଙ୍କୁ 'ସୁପ୍ରିମ୍' ନୋଟିସ୍



■ **ନୂଆଦିଲ୍ଲୀ, ୨୭।୫ (ଏଜେନ୍ସି):** ନୂଆ ୱାକଫ୍ ସଂଶୋଧନ ଆଇନ, ୨୦୨୫କୁ ନେଇ ସୁପ୍ରିମ କୋର୍ଟରେ ମାମଲା ଚାଲିଥିବା ବେଳେ ୧୯୯୫ରେ ପ୍ରସ୍ତୁତ ୱାକଫ୍ ଆଇନରେ ରହିଥିବା କେତେକ ବ୍ୟବସ୍ଥାର ବୈଧତାକୁ ଚାଲେଞ୍ଜ କରାଯାଇଛି। ଏସଂକ୍ରାନ୍ତରେ ସୁପ୍ରିମ କୋର୍ଟରେ ପିଟିସନ ଦାଖଲ ହୋଇଛି। ଏହା ଉପରେ ଉତ୍ତର ରଖିବା ଲାଗି ସୁପ୍ରିମକୋର୍ଟ ଆଜି କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନୋଟିସ ଜାରି କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିବ। ଏହି ଖଣ୍ଡପୀଠ ଏବେ ବହୁଚର୍ଚ୍ଚିତ ୱାକଫ୍ ସଂଶୋଧିତ ଆଇନ, ୨୦୨୫ର ମଧ୍ୟ ଶୁଣାଣି କରୁଛନ୍ତି। ପିଟିସନରେ କୁହାଯାଇଛି ଯେ ୱାକଫ୍ ଦାନ କରାଯାଇଥିବା ସଂପତ୍ତି ହୋଇଥିବାରୁ ଏହାର ପରିଚାଳନା ଦାୟିତ୍ୱ କେବଳ ମୁସଲମାନଙ୍କ ହାତରେ ରହିଛି। ଅନ୍ୟପକ୍ଷରେ ଅନ୍ୟ ଧର୍ମରେ ଏଭଳି ବ୍ୟବସ୍ଥା ନାହିଁ। ୧୯୯୫ ଆଇନ ହେଉଛି ▸ପୃଷ୍ଠା-୭

## ସିଏଆର ଟି-କୋଷ ଚିକିତ୍ସା ବିଷୟରେ ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ




### ✔ ସିଏଆର-ଟି କୋଷ ଚିକିତ୍ସା କ'ଣ?

ସିଏଆର-ଟି ଚିକିତ୍ସା ହେଉଛି ଏକ ପ୍ରକାରର ଇମ୍ୟୁନୋଥେରାପି, ଯାହା କର୍କଟ ରୋଗର ଚିକିତ୍ସାରେ ବ୍ୟବହୃତ ହୁଏ। ଇମ୍ୟୁନୋଥେରାପି ହେଉଛି ରୋଗୀଙ୍କ ନିଜସ୍ୱ ଟି-କୋଷଗୁଡ଼ିକୁ ବୁଝାଏ, ଯାହାକୁ ତାଙ୍କ ନିଜସ୍ୱ ରକ୍ତରୁ ବାହାର କରି ଏକ ପରୀକ୍ଷାଗାରରେ ରୂପାନ୍ତରିତ କରାଯାଏ, ଯାହା ଦ୍ୱାରା ଏହି ଟି-କୋଷଗୁଡ଼ିକ କର୍କଟ ରୋଗ କୋଷଗୁଡ଼ିକୁ ଚିହ୍ନି ନଷ୍ଟ କରି ଦେଇଥାନ୍ତି। ଏହି ଇଞ୍ଜିନିୟରଡ୍ ଟି-କୋଷଗୁଡ଼ିକୁ, ଯାହାକୁ ସିଏଆର-ଟି କୋଷ କୁହାଯାଏ, କର୍କଟ ରୋଗ ସହିତ ଲଢ଼ିବା ପାଇଁ ରୋଗୀଙ୍କ ଭିତରେ ପୁନର୍ବାର ପ୍ରବେଶ କରାଯାଏ। ଏହାକୁ ଲ୍ୟୁକେମିଆ, ଲିମ୍ଫୋମା ଏବଂ ମଲ୍ଟିପଲ୍ ମାଏଲୋମା ଭଳି କିଛି ପ୍ରକାରର ରକ୍ତ କର୍କଟ ରୋଗର ଚିକିତ୍ସା ପାଇଁ ଅନୁମୋଦିତ କରାଯାଇଛି।

### ✔ ଏହି ଟି-କୋଷଗୁଡ଼ିକ କ'ଣ ଏବଂ ଏହି ପ୍ରକାରର ଇମ୍ୟୁନୋଥେରାପି ପାଇଁ କେବଳ ଟି -କୋଷ କାହିଁକି ବ୍ୟବହୃତ ହୁଏ?

ଟି-କୋଷଗୁଡ଼ିକ ହେଉଛି ଲିମ୍ଫୋସାଇଟ୍, ଏକ ପ୍ରକାର ଧଳା ରକ୍ତ କୋଷ, ଯାହା ପ୍ରାକୃତିକ ଭାବରେ ସଂକ୍ରମଣ ବିରୁଦ୍ଧରେ ଲଢ଼ିବା ଏବଂ ଅସ୍ୱାଭାବିକ କୋଷଗୁଡ଼ିକୁ ଆକ୍ରମଣ କରିବାରେ ଜଡ଼ିତ।

ଆମର ପ୍ରତିରକ୍ଷା ପ୍ରଣାଳୀ ଅନୁପ୍ରବେଶକାରୀ କୋଷଗୁଡ଼ିକର ପୃଷ୍ଠରେ ଆଣ୍ଟିଜେନ୍ ନାମକ ପ୍ରୋଟିନ୍ ଟ୍ରାକ୍ କରି କର୍କଟ ରୋଗ ସମେତ ଅନୁପ୍ରବେଶକାରୀଙ୍କ ପାଇଁ ଆମ ଶରୀରକୁ ନିରୀକ୍ଷଣ କରେ। ଆମର ଟି-କୋଷଗୁଡ଼ିକର ରିସେପ୍ଟର ନାମକ ନିଜସ୍ୱ ପୃଷ୍ଠ ପ୍ରୋଟିନ୍ ଅଛି। ଏହି ରିସେପ୍ଟରଗୁଡ଼ିକ ଅସ୍ୱାଭାବିକ ଆଣ୍ଟିଜେନ୍ ଥିବା କୋଷଗୁଡ଼ିକୁ ଚିହ୍ନଟ କରିପାରିଥାନ୍ତି। ଟି-କୋଷଗୁଡ଼ିକ ଅସ୍ୱାଭାବିକ କୋଷଗୁଡ଼ିକ ପାଇଁ ଏକ ନିରୀକ୍ଷଣ ପ୍ରଣାଳୀ ଭାବରେ କାର୍ଯ୍ୟ କରେ, ଯେତେବେଳେ ଏକ ରିସେପ୍ଟର ଏକ ଅସ୍ୱାଭାବିକ କୋଷକୁ ଚିହ୍ନିଥାଏ ସେତେବେଳେ ଏହା ସକ୍ରିୟ ହୋଇଯାଏ। ସକ୍ରିୟ ଟି-କୋଷ କାର୍ଯ୍ୟ କରିଥାଏ, ଅସ୍ୱାଭାବିକ କୋଷଗୁଡ଼ିକୁ ନଷ୍ଟ କରିଦିଏ ଏବଂ ଆମ ପ୍ରତିରକ୍ଷା ପ୍ରଣାଳୀର ଅନ୍ୟ ଅଂଶଗୁଡ଼ିକୁ ସକ୍ରିୟ କରି ଅସ୍ୱାଭାବିକ କୋଷଗୁଡ଼ିକୁ ଖୋଜିବା ଏବଂ ନଷ୍ଟ କରିବାରେ ସାହାଯ୍ୟ କରେ।

ତଥାପି, ଆମର ଟି-କୋଷ ରିସେପ୍ଟରଗୁଡ଼ିକ ସର୍ବଦା କର୍କଟ କୋଷଗୁଡ଼ିକୁ ଚିହ୍ନଟ କରିପାରନ୍ତି ନାହିଁ। ତେଣୁ, ସିଏଆର-ଟି କୋଷଗୁଡ଼ିକ ହେଉଛି ଆମର ନିଜସ୍ୱ ଟି-କୋଷ, ଯାହାକୁ ପରିବର୍ତ୍ତନ କରାଯାଏ ଯାହା ଦ୍ୱାରା ସେମାନେ କର୍କଟ କୋଷଗୁଡ଼ିକର ପୃଷ୍ଠରେ ଏକ ନିର୍ଦ୍ଦିଷ୍ଟ ଆଣ୍ଟିଜେନକୁ ଚିହ୍ନିପାରିବେ। ବୈଜ୍ଞାନିକମାନେ ଏକ କାଇମେରିକ୍ ଆଣ୍ଟିଜେନ ରିସେପ୍ଟର ପାଇଁ ଏକ ଲ୍ୟାବ-ନିର୍ମିତ ଜିନ୍ ଯୋଡ଼ି ଆମର ଟି-କୋଷଗୁଡ଼ିକୁ ପରିବର୍ତ୍ତନ କରନ୍ତି। ପରବର୍ତ୍ତୀ ସମୟରେ, ନୂତନ ସିଏଆର-ଟି କୋଷଗୁଡ଼ିକ ବୃଦ୍ଧି ପାଏ ଏବଂ କର୍କଟ କୋଷଗୁଡ଼ିକୁ ପ୍ରଭାବଶାଳୀ ଭାବରେ ଟାର୍ଗେଟ କରିବା ପାଇଁ ବହୁଗୁଣିତ ହୁଏ।

ଏହି ଜେନେଟିକାଲ୍ ଭାବରେ ସଂଶୋଧିତ ଟି-କୋଷଗୁଡ଼ିକ ରୋଗୀଙ୍କ ଶରୀରରେ ପ୍ରବେଶ କରିବା ପରେ, ସେମାନେ କର୍କଟ କୋଷଗୁଡ଼ିକୁ ଚିହ୍ନଟ କରନ୍ତି ଏବଂ ନଷ୍ଟ କରନ୍ତି। କୋଷଗୁଡ଼ିକ ମଧ୍ୟ ବହୁ ଗୁଣିତ ହୋଇଥାନ୍ତି ଯାହା ଦ୍ୱାରା କର୍କଟ କୋଷଗୁଡ଼ିକୁ ଲକ୍ଷ୍ୟ କରି ସିଏଆର-ଟି କୋଷ ଗୁଡ଼ିକର ଦୀର୍ଘକାଳୀନ ଆବଶ୍ୟକତା ପୂରଣ କରିଥାଏ। ଏହି ଦୀର୍ଘକାଳୀନ ଯୋଗାଣ ଯୋଗୁ, ସିଏଆର-ଟି କୋଷ ଚିକିତ୍ସାକୁ ଏକ ପ୍ରକାର "ଜୀବନ୍ତ ଔଷଧ" ମଧ୍ୟ କୁହାଯାଏ।

### ✔ ସିଏଆର ଟି-ସେଲ୍ ପାଇଁ କାହିଁକି କିଛି ସପ୍ତାହ ଲାଗେ?

ସିଏଆର ଟି-ସେଲ୍ ଥେରାପି ହେଉଛି ଏକ ବ୍ୟକ୍ତିଗତ ଚିକିତ୍ସା ଯାହା ରୋଗୀଙ୍କ ନିଜସ୍ୱ ଟି-କୋଷରୁ ତିଆରି କରାଯାଏ। ରୋଗୀଙ୍କଠାରୁ କୋଷଗୁଡ଼ିକୁ (ଲ୍ୟୁକାଫେରେସିସ୍ ଦ୍ୱାରା) ସୃଷ୍ଟି କରାଯାଏ ଏବଂ ଏକ ନିୟନ୍ତ୍ରିତ ପରୀକ୍ଷାଗାରକୁ ପଠାଯାଏ, କଲଚର୍ କରାଯାଏ, ଜେନେଟିକାଲି ପରିବର୍ତ୍ତନ କରାଯାଏ ଏବଂ ତା'ପରେ ଏକ ଇଚ୍ଛିତ ଡୋଜ୍ ପହଞ୍ଚିବା ପାଇଁ ବହୁଗୁଣିତ କରାଯାଏ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଲ୍ୟୁକାଫେରେସିସ୍ ଠାରୁ ପ୍ରାୟ ୧୯ ଦିନ ସମୟ ନେଇଥାଏ।

### ✔ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟାଗୁଡ଼ିକ କ'ଣ ଏବଂ କେତେ ସାଧାରଣ?

କ) ସାଇଟୋକାଇନ୍ ରିଲିଜ୍ ସିଣ୍ଡ୍ରୋମ୍ (ସିଆରଏସ)- ନିଃଶ୍ୱାସ ନେବା, ଜ୍ୱର, ନିମ୍ନ ରକ୍ତଚାପ, ହୃଦୟ ଏବଂ ଫୁସ୍‌ଫୁସ୍ ସମସ୍ୟା ଦ୍ୱାରା ବର୍ଣ୍ଣିତ

ଖ) ସ୍ନାୟୁଗତ ଘଟଣା (ଆଇସିଏଏନଏସ)- ଆଫାସିଆ (କହିବାରେ ଅସୁବିଧା), ସନ୍ତୁଳନ ସମସ୍ୟା। ଦ୍ୱନ୍ଦ୍ୱ।
- ଡିସ୍‌ଗ୍ରାଫିଆ (ଲେଖିବାରେ ସମସ୍ୟା)
- ମୁଣ୍ଡବିନ୍ଧା
- ମୂର୍ଚ୍ଛା
- କମ୍ପନ କିମ୍ବା ଶରୀର ଟାଣି ଧରିବା

ଗ) ହେମୋଫାଗାସାଇଟିକ୍ ଲିମ୍ଫୋହିଷ୍ଟିଓସାଇଟୋସିସ୍ (ଏଚଏଲଏଚ- ଜ୍ୱର ଏବଂ କମ ରକ୍ତ ସଂଖ୍ୟା)

ଘ) ଦୀର୍ଘକାଳୀନ ନିମ୍ନ ରକ୍ତ କୋଷ ସଂଖ୍ୟା (ସାଇଟୋପେନିଆ)

### ✔ କେଉଁ ରୋଗୀମାନେ ସିଏଆର-ଟି ଚିକିତ୍ସା କରିପାରିବେ?

ଅନ୍ୟ ଚିକିତ୍ସା ପ୍ରଭାବଶାଳୀ ନ ହେଲେ କିମ୍ବା କର୍କଟ ପୁନରାବୃତ୍ତି ହେଲେ (ପୁଣି ଥରେ ହେଲେ) ସିଏଆର-ଟି ସେଲ୍ ଚିକିତ୍ସା କିଛି ପ୍ରକାରର ରକ୍ତ କର୍କଟ ରୋଗର ଚିକିତ୍ସା କରିବାର ଏକ ନୂତନ ଉପାୟ। କେତେକ ସମୟରେ, ସିଏଆର ଟି-ସେଲ୍ ଚିକିତ୍ସା କିଛି ପ୍ରକାରର ରକ୍ତ କର୍କଟ ରୋଗକୁ ସୁସ୍ଥ କରିପାରେ। ପ୍ରାୟତଃ, ଏହା ଲୋକଙ୍କୁ ଅଧିକ ଦିନ ବଞ୍ଚିବାରେ ସାହାଯ୍ୟ କରେ। ଅସ୍ଥି ମଜ୍ଜା ପ୍ରତିରୋପଣ ପରେ ମଧ୍ୟ ପୁନଃରୋଗ (ରୋଗ ଫେରି ଆସିବା) ହୋଇଥିବା ରୋଗୀଙ୍କ ଚିକିତ୍ସା ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରିବ।

### ✔ ନେକ୍ସ ସିଏଆର ୧୯ ସହିତ ଇନଫ୍ୟୁଜନ ଏବଂ ଡିସ୍‌ଚାର୍ଜ ପରେ ମୋତେ କୌଣସି ବିଶେଷ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ କି?

**ଆମେ ସୁପାରିସ କରୁଥିବା କିଛି ସତର୍କତା ନିମ୍ନ ପ୍ରକାରେ :**

କ) ସ୍ୱଚ୍ଛ ପରିବେଶରେ ରନ୍ଧା ଖାଦ୍ୟ ଗ୍ରହଣ କରନ୍ତୁ

ଖ) ସଂକ୍ରମଣର ଆଶଙ୍କା କମାଇବା ପାଇଁ ଭିଡ଼ ସ୍ଥାନରୁ ଦୂରେଇ ରୁହନ୍ତୁ (ପରିବାର କିମ୍ବା ଯତ୍ନ ନେଉଥିବା ବ୍ୟକ୍ତିଙ୍କଠାରୁ ଅଲଗା ରହିବା ଆବଶ୍ୟକ ନୁହେଁ)

ଗ) ଆପଣଙ୍କ ହେମାଟୋ-ଅଙ୍କୋଲୋଜିଷ୍ଟଙ୍କ ସୁପାରିସ ଅନୁଯାୟୀ ନିୟମିତ ଭାବରେ ନିର୍ଦ୍ଦେଶକୁ ଅନୁସରଣ କରନ୍ତୁ

ଘ) ଆପଣଙ୍କ ହେମାଟୋ-ଅଙ୍କୋଲୋଜିଷ୍ଟଙ୍କ ପରାମର୍ଶ ବିନା କୌଣସି ଔଷଧ ଆରମ୍ଭ କରନ୍ତୁ ନାହିଁ କିମ୍ବା ବନ୍ଦ କରନ୍ତୁ ନାହିଁ

ଘ) ଯଦି ଆପଣ ଅନ୍ୟ କୌଣସି ଅବସ୍ଥା ପାଇଁ ଚିକିତ୍ସା ଖୋଜୁଛନ୍ତି, ତେବେ ସିଏଆର ଟି-ସେଲ୍ ଥେରାପି ସହିତ ଚିକିତ୍ସା ପାଇଁ ପରାମର୍ଶ କରିବା ସମୟରେ ଏହି ଅବସ୍ଥାଗୁଡ଼ିକ ବିଷୟରେ ଆପଣଙ୍କ ଡାକ୍ତରଙ୍କୁ ଜଣାନ୍ତୁ।

### ✔ ଭାରତରେ ସିଏଆର-ଟି ଦ୍ୱାରା କେତେ ରୋଗୀଙ୍କୁ ଚିକିତ୍ସା କରାଯାଇଛି

ଆଜି ପର୍ଯ୍ୟନ୍ତ ୩୫୦ ରୁ ଅଧିକ ରୋଗୀଙ୍କୁ ସମ୍ପୂର୍ଣ୍ଣ ଭାରତରେ ନିର୍ମିତ ନେକ୍ସ ସିଏଆର ୧୯ ସହିତ ଚିକିତ୍ସା କରାଯାଇଛି। ବଜାରରେ କେବଳ କିଛି ସିଏଆର- ଟି ଉତ୍ପାଦ ଉପଲବ୍ଧ।

### ✔ ସିଏଆର-ଟି ଚିକିତ୍ସା ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ ମଧ୍ୟରେ କ'ଣ ପାର୍ଥକ୍ୟ ଅଛି?

**ମୁଖ୍ୟ ପାର୍ଥକ୍ୟ:**

- **କାର୍ଯ୍ୟ ପ୍ରଣାଳୀ:**

ସିଏଆର-ଟି କୋଷ ଚିକିତ୍ସା କର୍କଟ କୋଷଗୁଡ଼ିକୁ ସିଧାସଳଖ ଟାର୍ଗେଟ କରେ, ଯେତେବେଳେ କି ଅସ୍ଥି ମଜ୍ଜା ପ୍ରତିରୋପଣରେ ସୁସ୍ଥ ଷ୍ଟେମ୍ କୋଷ ସହିତ ଅସ୍ଥି ମଜ୍ଜା ପ୍ରତିସ୍ଥାପନ ଉପରେ ଧ୍ୟାନ ଦିଏ।

- **ଚିକିତ୍ସାର ଲକ୍ଷ୍ୟ:**

ସିଏଆର-ଟି କୋଷ ଚିକିତ୍ସା ମୁଖ୍ୟତଃ ରକ୍ତ କର୍କଟକୁ ଟାର୍ଗେଟ କରେ, ଯେତେବେଳେ ଅସ୍ଥି ମଜ୍ଜା ପ୍ରତିରୋପଣ ରକ୍ତ କର୍କଟ ଏବଂ ଅନ୍ୟାନ୍ୟ ରକ୍ତ ବ୍ୟାଧି ପାଇଁ ବ୍ୟବହୃତ ହୁଏ।

- **କୋଷର ଉତ୍ସ:**

ସିଏଆର-ଟି କୋଷ ଚିକିତ୍ସା ରୋଗୀଙ୍କ ନିଜସ୍ୱ 'ଟି' କୋଷ ବ୍ୟବହାର କରେ, ଯେତେବେଳେ ଅସ୍ଥି ମଜ୍ଜା ପ୍ରତିରୋପଣଦାତାଙ୍କ ଷ୍ଟେମ୍ କୋଷ (ଆଲୋଜେନିକ୍ ପ୍ରତିରୋପଣ) କିମ୍ବା ରୋଗୀଙ୍କ ନିଜସ୍ୱ କୋଷ (ଅଟୋଲୋଗସ୍ ପ୍ରତିରୋପଣ) ବ୍ୟବହାର କରେ।

- **ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା:**

ଉଭୟ ଚିକିତ୍ସାର ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଅଛି, କିନ୍ତୁ ପ୍ରକୃତି ଏବଂ ଗମ୍ଭୀରତାରେ ସେଗୁଡ଼ିକ ଭିନ୍ନ ଭିନ୍ନ ହୋଇଥାଏ।

- **ଚିକିତ୍ସା ପଦ୍ଧତି:**

ସିଏଆର-ଟି କୋଷ ଚିକିତ୍ସା ହେଉଛି ଇମ୍ୟୁନୋଥେରାପିର ଏକ ପ୍ରକାର ଚିକିତ୍ସା, ଯେତେବେଳେ କି ଅସ୍ଥି ମଜ୍ଜା ପ୍ରତିରୋପଣ ହେଉଛି ଏକ ପ୍ରକାର କୋଷ ଚିକିତ୍ସା।

### ✔ ଭାରତରେ ଏହି ଚିକିତ୍ସାର ବର୍ତ୍ତମାନର ମୂଲ୍ୟ କେତେ?

ଭାରତରେ ଉତ୍ପାଦ ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ଏବଂ ଏଥିରେ ପରବର୍ତ୍ତୀ ହସ୍ପିଟାଲରେ ଭର୍ତ୍ତି ଏବଂ ଚିକିତ୍ସା ଖର୍ଚ୍ଚ ଲାଗୁ ହେବ।


ଉପସ୍ଥାପନା

**ଡକ୍ଟର ପ୍ରିୟଙ୍କା ସାମଲ**
(ଡିଏମ୍ କ୍ଲିନିକାଲ୍ ହେମାଟୋଲୋଜି)
ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ
କ୍ଲିନିକାଲ୍ ହେମାଟୋଲୋଜି,
ହେମାଟୋ-ଅଙ୍କୋଲୋଜି,
ବିଏମଟି ଏବଂ ସେଲ୍ୟୁଲାର୍ ଥେରାପି ବିଭାଗ
ଆଇଏମ୍ଏସ୍ ଏବଂ ସମ୍ ହସ୍ପିଟାଲ
(ସେପ୍ଟେମ୍ବର ୨୦୨୪ ପରଠାରୁ ଓଡ଼ିଶାରେ ୩ଟି ସିଏଆର୍-ଟି ଥେରାପି କରାଯାଇଛି)




# ଘାଟିରେ ଓଲଟିଲା ଅଟୋ: ମହିଳା ମୃତ, ୫ ଗୁରୁତର



**ଗୋଷାଣି,୨୭।୫(ସମିସ):** ଗଜପତି ଜିଲ୍ଲା ଗାରାବନ୍ଧା ଥାନା ଅନ୍ତର୍ଗତ ଆର୍ସିଙ୍ଗି ଘାଟିରେ ଅଟୋ ଓଲଟି ପଡିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଗୋଷାଣି ବ୍ଲକ ଅନ୍ତର୍ଗତ ମାରିଙ୍ଗି ଗ୍ରାମର ୧୪ ଜଣ ଏକ ବିବାହ ଭୋଜିରେ ଯୋଗଦେବା ପାଇଁ ରାୟଗଡ ବ୍ଲକ କଇଁପୁର ନିକଟସ୍ଥ ଲୁମ୍ବୁରାସିଂ ଗ୍ରାମକୁ ଯାଇ ଫେରୁଥିଲେ। ଫେରିବା ବାଟରେ ଆର୍ସିଙ୍ଗି ଘାଟିରେ ଅଟୋରେ ଅତ୍ୟାଧିକ ଯାତ୍ରୀ ରହିଥିବା ଯୋଗୁଁ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଅଟୋରେ ବସିଥିବା ସମସ୍ତେ ଆହତ ହୋଇଥିଲେ। ଆହତଙ୍କୁ ସ୍ଥାନୀୟ ଲୋକେ ଅନ୍ୟ ଏକ ଅଟୋ ଯୋଗେ ଚିକିତ୍ସା ନିମନ୍ତେ ଗାରାବନ୍ଧା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୁଜାତା ଶବର (୨୬)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ୫ ଜଣଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ମାରିଙ୍ଗି ଗ୍ରାମର ନାଗମା ଶବର(୨୫), ଏଙ୍କାମା ଶବର (୪୦), ଲକ୍ଷ୍ମୀ ଶବର (୨୫), କାଞ୍ଚରାଡା ଗ୍ରାମର ରାମା ଶବର (୪୨) ଏବଂ ଗୁରୁବାରି ଶବର (୩୬)। ଦୁର୍ଘଟଣାଗ୍ରସ୍ତ ଅଟୋରେ ଚାଳକଙ୍କ ସମେତ ୧୫ ଜଣ ମଧ୍ୟରୁ ୧୩ ଜଣ ମହିଳା ବସିଥିଲେ। ବଡମାରିଙ୍ଗି ଗ୍ରାମର ଅଟୋ ଚାଳକ ଚିରଞ୍ଜୀବିଲୁ ଶବର ଦୁର୍ଘଟଣା ପରେ ଫେରାର ହୋଇଥିବାର ଜଣାପଡିଛି। ଖବର ପାଇ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିସିକା ସଦଳବଳେ ପହଞ୍ଚି ତଦନ୍ତ କରୁଥିବା ବେଳେ ମୃତ ସୁଜାତାଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏନେଇ ଗାରାବନ୍ଧା ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରୀ ରହିଥିବାର ଥାନା ଅଧିକାରୀ ଶ୍ରୀ ନିସିକା ସୂଚନା ଦେଇଛନ୍ତି।

## ଧରାକୋଟରେ ହେବ ୬ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ



**ଧରାକୋଟ,୨୭।୫(ସମିସ):** ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି ରାଜ୍ୟ ସରକାର। ଏଥିପାଇଁ ବ୍ଲକସ୍ତରରେ କିଛି ବିଦ୍ୟାଳୟକୁ ଘୋଷଣା କରାଯାଇଛି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବରେ। ସଂପ୍ରତି ଧରାକୋଟ ବ୍ଲକ୍‌ର ୬ଟି ବିଦ୍ୟାଳୟ, ଜୟ ମଙ୍ଗଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବେଠୁଆର, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାଣିକପୁର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଙ୍ଗିପୁର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନନ୍ଦିଗୋର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜାହାଡା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରଧାପୁରକୁ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଧରାକୋଟ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁ, ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆରସିସି ସୌରୀ ଶଙ୍କର ବେହେରା, ବିଭୂତି ଭୂଷଣ ପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ରାକେଶ କୁମାର ମାଝୀ, ଟିସି ନିକିତା ପାଢ଼ୀ, ସିଆରସିସି କାଳୁଚରଣ ଗୌଡ଼ ପ୍ରମୁଖ ବ୍ଲକସ୍ତରରେ ପ୍ରଥମେ ହେବାକୁ ଥିବା ଜୟମଙ୍ଗଳ ବିଦ୍ୟାଳୟ ଡାକିବଜା ପରିସରରେ ପହଞ୍ଚି ବିଦ୍ୟାଳୟର ସାଂପ୍ରତିକ ଭିତ୍ତିଭୂମି ପରଖିଥିଲେ। ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ବେହେରା, ସହକାରୀ ଶିକ୍ଷକ ବୁଲୁ ବେହେରା, ଦିବାକର ସେଠୀ, ମନୋରଞ୍ଜନ ତ୍ରିପାଠୀ, ପରିଚାଳନା କମିଟି ସଭାପତି କୈଳାଶ ବାଡତ୍ୟା, ସଭ୍ୟ ହର୍ଷ ଗୌଡ଼, ମହେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆକଳନ ସମୟରେ ସହଯୋଗ କରିଥିଲେ। ବିଦ୍ୟାଳୟର ପରିବେଶକୁ ସରସ ସୁନ୍ଦର କରାଯିବା ସହ ସମଗ୍ର ପରିସରକୁ ସିସିଟିଭି ଫୁଟେଜ ମଧ୍ୟରେ ରଖାଯିବ। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ଅଭିଭାବକ ମହଲରେ ସ୍ୱାଗତ କରାଯାଇଛି।

## ନକଲି ଡାକ୍ତର ଗିରଫ; ଲକ୍ଷାଧିକ ଟଙ୍କାର ଔଷଧ ଜବତ



**ଛତ୍ରପୁର,୨୭/୫(ସମିସ):** ଶିକ୍ଷାଗତ ଯୋଗ୍ୟତା ଦଶମ ଫେଲ, ହେଲେ ଠାଣି ଏମ୍‌ବିବିଏସ୍ ଭଳି। ଏପରି ଜଣେ ନକଲି ଡାକ୍ତର ଏବେ ପୁଲିସ ପଞ୍ଝାରେ। ପଶ୍ଚିମବଙ୍ଗ ଅଞ୍ଚଳରେ ଦଶମ ଫେଲ ହେବାପରେ ରୋଜଗାର ପାଇଁ ସ୍ଥାନ ବାଛିଥିଲେ ଓଡ଼ିଶାକୁ। ଗଞ୍ଜାମ ଜିଲ୍ଲା ଆର୍ଯ୍ୟପଲ୍ଲୀ ଥାନା ଅଞ୍ଚଳରେ ପହଞ୍ଚି ନିଜକୁ ଜଣେ ଡାକ୍ତର ବୋଲି ପରିଚୟ ଦେଇ କରୁଥିଲେ ରୋଗୀଙ୍କ ଚିକିତ୍ସା। ଏପରି ଜଣେ ନକଲି ଡାକ୍ତରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୁଲିସ। ସାନ ଆର୍ଯ୍ୟପଲ୍ଲୀ ଗ୍ରାମରେ କ୍ଲିନିକ୍ ଖୋଲି ବେକରେ ଷ୍ଟେଥୋସ୍କୋପ ପକାଇ ନିଜକୁ ଡାକ୍ତର ବେଶରେ ସଜାଇ ଗ୍ରାମବାସୀଙ୍କ ବିଶ୍ୱାସରେ ବିଷ ଦେଇ ଚିକିତ୍ସା କରୁଥିଲେ। ସେ ହେଲେ ପଶ୍ଚିମବଙ୍ଗ ଉତ୍ତର ଚବିଶି ପ୍ରଗଣା ବିଷ୍ଣୁପୁର ଗ୍ରାମର ପ୍ରସନ୍ନଜିତ ସରକାର। ରୋଗୀଙ୍କୁ ଚିକିତ୍ସା କରି ସ୍ୱଳ୍ପମୂଲ୍ୟର ଔଷଧ ଦେଇ ବହୁ ଅର୍ଥ ରୋଜଗାର କରୁଥିଲେ ପ୍ରସନ୍ନ। ପ୍ରଥମେ ମଧ୍ୟପ୍ରଦେଶର ଏକ ଅଞ୍ଚଳରେ କାର୍ଯ୍ୟ କରୁଥିବା ବେଳେ ଗତ କିଛିବର୍ଷ ଧରି ଆର୍ଯ୍ୟପଲ୍ଲୀରେ ଆରମ୍ଭ କରିଥିଲେ ଏହି କାରବାର। ପ୍ରସନ୍ନଙ୍କ ଚିକିତ୍ସାରେ କେହି କେହି ସୁସ୍ଥ ହୋଇଯାଉଥିଲେ ତ ଆଉ କେହି କେହି ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହେଉଥିଲେ। ତେବେ ପାଖରେ କୌଣସି ପ୍ରମାଣପତ୍ର ନଥାଇ ପ୍ରସନ୍ନ କିପରି ରୋଗୀଙ୍କୁ ଚିକିତ୍ସା କରୁଥିଲେ ଓ ଇଞ୍ଜେକସନ ଦେଉଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଭଳି ଘଟଣାରେ ସ୍ୱାସ୍ଥ୍ୟବିଭାଗ କାହିଁକି ଚୁପ୍ ବସିଥିଲା ତାକୁ ନେଇ ଉଠିଛି ପ୍ରଶ୍ନ। ଆର୍ଯ୍ୟପଲ୍ଲୀ ମେରାଇନ ଥାନା ପୁଲିସ ସାନ ଆର୍ଯ୍ୟପଲ୍ଲୀ ଗ୍ରାମସ୍ଥିତ ଗାନ୍ଧୀଛକ ନିକଟରେ ଥିବା ପ୍ରସନ୍ନଙ୍କ କ୍ଲିନିକ୍ ଉପରେ ଚଢ଼ଉ କରି କାଗଜପତ୍ର ଯାଞ୍ଚ କରିଥିଲା। ତେବେ କୌଣସି ଉପଯୁକ୍ତ ପ୍ରମାଣପତ୍ର ନଥିବାରୁ ପ୍ରସନ୍ନଜିତ ସରକାରଙ୍କୁ ଗିରଫ କରିବା ସହିତ ଲକ୍ଷାଧିକ ଟଙ୍କା ମୂଲ୍ୟର ଔଷଧ, ଷ୍ଟେଥୋସ୍କୋପ, ରକ୍ତଚାପ ମାପିବା ଯନ୍ତ୍ର ସହ ଅନ୍ୟାନ୍ୟ ସାମଗ୍ରୀକୁ ପୁଲିସ ଜବତ କରିଛି। ୬୫/୨୦୨୫ନଂ ରେ ମାମଲା ରୁଜୁ କରି ବିଭିନ୍ନ ତଥ୍ୟ ସଂଗ୍ରହ କରି ଗିରଫ ନକଲି ଡାକ୍ତର ପ୍ରସନ୍ନଜିତ ସରକାରଙ୍କୁ କୋର୍ଟଚାଲାଣ କରାଯାଇଥିବା ଆର୍ଯ୍ୟପଲ୍ଲୀ ଥାନା ଅଧିକାରୀ ବିଦ୍ୟାଭାରତୀ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ’ ନକଲି ଡାକ୍ତର ପ୍ରସନ୍ନଜିତ ମାଟ୍ରିକ ଫେଲ ହୋଇଥିବା ସତ୍ତ୍ୱେ ୩ରୁ୪ବର୍ଷ ଧରି ସାନ ଆର୍ଯ୍ୟପଲ୍ଲୀ ଗ୍ରାମରେ ଡାକ୍ତର ସାଜି ଚଳାଇଥିଲା କ୍ଲିନିକ୍। କୌଣସି ଶିକ୍ଷାଗତ ଯୋଗ୍ୟତା ନଥିଲେ ସୁଦ୍ଧା ଏଠାକାର ଆଧାର କାର୍ଡ ଓ ଭୋଟ ପରିଚୟ ପତ୍ର ହାତେଇବାରେ ସଫଳ ହୋଇଛନ୍ତି। ଦିର୍ଘ ବର୍ଷ ଧରି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ଜୀବନ ସହ ଖେଳ ଖେଳୁଥିବା ବେଳେ ମାତ୍ର ୫କିଲୋମିଟର ଦୂରରେ ଥିବା ଜିଲ୍ଲାମୁଖ୍ୟ ଛତ୍ରପୁରର କୌଣସି ଅଧିକାରୀ କିମ୍ବା ସ୍ୱାସ୍ଥ୍ୟବିଭାଗର ନଜର ପଡୁନଥିଲା ତାକୁ ନେଇ ଉଠିଛି ପ୍ରଶ୍ନ। ଏଭଳି ଚଢଉ ଆଗକୁ ଜାରି ରହିବା ସହ ଯେକୌଣସି ବ୍ୟକ୍ତିଙ୍କ ଉପରେ ସନ୍ଦେହ ହେଲେ ସେମାନଙ୍କ କାଗଜପତ୍ର ଯାଞ୍ଚ କରାଯିବ ବୋଲି ଥାନାଧିକାରୀ ଶ୍ରୀମତୀ ନାୟକ ସୂଚନା ଦେଇଛନ୍ତି। ଏନେଇ ‘ସକାଳ’ ଖବର କାଗଜରେ ପୂର୍ବରୁ ଖବର ପ୍ରକାଶ କରାଯାଇଥିଲା।

● ବ୍ଲାଙ୍କ ଫାୟାରିଂ ପରେ ଯୁବକକୁ ହାଣିବା ଘଟଣା

## ଜାମିନରେ ୬ ଅଭିଯୁକ୍ତ ; ଲଗାଇବେ ୧୦୦ ଲେଖାଏ ଗଛ

**ବ୍ରହ୍ମପୁର,୨୭।୫(ସମିସ):** ବିଜିପୁର କାଳୀମନ୍ଦିର ନିକଟରେ ଅବିନାଶ ମହାନ୍ତିଙ୍କୁ ଦୁଇ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିବା ଓ ସୁଜନ ପାତ୍ରଙ୍କୁ ଖଣ୍ଡାରେ ହାଣିବା ମାମଲାରେ ହାଇକୋର୍ଟ ୬ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜାମିନ ପାଇଥିବା ଅଭିଯୁକ୍ତମାନେ ହେଲେ ପ୍ରେମନଗର ୭ମ ଲାଇନର ସୁକେଶ କୁମାର ନାୟକ, ପାଣିଗ୍ରାହୀପେଣ୍ଠର ଆକାଶ ପାଣିଗ୍ରାହୀ, ଗୋଦାବରିଶନଗର ପ୍ରଥମ ଲାଇନର ସାର୍ଥକ ମହାନ୍ତି, ଗୋଷାଣିନୂଆଗାଁ ଡାମଣାସାହିର ହିମାଂଶୁ ସାହୁ ଓରଫ୍ ମୁନା, ଆଙ୍କୁଲିର ଦେବାଶିଷ ମହାନ୍ତି ଓ ଗେଟବଜାର ଅଞ୍ଚଳର ଲିଙ୍କନ କୁମାର ନାୟକ। ହାଇକୋର୍ଟର ସର୍ତ୍ତ ଅନୁସାରେ ଅଭିଯୁକ୍ତମାନେ ପ୍ରତି ସୋମବାର ସକାଳ ୧୦ଟାରୁ ମଧ୍ୟାହ୍ନ ଗୋଟାଏ ମଧ୍ୟରେ ସ୍ଥାନୀୟ ପୁଲିସ ଷ୍ଟେସନରେ ହାଜର ହେବେ, କୌଣସି ଅପରାଧିକ କାର୍ଯ୍ୟରେ ଲିପ୍ତ ରହିବେ ନାହିଁ କି ଉକ୍ତ ମାମଲାରେ ଜଡିତ ସାକ୍ଷୀଙ୍କୁ ଭୟଭୀତ କରିବେ ନାହିଁ। ଏପରିକି ମୌସୁମୀ ଆରମ୍ଭ ହେବା ପରେ ଅର୍ଥାତ ଚଳିତ ବର୍ଷ ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ନିଜର ଜମି କିମ୍ବା ଖୋଲା ସ୍ଥାନରେ ଆମ୍ବ, ନିମ୍ବ ଓ ତେନ୍ତୁଳି ଇତ୍ୟାଦି ପ୍ରତ୍ୟେକ ୧୦୦ଟି ଲେଖାଏଁ ଚାରା ରୋପଣ କରିବେ। ଏଥିପାଇଁ ଆବଶ୍ୟକ ଜମି ଉପଲବ୍ଧ ନହେଲେ, ରାଜସ୍ୱ କର୍ତ୍ତୃପକ୍ଷ ଚାରା ରୋପଣ ପାଇଁ ଜମି ଚିହ୍ନଟ କରିବାରେ ସହାୟତା କରିବେ। ଉପରୋକ୍ତ ସର୍ତ୍ତଗୁଡ଼ିକ ମଧ୍ୟରୁ ଯେ କୌଣସିର ଉଲ୍ଲଂଘନ ହେଲେ ଜାମିନ ବାତିଲ ହେବ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ଏହାସହ ସମ୍ପୃକ୍ତ ପୁଲିସ ଷ୍ଟେସନର ଆଇଆଇସି ସ୍ଥାନୀୟ ବନ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷାକରି ଅଭିଯୁକ୍ତମାନେ ଚାରା ରୋପଣ କରିଛନ୍ତି କି ନାହିଁ ତାହା ତଦାରଖ କରିବେ। ସେମାନେ ସ୍ଥାନୀୟ ପୁଲିସ ଷ୍ଟେସନରେ ଏକ ସତ୍ୟପାଠ ଦାଖଲ କରିବେ, ଯାହା ନିଶ୍ଚିତ କରିବ ଯେ ଚାରା ରୋପଣ କରାଯାଇଛି। ଅଭିଯୁକ୍ତମାନେ ଦୁଇବର୍ଷ ପାଇଁ ସେହି ଗଛଗୁଡ଼ିକର ରକ୍ଷଣାବେକ୍ଷଣ ମଧ୍ୟ କରିବାକୁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ ଯେ, ଜାନୁୟାରୀ ୨୭ତାରିଖ ରାତିରେ ଅବିନାଶ ମହାନ୍ତି ତାଙ୍କ ବନ୍ଧୁ ସୁଜନ ପାତ୍ର, ପି. ସୁନୀଲ ଏବଂ ଲୋକେଶ ସେଠୀଙ୍କ ସହିତ ଏକ ଭୋଜିରୁ ଫେରି ବିଜିପୁର କାଳୀମନ୍ଦିର ନିକଟରେ ବସିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ପହଞ୍ଚି ଅବିନାଶଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ପରେ ଉପରୋକ୍ତ ଅଭିଯୁକ୍ତମାନେ ଅବିନାଶଙ୍କ ବନ୍ଧୁ ସୁଜନ ପାତ୍ରଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏପ୍ରିଲ ପ୍ରଥମ ସପ୍ତାହରେ ଉପରୋକ୍ତ ଅଭିଯୁକ୍ତଙ୍କୁ ଟାଉନ ଥାନା ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା।

## ଜଳପୂର୍ଣ୍ଣ ହେଲା ଶୁଷ୍କ ମହେନ୍ଦ୍ରତନୟା

ବର୍ଷା ଆଣିଲା ଆଶ୍ୱସ୍ତି



**ପାରଳାଖେମୁଣ୍ଡି,୨୭।୫(ସମିସ):** ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ସମୟରେ କାଳବୈଶାଖୀ ଓ ପ୍ରକା ମୌସୁମୀ ବର୍ଷା ଜନଜୀବନକୁ ଆଶ୍ୱସ୍ତି ଆଣିଦେଇଛି। ଚଳିତ ମେ ମାସ ଶେଷ ସପ୍ତାହରେ ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଯୋଗୁଁ ଶୁଖିଲା ପଡିଥିବା ନଦୀ ନାଳରେ ପାଣି ଭାସୁଥିବା ଦେଖାଯାଇଛି। ଯାହାକୁ ନେଇ ଚାଷୀ ଓ ନଦୀ ଓ ନାଳ ତଥା କେନାଲ ଅବବାହିକାରେ ବସବାସ କରୁଥିବା ଜନସାଧାରଣଙ୍କ ମୁହଁରେ ହସ ଫୁଟିଛି। ବିଶେଷ କରି ପାରଳାଖେମୁଣ୍ଡି ସହରାଞ୍ଚଳ ଦେଇ ଯାଇଥିବା ମହେନ୍ଦ୍ରତନୟା ନଦୀ ସମ୍ପୂର୍ଣ୍ଣ ଭାବେ ଶୁଖିଲା ପଡିଥିଲା। ବିଗତ ଦୁଇ ବର୍ଷ ହେଲା ଅଭାବୀ ବର୍ଷା ଯୋଗୁଁ ପ୍ରାୟ ଡିସେମ୍ବର-ଜାନୁଆରୀ ମାସରେ ନଦୀର ଜଳସ୍ତର ହ୍ରାସ ପାଇ ଶୁଷ୍କ ହୋଇଯାଉଥିଲା। ଏଥିଯୋଗୁଁ ସହରରେ ଜଳସଙ୍କଟ ଦେଖା ଦେଇଥିଲା। ନଦୀ ଶୁଖିଯିବା ଯୋଗୁଁ ଚଳିତ ବର୍ଷ ଗ୍ରୀଷ୍ମ ଋତୁର ପ୍ରାରମ୍ଭରୁ ହିଁ ଜଳକଷ୍ଟ ସୃଷ୍ଟି ହୋଇଥିଲା। ହେଲେ ମେ ମାସ ଶେଷ ସପ୍ତାହରେ ହୋଇଥିବା ବର୍ଷା ଯୋଗୁଁ ନଦୀରେ ପାଣି ଭରିଯାଇଛି। । ସୂଚନାଯୋଗ୍ୟ ଯେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ନଦୀ ଶୁଖିଲା ପଡିଥିବାରୁ ପାରଳାଖେମୁଣ୍ଡି ସହରରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ କେଉଁ ଅଞ୍ଚଳରେ ଦିନେ କିମ୍ବା ଦୁଇ ଦିନ ଅନ୍ତରାଳେ ପାନୀୟ ଜଳ ଯୋଗାଣ ହେଉଛି।

ପୁଣି ହାତୀ ଉପଦ୍ରବ

## ଭାଙ୍ଗିଲେ ଘର, ବର୍ତ୍ତିଗଲେ ପରିବାରର ୧୦ସଦସ୍ୟ



**ଜି.ଉଦୟଗିରି,୨୭।୫(ସମିସ):** ପୁଣି ଥରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ପଞ୍ଚାୟତ ମଲାନସୁଗା ଛକରେ ଥିବା ଦୁଇଟି ଘର ମଧ୍ୟରୁ ସୁମନ୍ତ ପ୍ରଧାନଙ୍କ ଘର ପଛ ପାଖ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି ହାତୀ। ସୂଚନା ଅନୁସାରେ ସୋମବାର ରାତି ପ୍ରାୟ ୧୨ ବେଳେ ମାଲାନସୁଗାରେ ଲୋକେ ଦୁଇଟି ହାତୀକୁ ଘଉଡ଼ାଇଥିଲେ। ହାତି ପୁଣି ଆସି ମାଲାନସୁଗା ଛକ ନିକଟରେ ଥିବା ସୁମନ୍ତ ପ୍ରଧାନଙ୍କ ଘର ପଛ ପଟେ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। ରାତିରେ ଘରେ ସୁମନ୍ତ ଓ ତାଙ୍କ ପରିବାର ସହିତ ନିଜ ସମ୍ପର୍କୀୟ ୧୦ ଜଣ ଶୋଇଥିବା ବେଳେ ହାତୀ ଆସି ଘର ଭାଙ୍ଗି, ଘର ଭିତରେ ଥିବା ଧାନ, ଚାଉଳ, ମାଣ୍ଡିଆ ସହ ଅନ୍ୟାନ୍ୟ ଜିନିଷ ଖାଇ ନଷ୍ଟ କରିବା ସହ କଦଳୀ ଗଛ ନଷ୍ଟ କରି ଖାଇଥିଲେ। ଘର ଭିତରେ ଥିବା ଖଟ ଓ ଅନ୍ୟାନ୍ୟ ସାମଗ୍ରୀ ସବୁ ଗୁଣ୍ଡ କରି ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ହାତୀ ଘର ଭାଙ୍ଗିବା ଆରମ୍ଭ କରିବା ବେଳେ ସୁମନ୍ତ ସାହାସର ସହିତ ଘର ସମ୍ମୁଖରେ ଥିବା ବିଶ୍ରାମାଗାର ଛାତ ଉପରକୁ ସମସ୍ତ ପରିବାରକୁ ଜଣ ଜଣ କରି ନେଇ ଯାଇ ପ୍ରାଣ ବଞ୍ଚାଇଥିବା କହିଛନ୍ତି। ରାତି ୧୨ ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ୨ ହାତୀ ଉପଦ୍ରବ କରିଥିଲେ। ଘର ସମ୍ପୂର୍ଣ୍ଣ ନଷ୍ଟ ଓ ଛାରଖାର ହୋଇଯାଇଥିବା ହାତୀ ଯିବା ପରେ ସୁମନ୍ତ ଓ ପରିବାର ଲୋକ ଦେଖିଥିଲେ। ସେହି ସ୍ଥାନରେ କୌଣସି ନେଟୱର୍କ ନ ଥିବା କାରଣରୁ ସେ ରାତିରେ କାହାକୁ ଫୋନ୍ କରି ଜଣାଇବା ସମ୍ଭବ ହୋଇ ନ ଥିଲା। ସକାଳେ ବନ ବିଭାଗ ଓ ଅନ୍ୟଙ୍କୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହ କ୍ଷତିପୂରଣ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



# ଆର୍ଯ୍ୟପଲ୍ଲୀରେ ବ୍ୟାପିଲା ଡେଙ୍ଗୁ

ନାବାଳକଙ୍କ ମୃତ୍ୟୁ ପରେ ପହଞ୍ଚିଲା ଡାକ୍ତରୀ ଦଳ

**ଛତ୍ରପୁର,୨୭।୫(ସମିସ):** ଗଞ୍ଜାମ ଜିଲ୍ଲା ଆର୍ଯ୍ୟପଲ୍ଲୀରେ ବ୍ୟାପିଲା ଡେଙ୍ଗୁ। ଡେଙ୍ଗୁରେ ଜଣେ ୧୩ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ବି ୫ ଜଣ ଆକ୍ରାନ୍ତ ହୋଇ ବିଭିନ୍ନ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।



ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗାଁରେ ପହଞ୍ଚିଛନ୍ତି। ପ୍ରଥମେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରାଯିବା ପରେ ଗାଁର ୫ଟି ସ୍ଥାନରୁ ପାଣିର ନମୁନା ସଂଗ୍ରହ କରିଛନ୍ତି ସ୍ୱାସ୍ଥ୍ୟ ଟିମ। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଡେଙ୍ଗୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗତବର୍ଷ ମଧ୍ୟ ଆର୍ଯ୍ୟପଲ୍ଲୀରେ ପ୍ରାୟ ୪୦ ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ପୁଣି ଚଳିତ ବର୍ଷ ମଧ୍ୟ ଗାଁରେ ଡେଙ୍ଗୁ ରୋଗ ବ୍ୟାପିଛି। ତେବେ ବାରମ୍ବାର ଗାଁରେ ଡେଙ୍ଗୁ ରୋଗ ହେଉଥିବା ବେଳେ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। କାରଣ ଗାଁ ସାରା ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଥିବା ବେଳେ ଗାଁର ନାଳ ନର୍ଦ୍ଦମା ଗୁଡ଼ିକୁ ମଧ୍ୟ ନିୟମିତ ଭାବେ ସଫା କରାଯାଉନାହିଁ। ଫଳରେ ଗ୍ରାମବାସୀ ଡେଙ୍ଗୁ ଆକ୍ରାନ୍ତ ହେଉଛନ୍ତି। ତେଣୁ ଡେଙ୍ଗୁ ରୋଗ କିଭଳି ଗାଁରୁ ସମ୍ପୂର୍ଣ୍ଣ ଭାବେ ମୂଳୋତ୍ପାଟନ ହେବ ସେ ନେଇ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛନ୍ତି ଗ୍ରାମବାସୀ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପ୍ରଥମେ ଗାଁରେ ପହଞ୍ଚି ଡେଙ୍ଗୁ ରୋଗରେ ମୃତ୍ୟୁବରଣ କରିଥିବା ପରିବାରକୁ ଭେଟିବା ସହ ଯେଉଁମାନେ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଛନ୍ତି ସେମାନଙ୍କ ପରିବାର ସହ ଆଲୋଚନା କରିଥିଲେ। ଏହାପରେ ଗାଁର ୫ଟି ସ୍ଥାନରୁ ପାଣିର ନମୁନା ସଂଗ୍ରହ କରି ତାହାକୁ ପରୀକ୍ଷା ପାଇଁ ପଠାଇଛନ୍ତି। ପରେ ଗାଁର ସମସ୍ତ ଆଶା ଦିଦି, ଅଙ୍ଗନବାଡ଼ି କର୍ମୀ, ସରପଞ୍ଚ ସହ ଗ୍ରାମବାସୀଙ୍କୁ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ତେବେ ଜଣେ ନାବାଳକ ଡେଙ୍ଗୁ ରୋଗରେ ମୃତ୍ୟୁବରଣ କରିଥିବା ନେଇ ଅଭିଯୋଗ ଆସିଥିବା ବେଳେ ତାହାର ଡେଙ୍ଗୁ ପରୀକ୍ଷା ନେଗେଟିଭ ରହିଥିଲା। କିନ୍ତୁ ସୋମବାର ୮ ଜଣ ରୋଗୀଙ୍କ ମଧ୍ୟରୁ ୩ ଜଣ ସୁସ୍ଥ ହୋଇଛନ୍ତି, ଅନ୍ୟ ୫ ଜଣ ରୋଗୀ ପଜିଟିଭ ରହିଛନ୍ତି। ତେଣୁ ଗାଁରେ ଡେଙ୍ଗୁକୁ ନେଇ ସଚେତନତା କାର୍ଯ୍ୟକ୍ରମ ବୃଦ୍ଧି କରାଯିବ ବୋଲି କହିଛନ୍ତି ମୁନିଷିପେଣ୍ଠ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷିକ ଡାକ୍ତର ସ୍ୱାଧୀନ ରଥ ଡାକ୍ତର।

## ହର୍ଷବର୍ଦ୍ଧନଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା



**ଛତ୍ରପୁର,୨୭।୫(ସମିସ):** ରେଶମ ସହର ବ୍ରହ୍ମପୁର ପାଇଁ ଗର୍ବ ଆଣିଛନ୍ତି ହର୍ଷବର୍ଦ୍ଧନ ସାହୁ। ସେ ଜାତୀୟ ସ୍ତରରେ ଭାରୋତ୍ତୋଳନରେ ଚମକିବା ସହ ମନ କି ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ହର୍ଷଙ୍କ ଏହି ସଫଳତାକୁ ନେଇ ଭୂୟସୀ ପ୍ରଶଂସା କରିଛନ୍ତି। ସାଉଥ ଆମେରିକା ଲିମାରେ ଅନୁଷ୍ଠିତ ଆଇଡବ୍ଲୁଏଲଏଫ ବୋରଲଦ ୱାର୍ଲଡ ୟୁଥ ଭାରୋତ୍ତୋଳନ ଚାମ୍ପିଅନସିପରେ ୪୯ କିଲୋଗ୍ରାମ ଯୁବ ବର୍ଗରେ ୨୦୩ କିଲୋଗ୍ରାମ ଭାର ଉଠାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାସହ ବିହାରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆରେ ମଧ୍ୟ ନିଜ ଜଲ୍ଲବା ଦେଖାଇ ସେଠାରେ ମଧ୍ୟ ପଦକ ହାସଲ କରିଥିଲେ। ମଙ୍ଗଳବାର ସେ ଗଞ୍ଜାମ ଫେରିବା ପରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଖେଳ ପାଇଁ ଆଗାମି ଦିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେ ଏହି ସଫଳତା ପାଇଁ ବେସ ଖୁସି ଜାହରି କରିବା ସହ ମନ କି ବାତରେ ପ୍ରଧାନମନ୍ତ୍ରୀ ତାଙ୍କ ନାମ ନେବା ସେ ବହୁତ ଖୁସି ଓ ଗର୍ବ ଅନୁଭବ କରୁଛି ବୋଲି କହିବା ସହ ଆଗାମି ଦିନରେ ସେ ଅଲମ୍ପିକ ଖେଳିବା ପାଇଁ ଲକ୍ଷ୍ୟ ରଖିଥିବା କହିଥିଲେ।

## ଗୁରାପଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ କାର୍ଯ୍ୟକ୍ରମ



**ଖଲ୍ଲିକୋଟ,୨୭।୫(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଗୁରାପଲ୍ଲୀ ଚିଲିକା ଇନ୍ କଲ୍ୟାଣ ମଣ୍ଡପ ଠାରେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି ଘୁମୁସର ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିଳ୍ପ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ସୋରଡ଼ା ବିଧାୟକ ନୀଳମଣି ବିଶୋଇ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ ସାହୁ, ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର, ସାନଖେମୁଣ୍ଡି ବିଧାୟକ ପ୍ରାର୍ଥୀ ଉତ୍ତମ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଥିଲେ। ଯୋଗାଣ ମନ୍ତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଜେପି ଘୁମୁସର ଜିଲ୍ଲା ସାଧାରଣ ସମ୍ପାଦକ ଅନୀଲ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ଯଜ୍ଞ ନାରାୟଣ ଦାଶ, ଅରୁଣ କୁମାର ଖୁଣ୍ଟିଆ, ଚିତ୍ରସେନ ଘୋଷ, ସକଳେଶ୍ୱର ଦାଶ ଓ ଦଳୀୟ କାର୍ଯ୍ୟ କର୍ତ୍ତାଙ୍କ ସହ ଶତାଧିକ କୃଷକ ଉପସ୍ଥିତ ଥିଲେ।

## ନୂଆ ହିତାଧିକାରୀଙ୍କୁ ରାସନ କାର୍ଡ ବାଣ୍ଟିଲେ ଯୋଗାଣ ମନ୍ତ୍ରୀ



**ଖଲ୍ଲିକୋଟ,୨୭।୫(ସମିସ):** ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଙ୍ଗଳବାର ଖଲ୍ଲିକୋଟ ଗସ୍ତ କରିବା ସହ ବ୍ଲକ କାର୍ଯ୍ୟାଳୟରେ ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ବାଣ୍ଟିଛନ୍ତି। ଖଲ୍ଲିକୋଟ ବ୍ଲକର ୨୫୦୦ ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିବା ବେଳେ ଗଞ୍ଜାମ ବ୍ଲକ, ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ବେଗୁନିଆପଡା ବ୍ଲକର ଅନେକ ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଡ଼ିଓ ଦେବାଶିଷ ସାମଲ ଉପସ୍ଥିତ ରହିଥିବା ବେଳେ ଅନ୍ୟାନ୍ୟ ସରକାରୀ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ତେବେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି ଯେଉଁ ଗରିବ ହିତାଧିକାରୀ ରହିଯାଇଛନ୍ତି ପୋର୍ଟାଲ ଖୋଲା ଅଛି ସେମାନେ ମଧ୍ୟ ଶୀଘ୍ର ଆବେଦନ କରନ୍ତୁ ସର୍ଭେ କରାଯାଇ ରାସନ କାର୍ଡ ବଣ୍ଟନ କରାଯିବ। ସେପଟେ ସରକାର ବଦଳିବା ପରେ ରାସନ କାର୍ଡର ରଙ୍ଗ ମଧ୍ୟ ବଦଳିଛି।

## ବିଜେପିର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ଜି.ଉଦୟଗିରି,୨୭।୫(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବିଜେପି ତରଫରୁ ମଙ୍ଗଳବାର ଧବଳେଶ୍ୱର ମନ୍ଦିର ପରିସରରେ ଅହଲ୍ୟାବାଇ ହୋଲକରଙ୍କ ୩୦୦ ତମ ଜୟନ୍ତୀ ପାଳନ କରାଯିବା ସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନଗର ସଭାପତି ଭେଙ୍କଟେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ସୁକାନ୍ତ କୁମାର ସାହୁ ଯୋଗ ଦେଇ ଅହଲ୍ୟାବାଇଙ୍କ ଜୀବନୀ, ସାହସିକତା, ଧୌର୍ଯ୍ୟ, ସୁଶାସକ ହୋଇ ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ କିପରି ଆସ୍ଥାଭାଜନ ହୋଇପାରିଥିଲେ ତାହାରି ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ ଓ ସାଂସଦ ପ୍ରତିନିଧି ପ୍ରିୟବ୍ରତ ସାହୁଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।







# ମହିଳାଙ୍କ ଠାରୁ ୪ଲକ୍ଷ ଟଙ୍କା ଠକେଇ; ଜଣେ ଗିରଫ

ବ୍ରହ୍ମପୁର,୨୭ ।୫(ସମିସ): ଜଣେ ମହିଳାଙ୍କ ଠାରୁ ୪ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବିହାର ଅମରପୁର ଝାଝା ଗ୍ରାମ ନିବାସୀ ତଥା ଲାଞ୍ଜିପଲ୍ଲୀରେ ରହୁଥିବା ନିରଞ୍ଜନ ଯାଦବ(୪୪)। ସୂଚନାଯୋଗ୍ୟ ଯେ, ଗଜପତିନଗର ୧୧ଲାଇନରେ ରହୁଥିବା ଆଭାରାଣୀ ପାଢ଼ୀଙ୍କ ସହ ୨୦୧୯ମସିହାଠାରୁ ଅଭିଯୁକ୍ତ ନିରଞ୍ଜନଙ୍କ ବନ୍ଧୁତା ରହିଥିଲା। ଆଭାଙ୍କ ଘରର ଆଲୁମିନିୟମ କାମ ମଧ ନିରଞ୍ଜନ କରିଆସୁଥିଲା। ନିରଞ୍ଜନ ତାଙ୍କ ପତ୍ନୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଓ ନୂତନ ବ୍ୟବସାୟ କରିବାର ଆଳ ଦେଖାଇ ଆଭାଙ୍କୁ ୫ଲକ୍ଷ ଟଙ୍କା ମାଗିଥିଲା। ୨୦୧୯ମସିହା ମାର୍ଚ୍ଚ ୨୧ତାରିଖରେ ଚେକ ମାଧ୍ୟମରେ ୩ଲକ୍ଷ ଏବଂ ନଗଦ ୨ଲକ୍ଷ ଏହିଭଳି ମୋଟ ୫ଲକ୍ଷ ଟଙ୍କା ଆଭା କରଜ ଆକାରରେ ନିରଞ୍ଜନକୁ ଦେଇଥିଲେ। ଉକ୍ତ ଅର୍ଥକୁ ଏକବର୍ଷ ମଧ୍ୟରେ ଫେରସ୍ତ କରିବ ବୋଲି କୋର୍ଟ ଷ୍ଟାମ ପେପରରେ ଚୁକ୍ତିନାମା ହୋଇଥିଲା। ଚୁକ୍ତି ଅବଧି ଶେଷପରେ ମଧ ନିରଞ୍ଜନ ଟଙ୍କା ଦେବା ବଦଳରେ ଦିନ ଗଡ଼ାଇ ଚାଲିଥିଲା। ବାରମ୍ବାର ଟଙ୍କା ମାଗିବାରୁ ସେ ଏକ ଲକ୍ଷ ଟଙ୍କା ଆଭାଙ୍କୁ ଫେରସ୍ତ ଦେଇଥିଲା। ଅବଶିଷ୍ଟ ୪ଲକ୍ଷ ଟଙ୍କା ନିରଞ୍ଜନ ଫେରସ୍ତ କରିବାର ନାମ ନେଉନଥିଲା। ଆଭା ପୁଣି ବାରମ୍ବାର ଟଙ୍କା ମାଗିବାରୁ ନିରଞ୍ଜନ ବିହାର ଚାଲିଯାଇଥିଲା। ଗତ କିଛିଦିନ ପୂର୍ବେ ନିରଞ୍ଜନ ବ୍ରହ୍ମପୁର ଆସିଥିବା ଖବର ପାଇ ଆଭା ଗତ ୨୬ତାରିଖରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ନିରଞ୍ଜନକୁ ଗିରଫ କରି ମଙ୍ଗଳବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଥିବା ଜଣାପଡିଛି।

## ଘରୁ ମଙ୍ଗଳସୂତ୍ର ଚୋରି

ବ୍ରହ୍ମପୁର,୨୭ ।୫(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଲାପଲ୍ଲୀ ସାହି ରଘୁନାଥ ମନ୍ଦିର ନିକଟରେ ରହୁଥିବା ପ୍ରମୋଦ କୁମାର ସାହୁଙ୍କ ଘରୁ ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ଗତ ୨୫ତାରିଖରେ ପ୍ରମୋଦ କୁମାର ସାହୁଙ୍କ ଘରୁ ଏକ ମଙ୍ଗଳସୂତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଝିଅର ବାହାଘର ପୂର୍ବରୁ ଆୟୋଜିତ ମେହେନ୍ଦୀ କାର୍ଯ୍ୟକ୍ରମ ସମୟରେ ଗହଳିର ସୁଯୋଗ ନେଇ କୌଣସି ସମ୍ପର୍କୀୟ ଲୋକ ହିଁ ଏହି ଚୋରି କରିଥିବା ସନ୍ଦେହ କରାଯାଉଛି।

● ୪୧ନମ୍ବର ୱାର୍ଡ

## ମେୟରଙ୍କ ଗସ୍ତ ପରେ ମୁକୁଳା ଡ୍ରେନ୍ ଢାଙ୍କୁଣି କାର୍ଯ୍ୟ ଆରମ୍ଭ



ବ୍ରହ୍ମପୁର,୨୭ ।୫(ସମିସ): ସାମାନ୍ୟ ବର୍ଷା ହେଲେ ବ୍ରହ୍ମପୁର ସହରରେ ଜଳମଗ୍ନ ହେଉଥିବା ବିଭିନ୍ନ ଅଞ୍ଚଳ ମଧ୍ୟରୁ ୪୧ନମ୍ବର ୱାର୍ଡ ଅନ୍ତର୍ଗତ ଜୟପ୍ରକାଶ ନଗର ଅନ୍ୟତମ। ଆଗକୁ ବର୍ଷାଦିନ ଆସୁଥିବାରୁ ଏହି ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବାକୁ ରବିବାର ମେୟରଙ୍କ ନେତୃତ୍ୱରେ ପରିଦର୍ଶନରେ ଆସିଥିଲେ ବିଏମ୍‌ସିର ଉଚ୍ଚସ୍ତରୀୟ ଟିମ୍। ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ମୁକୁଳା ଡ୍ରେନ୍‌କୁ ଚିହ୍ନଟ କରିବା ସହିତ କୌଣସି ଅଘଟଣକୁ ରୋକିବା ପାଇଁ ତୁରନ୍ତ ସେଗୁଡ଼ିକ ଉପରେ ଲୁହାଗ୍ରୀଲ ପକାଇବାକୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ଅବରୋଧ ସହିତ ଜବରଦଖଲ ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ବର୍ଷାଜଳ ନିଷ୍କାସନରେ ସମସ୍ୟା ଉପୁଜୁଥିବା ବେଳେ ଅନେକ ସାହିରେ ଆଦୌ ନାଳ ନଥିବା ଦେଖିବାକୁ ପାଇଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ମୁକୁଳା ଡ୍ରେନ୍ ଉପରେ ଲୁହାଗ୍ରୀଲ ପକାଇବାକୁ ସ୍ଥାନୀୟ ଯନ୍ତ୍ରୀ ଗଣେଶ ପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ମେୟରଙ୍କ ଗସ୍ତର ଦିନକ ପରେ ମଙ୍ଗଳବାର ଜୟପ୍ରକାଶ ନଗର ମୁଖ୍ୟରାସ୍ତା ପାଶ୍ୱର୍ରେ ଥିବା ନାଳ ଉପରେ ଲୁହାଗ୍ରୀଲ୍ ପକାଯାଇଛି। ଏପରିକି ଡ୍ରେନେଜ୍ ବିଭାଗ ସହିତ ସମନ୍ୱୟ ରକ୍ଷା କରି ସ୍ଥାନୀୟ କର୍ପୋରେଟର୍‌ଙ୍କ ଉପସ୍ଥିତିରେ ବର୍ଷା ଜଳ ନିଷ୍କାସନ ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇପାରିବ ତାହା ମଧ ଅନୁଧ୍ୟାନ କରାଯାଇଛି। ଖୁବ୍‌ଶୀଘ୍ର ଜୟପ୍ରକାଶ ନଗରରେ ସର୍ଭେ କରାଯାଇ ଜବରଦଖଲ ଚିହ୍ନଟ ସହିତ ଉଚ୍ଛେଦ କରି ଅଗ୍ରାଧିକାର ଭିତ୍ତିରେ ପ୍ରଥମେ ନାଳ ଓ ପରେ ରାସ୍ତା ନିର୍ମାଣ କରାଯିବ ବୋଲି ମେୟର ସୂଚନା ଦେଇଛନ୍ତି।

‘ସକାଳ’ ମହାପ୍ରଭାବ

# ସେନାପତି ଗ୍ୟାଙ୍ଗ ମୁଖ୍ୟ ‘ଜୁଲି’ ଗିରଫ

● ୨ ଥାନାରେ ପୃଥକ୍ ମାମଲା ରୁଜୁ
● ‘ରାଜକମଲ ଏଜେନ୍ସି’ ଓ ‘ଗିଫ୍ଟ ହାଉସ’ ମାଲିକଙ୍କ ଏତଲାରେ କାର୍ଯ୍ୟାନୁଷ୍ଠାନ

ବ୍ରହ୍ମପୁର,୨୭ ।୫(ସମିସ)

ବ୍ରହ୍ମପୁରର ବହୁ ଚର୍ଚ୍ଚିତ ‘ସେନାପତି ଗ୍ୟାଙ୍ଗ’ ବିରୋଧରେ ପୁଲିସ ବିଳମ୍ବରେ ହେଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗ୍ୟାଙ୍ଗ ମୁଖ୍ୟରତିକାନ୍ତ ସେନାପତି ଓରଫ୍ ଜୁଲି (୪୫)କୁ ଟାଉନ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ବ୍ରହ୍ମପୁର ଏସ୍‌ପି ଡା. ଶର୍ବଣା ବିବେକ ଏମ ପ୍ରେସ ରିଲିଜ ମାଧ୍ୟମରେ ସୂଚନା ଦେଇଛନ୍ତି। ରତିକାନ୍ତଙ୍କ ବିରୋଧରେ ବଡ଼ବଜାର ଥାନା ବଡ଼ବଜାରର ‘ଗିଫ୍ଟ ହାଉସ’ର ଅନ୍ୟତମ ମାଲିକ ଏ.କିରଣ କୁମାରଙ୍କ ଏତଲା ଭିତ୍ତିରେ ବଡ଼ବଜାରଥାନାରେକେସନମ୍ବର୨୧୮ରେ ଏକ ମାମଲା ରୁଜୁ ହୋଇଛି। ଯେଉଁଥିରେ ଅଭିଯୋଗ ରହିଛି ଯେ’ ପାରିବାରିକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ଲାଗି ରହିଥିବା ବିବାଦରେ ତୃତୀୟ ବ୍ୟକ୍ତି ଭାବେ ରତିକାନ୍ତ ସେନାପତି ୧୦ରୁ ୧୫ଜଣ ଅପରାଧିଙ୍କ ସହିତ କିରଣଙ୍କ ଘରକୁ ଆସି ଗାଳିଗୁଲଜ କରିଥିଲା। ଏପରିକି ମାତ୍ର ୫ଲକ୍ଷ ଟଙ୍କା ନେଇ ଘର ଖାଲି ନକଲେ ପରିଣାମ ଭୋଗିବାକୁ ଧମକ ଦେଇଥିଲା। ସେହିଭଳି ଟାଉନ ଥାନା ଅନ୍ତର୍ଗତ ଅର୍ବାନବ୍ୟାଙ୍କ ରୋଡ ସ୍ଥିତ ରାଜକମଲ ଏଜେନ୍ସି ଦୋକାନକୁ ନେଇ ଗୃହମାଲିକ ଇ. ଦ୍ୱାରିକାନାଥ ଓ ଦୋକାନୀ ତଥା ରାଜକମଲ ଏଜେନ୍ସିର ମାଲିକ ପି. ରାଜା ପ୍ରଭାକର ରାଓଙ୍କ ମଧ୍ୟରେ ଲାଗି ରହିଥିବା ବିବାଦକୁ ନେଇ ଉଭୟ ପକ୍ଷ ମଧ୍ୟରେ ଏକାଧିକ ମାମଲା ଥାନାରେ ଓ କୋର୍ଟରେ ଚାଲୁ ରହିଛି। ଏହି ମାମଲାରେ ମଧ ରତିକାନ୍ତ ସେନାପତି ଓରଫ୍ ଜୁଲି ଓ ତାର ସହଯୋଗୀମାନେ ପ୍ରବେଶ କରିଥିଲେ। ଗତ ୧୭ତାରିଖରେ ବିବାଦୀୟ ରାଜକମଲ ଏଜେନ୍ସିରେ ଗଚ୍ଛିତ ଥିବା ବିଭିନ୍ନ ସାମଗ୍ରୀକୁ ଗୃହମାଲିକ ରତିକାନ୍ତ ଓ ତାଙ୍କ ସହଯୋଗୀଙ୍କ ସହଯୋଗରେ ନେଇଯାଇଥିଲେ। ଏହାର ପ୍ରତିବାଦ କରିବାରୁ ଦୋକାନୀ ମାଲିକ ତଥା ଅଭିଯୋଗକାରୀ ରାଜା ପ୍ରଭାକର ରାଓଙ୍କୁ ଗାଳିଗୁଲଜ କରିବା ସହ ୩୦ଲକ୍ଷ ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଛି।

ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମଙ୍କ ନିର୍ଦ୍ଦେଶକ୍ରମେ ନିଜେ ଟାଉନ ଏସଡିପିଓ ଛୋଟରାୟ ଉଭୟ ମାମଲାରେ ତଦନ୍ତ କରି ମାମଲା ରୁଜୁ କରିବା ସହ ରତିକାନ୍ତ ସେନାପତି ଓରଫ୍ ଜୁଲିକୁ ଗିରଫ କରିଥିବା ଜଣାପଡ଼ିଛି।



ଗ୍ୟାଙ୍ଗ ବିରୁଦ୍ଧରେ ଆସିଥିବା ବିଭିନ୍ନ ଅଭିଯୋଗର ତଦନ୍ତ ଜାରି ରହିଥିବା ବେଳେ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ମଧ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ ସେନାପତି ଗ୍ୟାଙ୍ଗର ଦୌରାତ୍ମ୍ୟ ଓ କଳା କାରନାମା ବିରୋଧରେ ଆସିଥିବା ଅଭିଯୋଗକୁ ଆଧାର କରି ନିୟମିତ ଭାବେ ଦୈନିକ ‘ସକାଳ’ରେ ଖବର ପ୍ରକାଶିତ ହେଉଥିଲା। ଏଥିପାଇଁ ମଧ ସେନାପତି ଗ୍ୟାଙ୍ଗ ପକ୍ଷରୁ ସୋସିଆଲ ମିଡିଆରେ ଧମକ ଚମକ ଦିଆଯାଉଥିଲା। ସେନାପତି ଗ୍ୟାଙ୍ଗର ଶିକାର ଏକାଧିକ ପରିବାର ନିକଟରେ ବ୍ରହ୍ମପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଥିଲେ। ଶେଷରେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟି ଗ୍ୟାଙ୍ଗର ମୁଖ୍ୟ ‘ରତିକାନ୍ତ ସେନାପତି’ ଓରଫ୍ ଜୁଲିକୁ ଗିରଫ କରାଯାଇଛି। ଏତଦ୍‌ବ୍ୟତୀତ ବାହାନା ନାଳକୁ ଜବରଦଖଲ କରି କଲଭର୍ଟ ଓ ଗାର୍ଡୱାଲ ନିର୍ମାଣ କରିଥିବା ଅଭିଯୋଗରେ ଡ୍ରେନେଜ୍ ବିଭାଗ ପକ୍ଷରୁ ମଧ ନିର୍ବାହୀଯନ୍ତ୍ରୀ ବିଷ୍ଣୁ ପାଣିଗ୍ରାହୀ ଗଞ୍ଜାମ ଜିଲ୍ଲାପାଳ ଓ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

ରକ୍ଷଣାବେକ୍ଷଣ ଅଭାବ

# ନଷ୍ଟପ୍ରାୟ ବିଏମ୍‌ସିର ‘ସ୍ପୋର୍ଟସ ଏରିନା’






ବ୍ୟୟ ହୋଇଥିଲା ସାଢ଼େ ୫କୋଟି
ଫାଟି ଆଁ କଲାଣି ପାଦଚଲା ସିନ୍ଥେଟିକ ଟ୍ରାକ୍

ବ୍ରହ୍ମପୁର,୨୭ ।୫(ସମିସ)

ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି ବିଏମସି ପକ୍ଷରୁ ପ୍ରତିଷ୍ଠା ହୋଇଥିବା ‘ସ୍ପୋର୍ଟର୍ସ୍ ଏରିନା’। ୨୦୧୮ମସିହାରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୨୪ନମ୍ବର ୱାର୍ଡ ବୈକୁଣ୍ଠନଗରରେ ଏକ ବିସ୍ତୀର୍ଣ୍ଣ ପଡ଼ିଆରେ ପାର୍କ ସମେତ ସ୍ପୋର୍ଟର୍ସ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ଏଥିପାଇଁ ପ୍ରକଳ୍ପ ଅଟକଳ ପ୍ରାୟ ୫କୋଟି ୫୦ଲକ୍ଷ ରହିଥିଲା। କମ୍ପ୍ଲେକ୍ସ ଭିତରେ ମିଶନ ଶକ୍ତି କାଫେ ସହିତ ମୁକ୍ତାକାଶ ବ୍ୟାୟାମ କେନ୍ଦ୍ର, ସ୍କେଟିଂ, ସିନ୍ଥେଟିକ ପାଦଚଲା ରାସ୍ତା ବା ଟ୍ରାକ୍, ଇନଡୋର ହଲରେ ବ୍ୟାଡମିଣ୍ଟନ ଓ ଟେବୁଲ ଟେନିସ ଭଳି ବିଭିନ୍ନ ଖେଳ ପାଇଁ ଆନୁସଙ୍ଗିକ ତଥା ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଥିଲା। ବହୁ କୋଟି ବ୍ୟୟରେ ପ୍ରତିଷ୍ଠା ଏହି ସ୍ପୋର୍ଟ୍ସ ଏରିନା ଉଦ୍‌ଘାଟନ ପରେ ସହରବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ପିଲାଙ୍କ ଠାରୁ ବୟସ୍କ ଉଭୟ ପୂର୍ବାହ୍ନ ଓ ଅପରାହ୍ନରେ ଏପରିକି ସନ୍ଧ୍ୟା ସମୟରେ ମଧ ଖୋଲା ଆକାଶତଳେ ଭ୍ରମଣ କରିବା ସହିତ ଯୋଗ କରିବାର ସୁଯୋଗ ପାଇଥିଲେ। ତେବେ ଏତେବଡ଼ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାକୁ ନଦେଇ ନିଜ ଅଧୀନରେ ରଖିଥିଲା ବିଏମ୍‌ସି। ଯଦ୍ୱାରା ରକ୍ଷଣାବେକ୍ଷଣ ଅଭାବରୁ ଅତ୍ୟାଧୁନିକ ସ୍ପୋର୍ଟସ ଏରିନା ଭଳି ଏକ ପ୍ରକଳ୍ପ ନଷ୍ଟପ୍ରାୟ ଅବସ୍ଥାରେ। ମିଶନ ଶକ୍ତି କାଫେ ଦୀର୍ଘ ବର୍ଷ ଧରି ବନ୍ଦ ହୋଇ ପଡ଼ିଥିବାବେଳେ ସେଠାରେ ଥିବା ଚେୟାର ସବୁ ଭାଙ୍ଗି ରୁଜି ଯାଇଛି। ମୁକ୍ତାକାଶ ବ୍ୟାୟାମର ସରଞ୍ଜାମ ଗୁଡିକର କଥା ନକହିବା ଭଲ। ସେପଟେ ଲୋକଙ୍କ ପାଦଚଲା ରାସ୍ତା ପାଇଁ ବିଛାଯାଇଥିବା ସିନ୍ଥେଟିକ ଟ୍ରାକ ବହୁ ସ୍ଥାନରେ ଫାଟି ଆଁ କରିସାରିଛି।

ସବୁଠାରୁ ବଡକଥା ହେଲା ସ୍ପୋର୍ଟର୍ସ ଏରିନାରେ ବିଏମ୍‌ସି ପକ୍ଷରୁ ଲୋକଙ୍କ ଠାରୁ ବ୍ୟବହାରିକ ଫି ବା ୟୁଜର୍ସ ଫି ଆଦାୟ କରାଯାଉଥିଲେ ହେଁ ଏହାର ସୁପରିଚାଳନା ଅଥବା ରକ୍ଷଣାବେକ୍ଷଣ ଆଦୌ କରାଯାଉନଥିବା ଦେଖିବାକୁ ମିଳିଛି। ଇନ୍‌ଡୋର ବ୍ୟବହାର କରୁଥିବା ପ୍ରତ୍ୟେକଙ୍କ ଠାରୁ ମାସିକ ଏକ ହଜାର ଓ ଆଉଟଡୋର୍ ବ୍ୟବହାର କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରୁ ସ୍ଲଟ୍ ବୁକିଂ କରି ମାସିକ ୧୫୦ଟଙ୍କା ଲେଖାଏଁ ଫି’ ଆଦାୟ କରାଯାଉଛି। ଏଠାରେ ସଫେଇ କର୍ମଚାରୀ ଓ ମାଳିଙ୍କୁ ନିୟୋଜିତ କରାଯାଇଥିଲେ ହେଁ ପରିସର ସଫାସୁତୁରା କରାଯାଉନାହିଁ। ସ୍ପୋର୍ଟର୍ସ ଏରିନାର ରକ୍ଷଣାବେକ୍ଷଣ ଦାୟିତ୍ୱ କୌଣସି ଘରୋଇ ସଂସ୍ଥାକୁ ଦିଆ ନଯାଇ ବରଂ ସ୍ଥାନୀୟ ୱାର୍ଡ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସୁଚିସ୍ମିତା ପୁହାଣଙ୍କୁ ଦିଆଯାଇଥିବା ଜଣାପଡିଛି। ତେବେ ସେ ନିଜେ ନିୟମିତ ବ୍ୟବଧାନରେ ସେଠାକୁ ଯାଇ ଏହାର ତଦାରଖ କରିବା ଦୂରେ ଥାଉ ଏହାର ରକ୍ଷଣାବେକ୍ଷଣ ନେଇ କାହାକୁ କେବେ ତାଗିଦ କରିନଥିବା ଅଭିଯୋଗ ହୋଇଛି। ଫଳରେ ଏତେବଡ଼ ତଥା ଦୂରଦୃଷ୍ଟି ସମ୍ପନ୍ନ ତଥା ଲୋକଙ୍କ ହିତସାଧନ ଉଦ୍ଦେଶ୍ୟରେ ପ୍ରତିଷ୍ଠା ହୋଇଥିବା ଏହି ବହୁକୋଟି ଟଙ୍କା ବ୍ୟୟର ପ୍ରକଳ୍ପ ଆଜି ନଷ୍ଟ ହେବାକୁ ବସିଛି। ତୁରନ୍ତ ଏଦିଗରେ ଧ୍ୟାନ ଦେଇ ଏହାର ରକ୍ଷଣାବେକ୍ଷଣ ଓ ମରାମତି କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏ ନେଇ ମେୟର ସଂଘମିତ୍ରା ଦଳେଇଙ୍କୁ ଯୋଗାଯୋଗ କରାଯିବାରେ ସେ ଏ ସମ୍ପର୍କରେ ଅବଗତ ଥିବା କହିବା ସହିତ ଖୁବ୍‌ଶୀଘ୍ର ସ୍ପୋର୍ଟର୍ସ୍ ଏରିନା ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# କାର୍ଯ୍ୟକ୍ଷମ ହୋଇପାରୁନି ଅତ୍ୟାଧୁନିକ ୱାଟର ‘କିଓସ୍କ’

ବ୍ରହ୍ମପୁର,୨୭ ।୫(ସମିସ): ଉଦ୍‌ଘାଟନ ପୂର୍ବରୁ ନଷ୍ଟ ହେବାକୁ ବସିଛି ସହରରେ ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ପ୍ରତିଷ୍ଠା ହୋଇଥିବା ୱାଟର କିଓସ୍କ। ୱାଟ୍‌କୋ ପକ୍ଷରୁ ଜନସାଧାରଣଙ୍କ ସୁବିଧା ପାଇଁ ପରିକଳ୍ପନା କରାଯାଇଥିବା ଏହି ଅତ୍ୟାଧୁନିକ ୱାଟର କିଓସ୍କ ନିର୍ମାଣ ଓ କାର୍ଯ୍ୟକ୍ଷମରେ ଅହେତୁକ ବିଳମ୍ବ ହେଉଥିବା ପରିଲକ୍ଷିତ ହୋଇଛି। ସହରରେ ମୁଖ୍ୟତଃ ନୂଆ ବସ୍‌ଷ୍ଟାଣ୍ଡ, ଏମ୍‌କେସିଜି ମେଡିକାଲ କ୍ୟାମ୍ପସ, ସିଟି ହସ୍ପିଟାଲ କ୍ୟାମ୍ପସ ଓ ବୈକୁଣ୍ଠନଗର ପରିବା ମାର୍କେଟ ନିକଟରେ ଏହିଭଳି ୪ଟି ପ୍ରମୁଖ ତଥା ଜନଗହଳିପୂର୍ଣ୍ଣ ସ୍ଥାନରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କିଓସ୍କ ପ୍ରତିଷ୍ଠା କରିବାକୁ ସ୍ଥାନ ଚିହ୍ନଟ କରାଯାଇଥିଲା। ଏମ୍‌କେସିଜି କ୍ୟାମ୍ପସ ଓ ସିଟି ହସ୍ପିଟାଲ କ୍ୟାମ୍ପସରେ କିଓସ୍କ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଭାବେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ସେହିଭଳି ବୈକୁଣ୍ଠନଗର ପରିବା ମାର୍କେଟ ନିକଟ ଓ ନୂଆ ବସ୍‌ଷ୍ଟାଣ୍ଡ ଠାରେ ଥିବା ଦୁଇଟି କିଓସ୍କ ନିର୍ମାଣ କାର୍ଯ୍ୟ ଦୀର୍ଘ ଏକବର୍ଷ ଧରି ଶେଷ ହୋଇସାରିଥିଲେ ହେଁ ତାହା କାର୍ଯ୍ୟକ୍ଷମ ନହୋଇ ପଡ଼ିରହିଛି। ପ୍ରତ୍ୟେକ କିଓସ୍କ ନିର୍ମାଣ ପାଇଁ ପ୍ରାୟ ୯ରୁ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏଥିରେ ସେନସର୍ ବ୍ୟବସ୍ଥା ରହିଛି। ୨୪ଘଣ୍ଟା ବିଶୁଦ୍ଧ ପାନୀୟ

● ପାଣିରେ ପଡ଼ିବ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା!
● ୱାଟ୍‌କୋ ପକ୍ଷରୁ ସହରରେ ପ୍ରତିଷ୍ଠା ହୋଇଛି ୪ କିଓସ୍କ




ଜଳ ଯୋଗାଣ ନିମନ୍ତେ ସେନସର୍ ଜରିଆରେ ଓଭରହେଡ୍ ଟ୍ୟାଙ୍କ ଭର୍ତ୍ତି ହେବାର ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବା ଜଣାପଡ଼ିଛି। ସାଧାରଣତଃ ବିଭିନ୍ନ ଷ୍ଟାଣ୍ଡପୋଷ୍ଟ ଅଥବା ପାଣି ପାଇଁ ଭିନ୍ନକ୍ଷମମାନଙ୍କୁ ଯିବାରେ କଷ୍ଟ ହେଉଥିବା ବେଳେ ସେମାନଙ୍କ ସୁବିଧା ଦୃଷ୍ଟିରୁ ଏହି କିଓସ୍କ ଗୁଡ଼ିକରେ ର୍‌ୟାମ୍ପର ବ୍ୟବସ୍ଥା ରହିଛି। ଏହି କିଓସ୍କଗୁଡ଼ିକ କାହିଁକି କାର୍ଯ୍ୟକ୍ଷମ ନହୋଇ ପଡ଼ିରହିଛି ଓ କେବେ କାର୍ଯ୍ୟକ୍ଷମ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ପ୍ରତିକ୍ରିୟା ରଖି ୱାଟ୍‌କୋ ମହାପ୍ରବନ୍ଧକ ଇଂ. ବିକାଶ ପାଢ଼ୀ କହିଛନ୍ତି ଖରାଦିନରେ ଜଳକଷ୍ଟ ଜନିତ ସମସ୍ୟା ଓ ତାହାର ମୁକାବିଲା ପାଇଁ ବ୍ୟସ୍ତତା ଭିତରେ ଏଥିପ୍ରତି ଧ୍ୟାନ ଦେବା ସମ୍ଭବପର ହୋଇନଥିଲା। ତେବେ ସମସ୍ତ କିଓସ୍କ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହୋଇ ଲୋକଙ୍କ ସେବାରେ ଲାଗିବ। ସେହିଭଳି ଏହି କିଓସ୍କ ଗୁଡ଼ିକର ପରିଚାଳନା ଦାୟିତ୍ୱ ମଧ ୱାଟ୍‌କୋ ନେବ ବୋଲି ମଧ ସେ ସ୍ପଷ୍ଟ ସୂଚନା ଦେଇଛନ୍ତି।

● ବ୍ରହ୍ମପୁର ପୁଲିସର ସ୍ପେଶାଲ ଡ୍ରାଇଭ ‘ଖୋଜ୍’

## ନିମଖଣ୍ଡି ପୁଲିସ କବ୍‌ଜାରେ ଅଭିଯୁକ୍ତ

ବ୍ରହ୍ମପୁର,୨୭ ।୫(ସମିସ): ଗତ କିଛିଦିନ ଧରି ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଅପରାଧିଙ୍କର ଆତଙ୍କରାଜ ଦେଖିବାକୁ ମିଳିଥିଲା। ଏହାର ମୁକାବିଲା ପାଇଁ ବ୍ରହ୍ମପୁର ପୁଲିସ ପକ୍ଷରୁ ଆରମ୍ଭ କରିଥିଲା ସ୍ପେଶାଲ ଡ୍ରାଇଭ ‘ଖୋଜ୍’। ଏହି ସ୍ପେଶାଲ ଡ୍ରାଇଭରେ ବ୍ରହ୍ମପୁର ପୁଲିସ ଜିଲ୍ଲା ଅନ୍ତର୍ଗତ ବଡବଜାର, ସଦରଥାନା, ନିମଖଣ୍ଡି, ଦିଗପହଣ୍ଡି ଥାନା ଓ ଗୋଷାଣିନୁଆଗାଁ ଥାନା ପୁଲିସ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଥିଲା। ୪ଟି ଥାନା ଅଞ୍ଚଳରେ ପୁଲିସ ଚଢଉ କରି ୧୨ଜଣ କୁଖ୍ୟାତ ଅପରାଧିଙ୍କୁ ଗିରଫ କରି ସେମାନଙ୍କ ଠାରୁ ୬ଟି ପିସ୍ତଲ, ୧୨ଟି ଅଫୁଟା ଗୁଳି, ୫ଟି ଖଣ୍ଡା ଓ ୭ଟି ମୋବାଇଲକୁ ଜବତ କରାଯାଇଥିଲା। କିଛିଦିନ ପୂର୍ବେ ଖାରବେଳନଗରର ଅଶୋକ



କୁମାର ପାଣିଗ୍ରାହୀ, ନିମଖଣ୍ଡି ଗ୍ରାମର ଟୁନା ନାୟକ ଓ ଲକ୍ଷ୍ମୀନୃସିଂହନଗର ତୃତୀୟ ଲାଇନର ସଙ୍ଗମ ପାଣିଗ୍ରାହୀ ଓରଫ ଶିବ ଆଦି ୩ଜଣ ଅଭିଯୁକ୍ତଙ୍କୁ ନିମଖଣ୍ଡି ଥାନା ପୁଲିସ ଗିରଫ କରି କରି ସେମାନଙ୍କ ନିକଟରୁ ୨ଟି ପିସ୍ତଲ ୪ଟି ଗୁଳି ଜବତ କରିଥିଲା। ପୁଲିସ ଏନେଇ ୧୫୮/୨୫ରେ ଏକ ମାମଲା ରୁଜୁ କରି ଉପରୋକ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ମଙ୍ଗଳବାର ଏହି ମାମଲାରେ ସମ୍ପୃକ୍ତ ଥିବା ପେଷାଦାର ଅପରାଧୀ ତଥା ଭାବିନୀପୁର ହରିଜନ ସାହିର ଲିପୁନ ଓରଫ ଅମିତ ଦାସ(୨୭)କୁ ଗିରଫ କରିଛି। ପୂର୍ବରୁ ଲିପୁନ ନାମରେ ୪ଟି ସଙ୍ଗୀନ ମାମଲା ରହିଛି। ଲିପୁନ ନାମରେ ଦୁଇଟି ୱାରେଣ୍ଟ ମଧ ରହିଥିବା ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି। ପୁଲିସ ଏହି ଅପରେସନ ଜାରି ରଖିଛି।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି



ବ୍ରହ୍ମପୁର,୨୭ ।୫(ସମିସ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ା. ଶର୍ବଣା ବିବେକ ଏମ, ବ୍ରହ୍ମପୁର ଉପଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର ଓ ପ୍ରୋବେସନ ଆଇଏଏସ ଅଧିକାରୀ ମୃଣାଳିକା ରାଠୋରଙ୍କ ଉପସ୍ଥିତିରେ ବିଭିନ୍ନ ବ୍ୟକ୍ତିଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ସମୁଦାୟ ୩୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ୩୨ଟି ଥିବାବେଳେ ସାମୁହିକ ଅଭିଯୋଗ ୨ଟି ଥିଲା। ସେଥିମଧ୍ୟରୁ ଦୁଇଟି ଅଭିଯାଗର ତ୍ୱରିତ ଫଇସଲା ହୋଇଥିଲା। ଅଭିଯୋଗ ଶୁଣାଣିରେ ପ୍ରତ୍ୟେକ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ, ବ୍ରହ୍ମପୁର ଉପଖଣ୍ଡର ସମସ୍ତ ତହସିଲଦାର ଏବଂ ବିଡ଼ିଓ ଉପସ୍ଥିତ ଥିଲେ।

# ସରକାରଙ୍କ ନଜର ଆଢୁଆଳରେ ଏମ୍‌କେସିଜି




● ବର୍ଷେ ହେଲା ଖାଲିପଡ଼ିଛି ଡିନ୍ ଓ ଅଧକ୍ଷ ପଦବୀ, ଅତିରିକ୍ତ ଦାୟିତ୍ୱରେ ଅଧୀକ୍ଷକ
● ନାହାନ୍ତି ୭ ପ୍ରଫେସର, ୨୯ ଆସୋସିଏଟ୍ ପ୍ରଫେସର ଓ ୨୩ ଆସିଷ୍ଟାଣ୍ଟ ପ୍ରଫେସର
● ଚିକିତ୍ସା କ୍ଷେତ୍ରରେ ଦକ୍ଷିଣ ଓଡ଼ିଶାକୁ ଅବହେଳା କରୁଛି ସ୍ୱାସ୍ଥ୍ୟବିଭାଗ

ବ୍ରହ୍ମପୁର,୨୭ ।୫(ସମିସ)

ଦକ୍ଷିଣଓଡିଶା ନିମନ୍ତେ ଏ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଅନୁଷ୍ଠାନରେ କେବଳ ଯେ ରୋଗୀଙ୍କ ଚିକିତ୍ସା କରାଯାଏ ତାହାନୁହେଁ, ବରଂ ଏଠାରୁ ପ୍ରତିବର୍ଷ ଶତାଧିକ ଡାକ୍ତର ସୃଷ୍ଟି ହୋଇଥାନ୍ତି। ତେଣୁ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ପ୍ରଦାନ ସହିତ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ କ୍ଷେତ୍ରରେ ମଧ ଅନୁଷ୍ଠାନ ଅନେକ ଗୁରୁତ୍ୱ ବହନ କରୁଛି। ଏଭଳି ଭାବେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କଲେଜ ପାଇଁ ଡିନ୍ ତଥା ଅଧକ୍ଷ ଓ ମେଡିକାଲ ପାଇଁ ଅଧୀକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥାଏ। ତେବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଚରମ ଅବହେଳା ଓ ନିରବତା କାରଣରୁ ଏମ୍‌କେସିଜି ମେଡିକାଲ କଲେଜର ଡିନ୍ ତଥା ଅଧକ୍ଷ ପଦବୀ ଦୀର୍ଘ ଏକବର୍ଷ ଧରି ଖାଲିପଡ଼ିଛି। ଇତିମଧ୍ୟରେ ରାଜ୍ୟରେ ଶାସନଭାର ଗ୍ରହଣ କରିଥିବା ବିଜେପି ସରକାରକୁ ମଧ ଏକ ବର୍ଷ ପୂରିବାକୁ ଯାଉଛି। ବିଭିନ୍ନ ସମୟରେ ଏହି ମେଡିକାଲକୁ ରାଜ୍ୟ ସରାକରଙ୍କ ବହୁ ମନ୍ତ୍ରୀ ଓ ବିଧାୟକ ପରିଦର୍ଶନରେ ଆସୁଥିବା ବେଳେ ଖାଲି ପଡ଼ିଥିବା ଡିନ୍ ପଦବୀ ପୂରଣ ନିମନ୍ତେ କୌଣସି ପଦେକ୍ଷପ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି। ବର୍ଷାଧିକ କାଳ ଡିନ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିବା ଘଟଣାକୁ ଅନୁଧ୍ୟାନ କଲେ ମନେ ହେଉଛି ଯେମିତି ସରକାରଙ୍କ ନଜର ଅଢୁଆଳରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ରହିଛି। ରାଜ୍ୟ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଡିନ ତଥା ଅଧକ୍ଷ ଚୟନ ବିଳମ୍ବ କାରଣରୁ ପ୍ରତିବର୍ଷ ଶହଶହ ଡାକ୍ତର ସୃଷ୍ଟି କରୁଥିବା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନରେ ଗତ ୨୦୨୪ମସିହା ମେ’ ୨୭ତାରିଖରୁ ମୂରବୀ ବିହୀନ ହୋଇ ପଡ଼ିରହିଛି। କାମଚଳା ଭାବେ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ର ଦାଶଙ୍କୁ ଗତ ଏକବର୍ଷ ଧରି ଡିନ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ଭାବେ କାର୍ଯ୍ୟ କରୁଥିବା ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ରଙ୍କୁ ଡିଏମ୍‌ଇଟି ଭାବେ ରାଜ୍ୟ ସରକାର ପଦୋନ୍ନତି ଦେବା ପରେ ଏହି ପଦବୀକୁ ଆଉ ପୂରଣ କରାଯାଇନାହିଁ। ତେବେ ଅନୁଷ୍ଠାନରେ ଅଧ୍ୟୟନ କରୁଥିବା ୟୁଜି ଓ ପିଜିର ଛାତ୍ରଛାତ୍ରୀଙ୍କ ସମସ୍ୟା ସାଙ୍ଗକୁ ଶତାଧିକ ଡାକ୍ତରଙ୍କୁ ପରିଚାଳନା କରିବା ଜଣଙ୍କ ପକ୍ଷେ କଷ୍ଟକର। ଏହାସହ ଏମକେସିଜି ମେଡିକାଲରେ ୨୨ରୁ ଅଧିକ ବିଭାଗରେ ଚିକିତ୍ସିତ ହୋଉଥିବା ଶତାଧିକ ରୋଗୀଙ୍କ ସମସ୍ୟା ଓ ଏହାର ସମାଧାନ କରିବା ମଧ କାଠିକର ପାଠ। ଏପରିକି ବିଭିନ୍ନ ବିଭାଗରେ ବହୁ ଡାକ୍ତର ଅନୁପସ୍ଥିତ ରହୁଥିବା ବେଳେ କାର୍ଯ୍ୟଭାର କାରଣରୁ ମେଡିକାଲର ବିଭିନ୍ନ ବିଭାଗ ପରିଦର୍ଶନ କରିବା ଜଣେ ମହିଳା ଅଧିକାରୀଙ୍କ ପାଇଁ କଷ୍ଟସାଧ ବ୍ୟାପାର। ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦେବା ଫଳରେ ପରୋକ୍ଷରେ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ଓ ରୋଗୀଙ୍କୁ ଉତ୍ତମ ଚିକିତ୍ସାସେବା ପ୍ରଦାନରେ ଅବହେଳା ହେଉଥିବା ଅଭିଯୋଗ ହୋଇଛି। ଏହାର ସୁଯୋଗ ନେଇ କିଛି ଅସାଧୁ କର୍ମଚାରୀ ଓ ବିଭିନ୍ନ ବିଭାଗର ଅଧିକାଂଶ ବରିଷ୍ଠ ଡାକ୍ତର କାର୍ଯ୍ୟ ସମୟରେ ବିଭାଗରେ ଅନୁପସ୍ଥିତ ରହୁଥିବା ନଜିର ରହିଛି। କେବଳ ଡିନ୍ ବା ଅଧକ୍ଷ ପଦବୀ ନୁହେଁ ବରଂ ବର୍ଷାଧିକ କାଳଧରି ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ଭଳି ବହୁ ପଦବୀ ଖାଲି ପଡ଼ିଛି। ସୂଚନା ଅନୁଯାୟୀ ଚଳିତ ବର୍ଷ ମାର୍ଚ୍ଚ ୧୭ତାରିଖ ସୁଦ୍ଧା ବିଭିନ୍ନ ବିଭାଗ ନିମନ୍ତେ ମୋଟ ୪୦ଟି ପ୍ରଫେସର ପଦବୀ ମଞ୍ଜୁର ହୋଇଥିବା ବେଳେ ସେଥି ମଧ୍ୟରୁ ୩୩ଜଣ ପ୍ରଫେସର କାର୍ଯ୍ୟ କରୁଛନ୍ତି। ଅବଶିଷ୍ଟ ୭ଟି ପବଦୀ ଦୀର୍ଘମାସ ଧରି ଖାଲି ପଡ଼ିଛି। ସେହିପରି ମୋଟ ୮୧ଟି ଆସୋସିଏଟ୍ ପ୍ରଫେସର ପଦବୀ ମଧ୍ୟରୁ ୫୨ଟି ପଦବୀ ପୂରଣ ହୋଇଥିବା ବେଳେ ଅବଶିଷ୍ଟ ୨୯ଟି ପଦବୀ ଖାଲି ପଡ଼ିଛି। ଏହା ସହ ମୋଟ ୧୪୯ଟି ଆସିଷ୍ଟାଣ୍ଟ ପ୍ରଫେସର ମଧ୍ୟରୁ ୧୨୬ଟି ପଦବୀ ପୂରଣ ହୋଇଛି। ଅବଶିଷ୍ଟ ୨୩ଟି ପଦବୀ ଦୀର୍ଘମାସ ଧରି ଖାଲିପଡ଼ିଛି। ଫଳରେ ଅନୁଷ୍ଠାନ ପରିଚାଳନା କରିବାରେ ସମସ୍ୟା ଦେଖା ଦେଇଛି। ତେଣୁ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ଖାଲି ପଡ଼ିଥିବା ଡ଼ିନ ସମେତ ଅନ୍ୟାନ୍ୟ ପଦବୀ ପୂରଣ ଦିଗରେ ତୁରନ୍ତ ପଦେକ୍ଷପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ସକାଳ
THE SAKALA



ସହରଗୁଡ଼ିକ ଠିକ୍ ଆମ ମଣିଷମାନଙ୍କ ପରି। ପୁରୁଣା ସହରମାନେ ଚରିତ୍ରବାନ ଏବଂ ନୂଆ ସହରମାନେ ସଦା ପରିବର୍ତ୍ତନଶୀଳ ଓ ଚଳଚଞ୍ଚଳ।
-ୱାଲାସ୍ ଷ୍ଟେଗ୍‌ନର

# ଶବ୍ଦ ସ୍ୱତ୍ୱାଧିକାର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା, ନୀତିକାନ୍ତି ଏବଂ ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ଧାମ ପୁରୀ ସମ୍ପର୍କିତ ଅନନ୍ୟ ଶବ୍ଦାବଳୀର ପ୍ୟାଟେଣ୍ଟ(ସ୍ୱତ୍ୱାଧିକାର) କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଯଦି ଏହା ବିଧିବଦ୍ଧ ସର୍ବସମ୍ମତ ସ୍ୱୀକୃତି ଲାଭ କରେ ତେବେ ଏହି ଉଦ୍ୟମ ହେବ ଶ୍ରୀମନ୍ଦିର ପରିଚାଳନା ଇତିହାସରେ ଏକ ଅଭିନବ ପଦକ୍ଷେପ। ପଶ୍ଚିମବଙ୍ଗର ଦୀଘାଠାରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିରକୁ 'ଧାମ' ଭାବରେ ନାମିତ କରିବା ପରେ ଓଡ଼ିଶାରେ ଯେଉଁ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ସେହି ପୃଷ୍ଠଭୂମିରେ ଏବଂ ଜନମତର ସ୍ରୋତାନୁକୂଳରେ ଏହି ନବଚିନ୍ତନ ଜନ୍ମ ନେଇଥିବା ମନେହୁଏ। ସମ୍ପ୍ରତି ରାଜ୍ୟ-ରାଜ୍ୟ ଓ କେନ୍ଦ୍ର-ରାଜ୍ୟ ମଧ୍ୟରେ ଯେଭଳି ତଥାକଥିତ ଅସ୍ମିତା ହଡ଼ପ ପ୍ରତିଯୋଗିତା ଆରମ୍ଭ ହୋଇଛି ସେହି ଦୃଷ୍ଟିକୋଣରୁ ବିଚାରକଲେ ଶ୍ରୀମନ୍ଦିର ପ୍ରଶାସନର ଉପରୋକ୍ତ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ଓ ସମୟୋପଯୋଗୀ। କିନ୍ତୁ ଏ ବିଷୟରେ ନିଗୂଢ଼ ଭାବେ ଚିନ୍ତା କଲେ କେତେକ ପ୍ରଶ୍ନ ଓ ଦ୍ୱନ୍ଦ୍ୱ ସ୍ୱତଃ ସୃଷ୍ଟି ହେଉଛି, ଯାହା କିଞ୍ଚିତ ଆଲୋଚନାର ଅବକାଶ ସୃଷ୍ଟି କରିଛି।

ଶ୍ରୀଜଗନ୍ନାଥ ଚେତନାର ସୌରଭ ସାତସମୁଦ୍ର, ପର୍ବତ, ଅରଣ୍ୟ ଭେଦି ବିଶ୍ୱାୟନରେ 'ଜଗତର ନାଥ' ଶବ୍ଦର ସାର୍ଥକତା ଓ ପ୍ରାମାଣିକତା ପ୍ରତିଷ୍ଠା କରିସାରିଛି ଏବଂ ଏବେ ଏହା ଆହୁରି ପରିବ୍ୟାପ୍ତ ହେଉଛି। ଏକପକ୍ଷରେ ଆମେ ନୀଳାଦ୍ରିନାଥଙ୍କୁ ବିଶ୍ୱାୟନରେ ଉପସ୍ଥାପନ କରିବା ବେଳେ ତତ୍‌ସଂଲଗ୍ନ ଶବ୍ଦ ଓ ଉଚ୍ଚାରଣକୁ ସ୍ୱତ୍ୱାଧିକାରରେ ଆବଦ୍ଧ କଲେ ଶ୍ରୀଜଗନ୍ନାଥ ଚେତନା ଓ ମହନୀୟତାକୁ ଏକ ସଂକୀର୍ଣ୍ଣତାବାଦୀ ରକ୍ଷଣଶୀଳ ଦୁନିଆରେ ସୀମାବଦ୍ଧ କରିଦେବା ଭଳି ହେବ ନି ତ? ଅନିଚ୍ଛା ସତ୍ତ୍ୱେ ଏଭଳି ପ୍ରଶ୍ନଟିଏ ଶ୍ରୀଜଗନ୍ନାଥଙ୍କୁ ବ୍ରହ୍ମାଣ୍ଡର ଠାକୁର ଭାବେ ଗ୍ରହଣ କରି ନେଇଥିବା ବିଶ୍ୱହିତୈଷୀ ଓଡ଼ିଆର ହୃଦୟ ଓ ମନ ଭିତରେ ଆନ୍ଦୋଳିତ ହେଉଛି। ଆମେ ଏହି ସ୍ତମ୍ଭରେ ପୂର୍ବରୁ ମଧ୍ୟ ଉଲ୍ଲେଖ କରିଥିଲୁ ଯେ ଯେପରି ରାମଚନ୍ଦ୍ର ନାମ ଧାରଣ କଲେ କେହି ମର୍ଯ୍ୟାଦା ପୁରୁଷୋତ୍ତମ ହୋଇପାରିବେ ନାହିଁ, ସେହିଭଳି 'ଶ୍ରୀକ୍ଷେତ୍ର', 'ଧାମ' ଆଦି ନାମ ବହନ ଓ ଧାରଣ କଲେ ସେହି ଅଞ୍ଚଳ ପାବନ ଶଙ୍ଖକ୍ଷେତ୍ର ହୋଇଯିବ ନାହିଁ। ଓଡ଼ିଶା ଓ ଓଡ଼ିଶା ବାହାରେ ଏଭଳି ଅନେକ '...ଶ୍ରୀକ୍ଷେତ୍ର', 'ଆନନ୍ଦବଜାର' ଆଦି ପ୍ରତିଷ୍ଠା ହୋଇଥିଲେ ମଧ୍ୟ ନୀଳାଚଳଧାମ ପ୍ରତି ଜନସମୁଦାୟର ଆବେଗ, ଶ୍ରଦ୍ଧା ଓ ଭକ୍ତିରେ ତିଳେମାତ୍ର ଆଞ୍ଚ ଆସିନାହିଁ, ବରଂ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦୀଘା 'ଧାମ' ନାମ ଧାରଣ କଲେ ପୁରୀ ତୀର୍ଥାଟନ ଓ ପର୍ଯ୍ୟଟନରେ ମର୍ଯ୍ୟାଦା ଓ ଗୁରୁତ୍ୱ ହରାଇବ ବୋଲି କତିପୟ ବିଭ୍ରାନ୍ତ ମସ୍ତିଷ୍କରୁ ସୃଷ୍ଟି ହୋଇଥିବା ଉଦ୍‌ଭ୍ରାନ୍ତ ଓ ଅବାନ୍ତର ଧାରଣା ହିଁ ବିବାଦକୁ ଜଟିଳ କରୁଛି ଏବଂ ଶ୍ରୀଜଗନ୍ନାଥ ଚେତନାକୁ ସଂକୁଚିତ କରୁଛି। ଏପରିକି ଓଡ଼ିଶାରେ ଏଭଳି ବିତର୍କ ଓ ଆଲୋଚନା ଦ୍ୱାରା ବଙ୍ଗୀୟମାନଙ୍କର ଗୁରୁତ୍ୱ ପରୋକ୍ଷରେ ବଢ଼ୁଛି।

ସ୍ୱତ୍ୱାଧିକାର ପାଇଁ ଆବେଦନ କରିବା ବେଳେ ସେଥିରେ କେଉଁସବୁ ଶବ୍ଦ ରହିବ ତାହା ଏ ପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ। ଯଦି ଶ୍ରୀମନ୍ଦିର ପ୍ରଶାସନ ଏକ ମହତ୍ ଭାବନା ନେଇ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଯାଇ ଏଭଳି ଚିନ୍ତା କରିଥିବେ ଏବଂ ବିହିତ ପଦକ୍ଷେପ ନେବେ ତେବେ ତାହାକୁ ଆମେ ସଶ୍ରଦ୍ଧ, ସବିନୟ ଓ ସସମ୍ମାନ ସ୍ୱାଗତ କରୁଛୁ। ତଥାପି କିଛି ଦ୍ୱନ୍ଦ୍ୱ ବିଜଡ଼ିତ ପ୍ରଶ୍ନ ଉତ୍‌ଥାପନ କରିବାର ଧୃଷ୍ଟତା କରୁଛୁ। କୋଟିକୋଟି ଓଡ଼ିଆର ପରମ ଆରାଧ୍ୟ, ଓଡ଼ିଆ ସଂସ୍କୃତିର ନାଭିକେନ୍ଦ୍ର, ଓଡ଼ିଆ ଜାତିର ମୁରବି ବିଶ୍ୱବ୍ରହ୍ମାଣ୍ଡର ନାୟକଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଭରସାର ପ୍ରତୀକ ରୂପେ ବିଶ୍ୱର ଅନେକ ଅଞ୍ଚଳରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି ଏବଂ ସେଥିସହିତ ଚାପଖେଳ, ସ୍ନାନପୂର୍ଣ୍ଣିମା, ଛେରାପହଁରା, ମାଉସୀମା', ଆଡ଼ପ ମଣ୍ଡପ, ଅଣସର, ନୀଳାଦ୍ରିବିଜେ, ଅଧରପଣା ଆଦି ନୀତିକାନ୍ତି ପାଳନ ହୋଇଆସୁଛି, ଯାହା ମୂଳତଃ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରୁ ସୃଷ୍ଟ ଓ ପ୍ରଚଳିତ। ଏହା ଭକ୍ତଙ୍କର ପ୍ରଭୁଙ୍କ ପ୍ରତି ଆତ୍ମୀୟତା ଓ ଭାବାବେଗର ପ୍ରତୀକ। ଯଦି ସ୍ୱତ୍ୱାଧିକାରରେ ଏହିସବୁ ଶବ୍ଦ ସାମିଲ୍ ହୋଇଯାଏ ତେବେ ଭକ୍ତ ଓ ଭଗବାନ ମଧ୍ୟରେ ପ୍ରତିବନ୍ଧକଟିଏ ସୃଷ୍ଟି ହେବ ନାହିଁ କି? ଯଦି କେବଳ ଦୀଘାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର, ଜଗନ୍ନାଥଧାମ, ମହାପ୍ରସାଦ ଭଳି ନିର୍ଦ୍ଦିଷ୍ଟ ଶବ୍ଦକୁ ସ୍ୱତ୍ୱାଧିକାରରେ ସାମିଲ୍ କରିବାକୁ ଯୋଜନା ହୋଇଥାଏ ତାହା କୋଟି ଓଡ଼ିଆର ମଉଡ଼ମଣି ବିଶ୍ୱାତ୍ମାଙ୍କ ଗରିମା ଓ ମହିମା ଦୃଷ୍ଟିରୁ ବୋଧହୁଏ ଶୋଭନୀୟ ହେବ ନାହିଁ ବୋଲି ଆମର ବିନମ୍ର ପରାମର୍ଶ। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ଶବ୍ଦର ସ୍ୱତ୍ୱାଧିକାର କହିବାକୁ ଯେତିକି ସରଳ, ତା'ର ରୂପାୟନ ଓ ପ୍ରଭାବ କାହିଁ କେତେ ଅଧିକ ଜଟିଳ। ତେଣୁ ଏ ସମ୍ପର୍କରେ ବ୍ୟାପକ ଓ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ ଏବଂ ପରାମର୍ଶସବୁକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱର ସହିତ ବିଚାର ପାଇଁ ଗ୍ରହଣ କରିବା ମଧ୍ୟ ଜରୁରୀ। ସର୍ବୋପରି ଶଙ୍କରାଚାର୍ଯ୍ୟଙ୍କ ମତାମତ ଏ କ୍ଷେତ୍ରରେ ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ଓ ବାଞ୍ଛନୀୟ।

ଏହି ପୃଷ୍ଠଭୂମିରେ ଆମେ ରଥଯାତ୍ରାକୁ ୟୁନେସ୍କୋର ଅସ୍ପୃଶ୍ୟମାନ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ୍ ବିଷୟ ପୁନଃଉପସ୍ଥାପନ କରିବାକୁ ପ୍ରାସଙ୍ଗିକ ମନେ କରୁଛୁ। ପଶ୍ଚିମବଙ୍ଗ ରସଗୋଲାକୁ ଜିଆଇ ଟ୍ୟାଗ୍ ଦାବି କରି ପ୍ରମାଣପତ୍ର ହାସଲ କରିସାରିବା ପରେ ଆମେ ତତ୍ପର ହେଲୁ; 'ଦୀଘା'କୁ 'ଧାମ' ଘୋଷଣା କରିବା ପରେ ଆମେ ଏବେ ପ୍ରତିକ୍ରିୟାଶୀଳ ହେଉଛୁ। କିନ୍ତୁ ପଶ୍ଚିମବଙ୍ଗର ଦଶହରା ପର୍ବ ପୁରୀ ରଥଯାତ୍ରାଠାରୁ ଅର୍ବାଚୀନ ହେଲେ ମଧ୍ୟ ୟୁନେସ୍କୋର ଏହି ତାଲିକାରେ ସାମିଲ୍ ହୋଇସାରିଛି। ଅଥଚ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏ ପର୍ଯ୍ୟନ୍ତ ତାଲିକାଭୁକ୍ତ ହୋଇପାରିନାହିଁ କି ଆମେ ସେ ଦିଗରେ ନିଷ୍ଠାବାନ ହୋଇପାରିଲୁ ନାହିଁ। ସଦ୍ୟତମ ଉଦ୍ୟମ ବଳରେ ଆମ ଆବେଦନ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ଷ୍ଟୋରରୁମ୍(ଇନ୍‌ଭେଣ୍ଟ୍ରି ବର୍ଗଭୁକ୍ତ ହୋଇଛି)ରେ ପଡ଼ି ରହିଛି। ଚଳିତ ବର୍ଷ ରଥଯାତ୍ରା ପ୍ରତ୍ୟକ୍ଷ ଦେଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସମେତ ତାଙ୍କ ମନ୍ତ୍ରିପରିଷଦର ବହୁ ସଦସ୍ୟ ଆସୁଥିବା ଚର୍ଚ୍ଚା ହେଉଛି। ଏହି ଅବସରରେ ଦାବି ଓ ସଂକଳ୍ପପତ୍ର ଉପସ୍ଥାପନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବୈଠକରେ ଆଲୋଚନା ହୋଇଥିଲେ ଓଡ଼ିଶା ପ୍ରତି ହୋଇଆସୁଥିବା ଐତିହାସିକ ଅନ୍ୟାୟ ଓ ଅବହେଳା ଦୂର କରିବାରେ ଯଥୋଚିତ ଓ ସମୟୋପଯୋଗୀ ପଦକ୍ଷେପ ହୋଇଥା'ନ୍ତା। ଡବଲ୍ ଇଞ୍ଜିନ ସରକାରରେ ଏ କାମଟି ହେବାକୁ ବିଳମ୍ବ ହୁଅନ୍ତା ନାହିଁ।

ଆମେ ପୁଣି ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛୁ ଯେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ଶୃଙ୍ଖଳିତ ହୋଇପାରିଲା ନାହିଁ। ଧାଡ଼ି ଦର୍ଶନ କେବଳ ଘୋଷଣାରେ ସୀମିତ ରହିଗଲା। ମହାପ୍ରସାଦର ଦର ନିର୍ଦ୍ଧାରଣ ମଧ୍ୟ ଗ୍ରହଣୀୟ ହୋଇପାରିନାହିଁ। ପୁରୀକୁ ଆସୁଥିବା କୋଟିକୋଟି ଶ୍ରୀଜଗନ୍ନାଥ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଏହା ଅସ୍ୱସ୍ତି ସୃଷ୍ଟି କରୁଛି। ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ଏବଂ ତ୍ରୁଟି ସଜାଡ଼ିବାରେ ଅବହେଳାରୁ ସର୍ବସାଧାରଣଙ୍କ ଦୃଷ୍ଟି ଭ୍ରମିତ କରିବା ପାଇଁ ଶବ୍ଦ ସ୍ୱତ୍ୱାଧିକାର ଭଳି ଉଚ୍ଚାଟ ସୃଷ୍ଟିକାରୀ ଘୋଷଣା ହୋଇଥାଇପାରେ ବୋଲି ହେଉଥିବା ଅଭିଯୋଗକୁ ମଧ୍ୟ ଏହି ପୃଷ୍ଠଭୂମିରେ ହଠାତ୍ ହାଲ୍‌କା ଭାବେ ନିଆଯାଇପାରିବ ନାହିଁ।

# ସଂରକ୍ଷଣ ବ୍ୟବସ୍ଥାରେ ଓବିସି-ବିତର୍କ

ଅଧ୍ୟାପକ ଗୋପବନ୍ଧୁ

ଭାରତବର୍ଷରେ ଅନୁସୂଚିତ ଜାତି(ଏସସି) ଓ ଅନୁସୂଚିତ ଜନଜାତି(ଏସଟି)ମାନଙ୍କ ପାଇଁ ସଂରକ୍ଷଣ ଲାଗୁହେବା କ୍ଷେତ୍ରରେ କୌଣସି ବିବାଦ ସୃଷ୍ଟି ହୋଇନାହିଁ। କାରଣ ସମ୍ବିଧାନ ପ୍ରସ୍ତୁତି କାଳରେ ଏ ବାବଦକୁ ସମସ୍ତ ବିଧିବିଧାନ ପ୍ରସ୍ତୁତ ହୋଇଯାଇଥିଲା। ଅନ୍ୟପକ୍ଷରେ ଅନ୍ୟାନ୍ୟ ପଛୁଆବର୍ଗ(ଓବିସି) ସଂରକ୍ଷଣକୁ ନେଇ ଅନେକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଆସିଛି। ଏବେବି ବିବାଦର ଅନ୍ତ ହୋଇନାହିଁ। ସମ୍ବିଧାନର ୩୪୦ ଧାରା ଅନୁସାରେ ଏସଟି ଓ ଏସସିମାନଙ୍କ ବାଦେ ଅନ୍ୟ ଯେଉଁ ପଛୁଆ ଜାତି ରହିଛନ୍ତି ସେମାନଙ୍କ ବିକାଶ ପାଇଁ ସରକାର ପଦକ୍ଷେପ ନେଇପାରିବେ। ଏହି ଧାରା ଅନୁସାରେ ତତକାଳୀନ କେନ୍ଦ୍ର ସରକାର ୧୯୫୩ ମସିହାରେ ଏକ ଆୟୋଗ କାକା କାଲେଲକରଙ୍କ ଅଧ୍ୟକ୍ଷତାରେ ବସାଇଥିଲେ। ଆୟୋଗ ୧୯୫୫ ମସିହାରେ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲେ। ଏଥିରେ ସେମାନଙ୍କ ସଂରକ୍ଷଣ ବ୍ୟବସ୍ଥା ସହିତ ଅନେକଗୁଡ଼ିଏ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବାକୁ ସୁପାରିସ କରାଯାଇଥିଲା। କିନ୍ତୁ ତତକାଳୀନ ସରକାର ଏହାକୁ କାର୍ଯ୍ୟକାରୀ କରିନଥିଲେ।

୧୯୭୯ ମସିହାରେ ବି ପି ମଣ୍ଡଳଙ୍କ ଅଧ୍ୟକ୍ଷତାରେ ପୁଣି ଏକ ଆୟୋଗ ଗଠନ ହେଲା। ଏହି ଆୟୋଗ ୧୯୮୦ ମସିହାରେ ତାଙ୍କ ରିପୋର୍ଟ ପ୍ରଦାନ କରିଥିଲେ। ସେଥିରେ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଶତକଡ଼ା ୨୭ ଭାଗ ସଂରକ୍ଷଣ ପ୍ରଦାନ ସହିତ ଅନେକଗୁଡ଼ିଏ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସୁପାରିସ କରାଯାଇଥିଲା। ସ୍ୱାଧୀନତା ପରେ ଆଉ ଜାତିଭିତ୍ତିକ ଜନଗଣନା ହୋଇନାହିଁ। ତେଣୁ ମଣ୍ଡଳ ଆୟୋଗ ୧୯୩୧ ମସିହାର ଜନଗଣନାକୁ ଭିତ୍ତିକରି ଦେଶରେ ଓବିସିଙ୍କ ସଂଖ୍ୟା ଶତକଡ଼ା ୫୨ ଭାଗ ବୋଲି କହିଥିଲେ। ଯେହେତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଅନୁଯାୟୀ ସଂରକ୍ଷଣ ସୀମା ୫୦%ରୁ ଅଧିକ ହୋଇପାରିବ ନାହିଁ, ତେଣୁ ଆୟୋଗ ଓବିସି ସଂରକ୍ଷଣକୁ ୨୭% ରେ ସୀମିତ ରଖିଥିଲେ। ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ରରେ ଏସଟି ଓ ଏସସିଙ୍କ ସଂରକ୍ଷଣ ପୂର୍ବରୁ ୨୨.୫% ରହିଛି। ତତ୍କାଳୀନ କେନ୍ଦ୍ର ସରକାର ରିପୋର୍ଟକୁ ଶୀତଳଭଣ୍ଡାରରେ ପକାଇରଖିଲେ।

ନିର୍ବାଚନ ପ୍ରତିଶ୍ରୁତି ମୁତାବକ ମଣ୍ଡଳ ଆୟୋଗ ରିପୋର୍ଟକୁ କାର୍ଯ୍ୟକାରୀ କରିବା ପାଇଁ ୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହ ଚାକିରି କ୍ଷେତ୍ରରେ ଓବିସିମାନଙ୍କୁ ୨୭% ସଂରକ୍ଷଣ ପ୍ରଦାନ ପାଇଁ ଘୋଷଣା କରିଥିଲେ। ଏହି ଘୋଷଣା ବିରୁଦ୍ଧରେ ଚାରିଆଡ଼େ ଆନ୍ଦୋଳନ ମୁଣ୍ଡ ଟେକିଲା। ବ୍ୟାପକ ପୋଡ଼ାଜଳା ଓ ଭଙ୍ଗାରୁଜା ହେଲା। ମଣ୍ଡଳ ଆୟୋଗ ସୁପାରିସ କାର୍ଯ୍ୟକାରିତାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯିବାରୁ ପ୍ରଧାନମନ୍ତ୍ରୀ ଶ୍ରୀସିଂହଙ୍କ ଘୋଷଣାକୁ ସଙ୍ଗେସଙ୍ଗେ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ। ୧୯୯୨ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାର ବୈଧତା ଉପରେ ମୋହର ଲଗାଇଥିଲେ। ଏହାପରେ କେବଳ ଚାକିରି କ୍ଷେତ୍ରରେ ଓବିସି ସଂରକ୍ଷଣ ଲାଗୁ ହେଲା। ପୁଣି ୨୦୦୬ ମସିହାରେ ତତ୍କାଳୀନ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂହ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନମାନଙ୍କରେ ଓବିସିମାନଙ୍କ ପାଇଁ ୨୭% ସଂରକ୍ଷଣ ନୀତି କାର୍ଯ୍ୟକାରୀ କରିଥିଲେ। ଆରମ୍ଭରୁ ବହୁ ବାଦବିବାଦ ପରେ ପୂର୍ଣ୍ଣ ସୁପାରିସ କର୍ଯ୍ୟକାରୀ ହେଲା ଦୀର୍ଘ ବର୍ଷ ପରେ।

ଓଡ଼ିଶାରେ ମଣ୍ଡଳ ଆୟୋଗ ଚିହ୍ନିତ ଅନ୍ୟାନ୍ୟ ପଛୁଆ ଜାତି ସହିତ ଆଉ କିଛି ଜାତିକୁ ମିଶାଇ 'ଏସଇବିସି' ବା 'ସାମାଜିକ ଭାବେ ଓ ଆର୍ଥିକ ଭାବେ ପଛୁଆ ବର୍ଗ' ନାମରେ ନାମିତ ହେଲା ଏବଂ କେବଳ ଚାକିରି କ୍ଷେତ୍ରରେ ୧୧.୨୫% ସଂରକ୍ଷଣ ପ୍ରଦାନ କରାଯାଉଥିଲା। ଓଡ଼ିଶାରେ ଏସଟି ଓ ଏସସିଙ୍କ ପାଇଁ ୩୮.୭୫% ସଂରକ୍ଷଣ ରହିଛି। ରାଜ୍ୟରେ ମଧ୍ୟ ସଂରକ୍ଷଣ ସୀମାକୁ ଶତକଡ଼ା ୫୦ ଭାଗରୁ କମ୍ ରଖିବା ପାଇଁ ଏସଇବିସିଙ୍କୁ ଏତିକି ସଂରକ୍ଷଣ ପ୍ରଦାନ କରାଯାଇଛି।

ଏଥିରେ ମଧ୍ୟ ବ୍ୟତିକ୍ରମ ରହିଛି। ତାମିଲନାଡୁରେ ୬୯% ସଂରକ୍ଷଣ ରହିଛି। ସେ ରାଜ୍ୟ ସମ୍ବିଧାନର ନବମ ଅନୁଚ୍ଛେଦର ସାହାରା ନେଇଛି। ଏଠାରେ ସ୍ଥାନିତ କୌଣସି ବିଷୟକୁ ନ୍ୟାୟାଳୟରେ ଚାଲେଞ୍ଜ କରିପାରିବ ନାହିଁ। ବିହାରରେ ସଂରକ୍ଷଣ ସୀମା ୬୫% ହୋଇଛି। ଅବଶ୍ୟ ଏହା ନ୍ୟାୟାଳୟରେ ବିଚାରାଧୀନ ରହିଛି। ଆହୁରି ଅନେକ ରାଜ୍ୟରେ ସଂରକ୍ଷଣ ସୀମା ୫୦%କୁ ଅତିକ୍ରମ କରିଛି। ଦ୍ୱିତୀୟ ବ୍ୟତିକ୍ରମ ହେଉଛି ସାଧାରଣ ବର୍ଗର ଅର୍ଥନୈତିକ ଭାବେ ଦୁର୍ବଳ ଶ୍ରେଣୀ(ଇଡବ୍ଲୁଏସ) ପାଇଁ ସଂରକ୍ଷଣ। ଏହା ଲାଗୁହେଲା ପରେ କେନ୍ଦ୍ର ଓ ରାଜ୍ୟରେ ସଂରକ୍ଷଣ ସୀମା ପାଖାପାଖି ୬୦%ରେ ପହଞ୍ଚିଛି। ଏବେ ସର୍ବୋଚ୍ଚ ନ୍ୟାୟାଳୟ ଇଡବ୍ଲୁଏସ୍ ସଂରକ୍ଷଣକୁ ଯାଥାର୍ଥ ବୋଲି ରାୟ ଦେଇଛନ୍ତି, ଯଦିଓ ସଂରକ୍ଷଣ ସୀମା ୫୦% ଅତିକ୍ରମ କରିଯାଇଛି।

ଅର୍ଥନୈତିକ ଭାବେ ଦୁର୍ବଳ ଶ୍ରେଣୀ ବା ଇଡବ୍ଲୁଏସ ପାଇଁ ଯେଉଁ ୧୦% ସଂରକ୍ଷଣ ଦିଆଯାଇଛି ତାହା ଅଗ୍ରସର ଜାତି ବର୍ଗର ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଅର୍ଥାତ୍ ଏସଟି, ଏସସି ଓ ଓବିସିଙ୍କୁ ଛାଡ଼ି ଅନ୍ୟ ଯେଉଁମାନେ ରହିଲେ, ଯାହାଙ୍କ ରୋଜଗାର ବାର୍ଷିକ ଆଠ ଲକ୍ଷ ଟଙ୍କାରୁ କମ୍, ସେମାନେ ଏହି ସୁବିଧା ପାଇବେ। ଉଲ୍ଲେଖନୀୟ ଯେ ଏହିପ୍ରକାର ସଂରକ୍ଷଣ ପାଇଁ କୌଣସି ଆନ୍ଦୋଳନ ହୋଇନାହିଁ। ଦେଶରେ ରାଜନୈତିକ ହଟଚମଟ ସୃଷ୍ଟି ହୋଇନାହିଁ। ମଝିରେ ମଝିରେ କାଁଭାଁ କେତେକ ନେତା ଏହାର ସପକ୍ଷରେ ଯୁକ୍ତି ଉପସ୍ଥାପନ କରୁଥିଲେ। ଅଳ୍ପସମୟ ମଧ୍ୟରେ ବିନା ବିତର୍କରେ ଏହା ସଂସଦରେ ଗୃହୀତ ହୋଇଛି। ଏହାକୁ ନେଇ ସଂସଦରେ କିମ୍ବା ସଂସଦ ବାହାରେ ବିରୋଧ ମଧ୍ୟ ହୋଇନାହିଁ। ସର୍ବୋଚ୍ଚ ନ୍ୟାୟାଳୟ ଏହି ସଂରକ୍ଷଣକୁ ବୈଧ ବୋଲି ଘୋଷଣା କଲା ବେଳେ ଅଗ୍ରସର ବର୍ଗର ଜନଗଣନା ଅନୁଯାୟୀ ଲୋକସଂଖ୍ୟା କେତେ, ତାଙ୍କ ଭିତରେ କେତେ ଗରିବ ଅଛନ୍ତି, ତାହାର ପରିସଂଖ୍ୟାନ ମାଗିନାହାନ୍ତି। ଏପରିକି ମଣ୍ଡଳ ଆୟୋଗ ରିପୋର୍ଟର କାର୍ଯ୍ୟକାରିତାକୁ ବୈଧ ବୋଲି ଘୋଷଣା କଲା ବେଳେ ମଧ୍ୟ ଓବିସିମାନଙ୍କ ଜନଗଣନା ଆଧାରିତ ସ୍ୱାଧୀନତା ପରବର୍ତ୍ତୀ ପରିସଂଖ୍ୟାନ ମାଗିନାହାନ୍ତି। କିନ୍ତୁ ଏବେ ସର୍ବୋଚ୍ଚ ନ୍ୟାୟାଳୟ ଓବିସିଙ୍କ କ୍ଷେତ୍ରରେ ଜନସଂଖ୍ୟାର ହିସାବ ଓ ସ୍ଥିତିଗତ ପରିସଂଖ୍ୟାନ ମାଗିଛନ୍ତି।

କେତେକ ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷ ସଂରକ୍ଷଣକୁ ୫୦%ରେ ସୀମିତ କରିଥିବା ପ୍ରତିବନ୍ଧକକୁ ଉଠାଇବା ପାଇଁ ମତବ୍ୟକ୍ତ କରିଆସିଛନ୍ତି। ଏବେ ସର୍ବୋଚ୍ଚ ନ୍ୟାୟାଳୟ ଇଡବ୍ଲୁଏସ ସଂରକ୍ଷଣକୁ ବୈଧ ଘୋଷଣା କଲାପରେ ଏ ପ୍ରତିବନ୍ଧକ ଆପେ ଉଠିଯାଇଛି ବୋଲି ଚର୍ଚ୍ଚା ହେଉଛି। କାରଣ ଅଧିକାଂଶ ରାଜ୍ୟରେ ସଂରକ୍ଷଣ ସୀମା ୬୦%କୁ ଛୁଇଁଛି। ତେବେ ଏହାଉପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ପଷ୍ଟୀକରଣର ଆବଶ୍ୟକତା ରହିଛି। ଅନେକ ରାଜ୍ୟ ଏବେ ତାମିଲନାଡୁ ତୁଲ୍ୟ ସମ୍ବିଧାନର ନବମ ଅନୁଚ୍ଛେଦର ସାହାରା ନେବାକୁ ବାହାରିଛନ୍ତି। ଝାଡ଼ଖଣ୍ଡରେ ଓବିସି ସଂରକ୍ଷଣକୁ ୧୪% ରୁ ୨୭%କୁ ବୃଦ୍ଧି କରିବା ପାଇଁ ଏବଂ ମୋଟ ସଂରକ୍ଷଣ ହାର ୭୭% କରିବା ପାଇଁ ସମ୍ପୃକ୍ତ ରାଜ୍ୟର କ୍ୟାବିନେଟ ମଞ୍ଜୁରି ଦେଇଛନ୍ତି। ଛତିଶଗଡ଼ ପାଦେ ଆଗେଇ ବିଭିନ୍ନ ବର୍ଗକୁ ଜନସଂଖ୍ୟା ଅନୁପାତରେ ସଂରକ୍ଷଣ ପ୍ରଦାନ ପାଇଁ ପଦକ୍ଷେପ ନେଉଛି। ସେଠାରେ ମଧ୍ୟ ଓବିସି ସଂରକ୍ଷଣ ୧୪%ରୁ ୨୭% କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆହୁରି ଅନେକ ରାଜ୍ୟ ସମାନ ପ୍ରକ୍ରିୟାରେ ରହିଛନ୍ତି।

ଓଡ଼ିଶାରେ ମଧ୍ୟ ଏସଇବିସିଙ୍କ ପାଇଁ ସଂରକ୍ଷଣ ସୀମା ୧୧.୨୫%ରୁ ବଢ଼ାଇ ଉଭୟ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭% କରିବା ପାଇଁ ଦାବି ହେଉଛି। ୨୦୦୮ ମସିହାରେ ଓଡ଼ିଶା ସରକାର ଏହି ବର୍ଗ ପାଇଁ ୨୭% ସଂରକ୍ଷଣ ଘୋଷଣା କରିଥିଲେ। ତାହା ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ନିର୍ଦ୍ଧାରିତ ସଂରକ୍ଷଣ ସୀମା ଅନୁସାରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ରାଜ୍ୟ ସରକାର ମଧ୍ୟ ଏ ବିଷୟରେ ପଦକ୍ଷେପ ନେବାକୁ ଦାବି ହେଉଛି ଯେ ବର୍ଦ୍ଧିତ ସଂରକ୍ଷଣକୁ ନବମ ଅନୁଚ୍ଛେଦରେ ସ୍ଥାନିତ କରିବା ପାଇଁ। ଗତ ରାଜ୍ୟ ସରକାର ଏସଇବିସିଙ୍କ ସର୍ବେକ୍ଷଣ କରାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଓବିସିଙ୍କୁ ୨୭% ସଂରକ୍ଷଣ ଦେବା ପାଇଁ ରାଜ୍ୟର ଆଭିମୁଖ୍ୟ କ'ଣ ତାହା ସ୍ପଷ୍ଟ ହୋଇନାହିଁ। ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏସଇବିସି ମାନଙ୍କ ପାଇଁ ସାଧାରଣ ଉଚ୍ଚଶିକ୍ଷାରେ ୧୧.୨୫% ସଂରକ୍ଷଣ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏହା କିନ୍ତୁ ଡାକ୍ତରୀ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାରେ ଲାଗୁ ହେବ ନାହିଁ ବୋଲି ଜଣାପଡ଼ିଛି। ଯେଉଁଠାରେ ସଂରକ୍ଷଣର ଆବଶ୍ୟକତା ଅଧିକ ରହିଛି ସେଠାରେ ଦିଆଯାଉ ନାହିଁ। ଆଶା କରାଯାଉଛି ଖୁବ୍ ଶୀଘ୍ର ଏସମସ୍ତ କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବ। ଅନ୍ୟପଟେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଓବିସି/ଏସଇବିସିଙ୍କୁ ଜନସଂଖ୍ୟା ଅନୁସାରେ ସଂରକ୍ଷଣ ପ୍ରଦାନ ପାଇଁ ଦାବି ଜୋର୍ ଧରୁଛି। ତେଣୁ ଯାହା ଜଣାପଡୁଛି ଓବିସି ସଂରକ୍ଷଣକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟରେ ଆହୁରି ଅନେକ କିଛି ହେବାକୁ ବାକି ଅଛି।

ବାରିପଦା, ମୋ: ୭୦୦୮୯୭୬୧୮୦

# ଚାର୍ବାକ ଦର୍ଶନ ଓ ସୁଖବାଦ

ସରୋଜ କାନ୍ତ ଚୌଧୁରୀ

ତୁମେ ଯେତେଦିନ ଦୁନିଆରେ ଦେହ ଧରି ରହିଛ, ସେତେଦିନ ଭଲରେ ରୁହ। ଆନନ୍ଦ ଉଲ୍ଲାସରେ କାଳାତିପାତ କର। ଋଣ କର ପଛେ ଘିଅ ମହୁରେ ଅର୍ଥାତ୍ ଖୁବ୍ ସୁଖମୟ ଜୀବନ ଯାପନ କର(ଋଣଂ କୃତ୍ୱା ଘୃତମ୍ ପିବେତ୍, ଯାବତ୍ ଜିବେତ୍ ସୁଖମ ଜିବେତ୍)। ଭସ୍ମୀଭୂତସ୍ୟ ଦେହସ୍ୟ - ଏହି ଦେହ ଚିତାରେ ଭସ୍ମ ହୋଇଯିବ, କିଛି ବି ରହିବ ନାହିଁ। ଆତ୍ମା ରହିଥାଏ ବୋଲି କିଛି ପ୍ରମାଣ ନାହିଁ। ପୁନରାଗମନ କୁତଃ - ଏହି ଶରୀର ଫେରିବ ନାହିଁ, ପୁନର୍ଜନ୍ମର କୌଣସି ପ୍ରମାଣ ନାହିଁ। - ଏହିସବୁ ହେଉଛି ଚାର୍ବାକ ଦର୍ଶନର ସାଧାରଣରେ ବୁଝିବା ଭଳି ନିୟମ ସବୁ। ଯଦିଓ ପରମ୍ପରା ବା ପ୍ରଥା ଭଙ୍ଗକାରୀ ଏଭଳି ଭାରତୀୟ ଦର୍ଶନର ଗଭୀରତା ଏବଂ ସର୍ବବ୍ୟାପକତା ଅଧିକ ବିଶ୍ଳେଷଣ ଆବଶ୍ୟକ କରେ।

ଏ ବିଷୟରେ ଅଧିକ ଆଲୋଚନା ପୂର୍ବରୁ ସୁଖବାଦ କ'ଣ ପ୍ରକୃତରେ ତାହା ବୁଝିବା ଆବଶ୍ୟକ। ସୁଖବାଦ ହେଉଛି ଏକ ନୈତିକ ସିଦ୍ଧାନ୍ତ, ଯାହାଦ୍ୱାରା ପ୍ରତିପାଦିତ କରାଯାଇଛି ଯେ କାମନାର ସନ୍ତୁଷ୍ଟିକରଣ ମାନବ ଜୀବନର ଉଚ୍ଚତମ ନିର୍ଯ୍ୟାସ ଏବଂ ପ୍ରକୃତ ଲକ୍ଷ୍ୟ। ପ୍ରାୟ ସମସ୍ତ ପ୍ରାଚୀନ ଭାରତୀୟ ଦର୍ଶନ ଈଶ୍ୱରଙ୍କ ବିଦ୍ୟମାନତା ଏବଂ ମଣିଷର ଆତ୍ମା ଉପରେ ବିଶ୍ୱାସ କରିଥା'ନ୍ତି କେବଳ ଏହି ଦାର୍ଶନିକ ତତ୍ତ୍ୱ ବ୍ୟତୀତ। ଏହି ତତ୍ତ୍ୱ କହିବାକୁ ଗଲେ ଏକ ନାସ୍ତିକ ବସ୍ତୁବାଦୀ ଜୀବନ ଦର୍ଶନ। ଏହାର ଅନୁଗାମୀମାନଙ୍କ ମତରେ କୌଣସି ବସ୍ତୁ ଯଦି ମଣିଷର ଭୌତିକ ଅନୁଭବରେ ନ ଆସିଛି, ତାହାର ସ୍ଥିତି ନାହିଁ। ତେଣୁ ଈଶ୍ୱର, ଆତ୍ମା ଓ ପୁନର୍ଜନ୍ମ - ଏହାସବୁ ଭ୍ରାନ୍ତଧାରଣା। ଏହି ଜୀବନ ଦର୍ଶନ ଚାର୍ବାକ୍ ନାମକ ଜଣେ ବୈଦିକ ଭାରତର ଋଷିଙ୍କ ଦ୍ୱାରା ରଚିତ ହୋଇଥିବାର ବିଶ୍ୱାସ କରାଯାଏ। ଅନ୍ୟ କେତେକ ଐତିହାସିକଙ୍କ ମତରେ ଋଷି ବୃହସ୍ପତି ହେଉଛନ୍ତି ଏହାର ପ୍ରାରମ୍ଭିକ ମତବାଦୀ ଏବଂ ଚାର୍ବାକ୍ ତାଙ୍କର ସବୁଠାରୁ ଜଣାଶୁଣା ଶିଷ୍ୟ।

ନୀତି ବା ମାନ ନିର୍ଦ୍ଧାରିତ ସୁଖବାଦ ଦାବି କରିଥାଏ ଯେ ଜୀବନରେ ସୁଖର ହିଁ ମୂଲ୍ୟ ଥାଏ, ଅସନ୍ତୋଷ ବା ଦୁଃଖ ମୂଲ୍ୟହୀନ। ଏ ସମ୍ବନ୍ଧରେ ବିଖ୍ୟାତ ବ୍ରିଟିଶ ଦାର୍ଶନିକ ଏବଂ ଆଇନ ସଂସ୍କାରକ ଜର୍ମି ବେଂଥାମ୍‌ଙ୍କ ମତ ପ୍ରଣିଧାନଯୋଗ୍ୟ। ସେ ନୈତିକ ଓ ମନସ୍ତାତ୍ତ୍ୱିକ ସୁଖବାଦକୁ ନେଇ କହନ୍ତି ଯେ ପ୍ରକୃତି ମାନବ ସମାଜକୁ ଦୁଇଟି ସାର୍ବଭୌମ ଶାସକ ଯଥା ଯନ୍ତ୍ରଣା ଓ ଆନନ୍ଦ ତତ୍ତ୍ୱାବଧାନରେ ନିୟନ୍ତ୍ରିତ ହେବାକୁ ବ୍ୟବସ୍ଥା କରିଛି। ସେମାନେ ହିଁ କେବଳ ସୂଚାଇବେ ଆମେ କ'ଣ କରିବା ଉଚିତ୍ ଏବଂ ସ୍ଥିର କରିବେ ଆମେ ପରବର୍ତ୍ତୀ ସମୟରେ କ'ଣ କରିବୁ। ସୁତରାଂ ଜୀବନ ନିର୍ବାହରେ ସୁଖବାଦ କେବଳ ଚାର୍ବାକ୍ ବିଚାରଧାରାର ନୀତି ନୁହେଁ, ବରଂ ଏ ବିଷୟରେ ବିଶ୍ୱର ଅନେକ ଦାର୍ଶନିକ ତାଙ୍କର ବିଚାର ବ୍ୟକ୍ତ କରିଥିବା ଦେଖାଯାଇଛି। ଚାର୍ବାକଙ୍କ ଭଳି ଗ୍ରୀକ୍ ଦାର୍ଶନିକ ଏପିକ୍ୟୁରସ୍ ମଧ୍ୟ ଶାନ୍ତି ସହ ମଧ୍ୟମ ଧରଣର ସୁଖ ବା ଆନନ୍ଦ ଆଧାରିତ ଜୀବନ ନିର୍ବାହ ଉପରେ ନିଜର ମତ ସ୍ପଷ୍ଟ କରିଛନ୍ତି।

ଜଣେ ଅନଭିଜ୍ଞ ମଣିଷ ପାଇଁ ହୁଏତ ଚାର୍ବାକ ବିଚାରଧାରାରେ କିଛିମାତ୍ରାରେ ଇନ୍ଦ୍ରିୟ ସମ୍ଭୋଗ ଅଭିଳାଷ, ଦୈହିକ, ଏପରିକି ପାଶବିକ ଲାଳସା ଅଧିକ ଗୁରୁତ୍ୱ ବହନ କରୁଥିବା ଜଣାପଡ଼ିପାରେ। କିନ୍ତୁ ଏହା ଚରମ ବାସ୍ତବ ଏକ ନିଗୂଢ଼ ଦର୍ଶନର ବୁଝାମଣା ଯେ ମଣିଷ ସେ ସବୁ ଆଶା ମନକୁ ଆଣିବା କଥା ନୁହେଁ, ଯାହା ତାଙ୍କ ପାଇଁ ସ୍ୱାଭାବିକ ଭାବେ ଦରକାରକୁ ଆସିବ ନାହିଁ। ଅଧିକାଂଶ ଲୋକ, ବିଶେଷକରି ବର୍ତ୍ତମାନର ପ୍ରତିଯୋଗିତାମୂଳକ ବସ୍ତୁବାଦୀ ବ୍ୟବସ୍ଥାରେ, ବହୁ ସାମଗ୍ରୀ ପାଇଁ ଇଚ୍ଛା କରନ୍ତି, ଯାହା ତାଙ୍କ ପାଇଁ ବାସ୍ତବପକ୍ଷେ ଆବଶ୍ୟକ ହୁଏ ନାହିଁ। 'ଆକାଶ କଇଁଆ ଚିଲିକା ମାଛ' ଭଳି ଆଶା ପଛରେ ଧାଇଁ ଧାଇଁ ବିଚରା ଆଧୁନିକ ମଣିଷ ସ୍ୱଚ୍ଛ ସରଳ ଆନନ୍ଦକୁ ହରାଇ ଦୁଃଖୀ ହେଉପଡୁଛି। ଏକ ଲୋକପ୍ରିୟ ଉର୍ଦ୍ଦୁ କବିତାରେ ଯେମିତି କୁହାଯାଇଛି 'ନା ଖୁଦା ହିଁ ମିଲା, ନଁ ଭିଶାଲ୍ - ଏ-ସନମ୍, ନା ଇଧର୍ କେ ରହେ, ନା ଉଧର କେ ହମ୍(ନା ମୁଁ ଭଗବାନଙ୍କୁ ଜାଣିଲି, ନା ପାଇଲି ମୋ ପ୍ରେମିକାର ସଂସର୍ଗ। ମୁଁ ଦୁଇ ପଟରେ ବ୍ୟର୍ଥ, ଅସଫଳ)।

ଚରକ ପ୍ରଦତ୍ତ ସୁଖବାଦର ମାନବ ହିତୈଷୀ ବା ପ୍ରେରଣାଦାୟୀ ଝଲକ ମଧ୍ୟ ଲକ୍ଷ୍ୟ କରାଯାଇପାରେ। ଏହି ଜୀବନ ଦର୍ଶନ ବିଶ୍ୱାସ କରିଥାଏ ମଣିଷର ଏକ ଆନନ୍ଦମୟ ସ୍ଥିତି ବର୍ତ୍ତମାନର ପରିପ୍ରେକ୍ଷୀରେ, ଅଯଥା ଆଗାମୀ ପାଇଁ ନ ଭାବି। ବ୍ୟକ୍ତିଗତ ଆନନ୍ଦ ସାର୍ବଜନୀନ ଆନନ୍ଦକୁ ବାଟ ଫିଟାଇଥାଏ। ସମସ୍ୟାବହୁଳ ସଂସାରରେ କେହି ସଂପୂର୍ଣ୍ଣଭାବରେ ସୁଖୀ ନୁହନ୍ତି। ଅଧିକାଂଶ ନିରବଚ୍ଛିନ୍ନ ଭାବେ ଚାପରେ ରହିଥା'ନ୍ତି। କେତେବେଳେ କାହା ପାଇଁ ଆନନ୍ଦର ମୁହୂର୍ତ୍ତ ଆସି ନିରବରେ ଚାଲିଯାଏ, ଜଣାପଡ଼େ ନାହିଁ। ବିଶେଷକରି ଜୀବନର ଶେଷ ପର୍ଯ୍ୟାୟରେ ଏହା ହିଁ ସମସ୍ତଙ୍କ ପାଇଁ ସାର୍ବଜନୀନ ସତ୍ୟ। ଚାର୍ବାକ ପରାମର୍ଶ ଦିଅନ୍ତି- ସ୍ୱାଭାବିକ ଆନନ୍ଦ ବା ସୁଖର ଧାରାକୁ ପ୍ରତିରୋଧ ବା ପ୍ରତିବାଦ କରା ନ ଯାଉ। କାରଣ ଯନ୍ତ୍ରଣା ପରିପୂର୍ଣ୍ଣ ଜୀବନ ନାଟକରେ ଏହା ଯେମିତି କଦାଚିତ୍ ଆସୁଥିବା ଦୃଶ୍ୟ। ଅତଏବ ଜୀବନକୁ ସଂପୂର୍ଣ୍ଣ ଭାବେ ଉପଭୋଗ କରାଯାଉ ଏବଂ ସମସ୍ତ ଉତ୍ତମ ସାମଗ୍ରୀ ଓ ପରିସ୍ଥିତିକୁ ସ୍ୱାଗତ କରାଯାଉ। ସାକରାତ୍ମକ ମନୋଭାବର ଏହା ପରିପ୍ରକାଶ। ସବୁକଥାରେ ପ୍ରମାଣ ଖୋଜୁଥିବା ଏହି ଦର୍ଶନ କହିବାକୁ ଗଲେ ବିଜ୍ଞାନ ସମ୍ମତ ଏବଂ ହେତୁବାଦୀ।

ସାମାଜିକ ଜୀବନ ଏବେ ଜଟିଳତା ଓ ଦ୍ୱନ୍ଦ୍ୱ ମଧ୍ୟରେ ଦ୍ୱିଧାଗ୍ରସ୍ତ। ଏଠି ଆମେ ସବୁ ଆତ୍ମିକ ଚେତନାରେ ଅସନ୍ତୁଷ୍ଟ ଏବଂ ମୁଖମଣ୍ଡଳ ଆମର ସଦା ଅପ୍ରସନ୍ନ। କାରଣ ଆମେ ନୈତିକତାର ପ୍ରହେଳିକା ଯଥା ଭଲ, ମନ୍ଦ, ନୈତିକ ଓ ଅନୈତିକର ଦ୍ୱିବିଧା ମଧ୍ୟରେ ସଦା ପ୍ରପୀଡ଼ିତ। ସ୍ୱଚ୍ଛ ଉତ୍‌ଫୁଲ୍ଲତା ବା ସତେଜତା ଆମ ଜୀବନରୁ ଏବେ ହଜିଯାଉଛି ଯେତେବେଳେ, ଆଶା କରାଯାଏ ଚାର୍ବାକଙ୍କ ସୁଖବାଦୀ ଜୀବନ ନିର୍ବାହର ନୀତି ଫେରାଇ ଆଣିପାରିବ ମଣିଷ ମନରୁ ଚାଲି ଯାଇଥିବା ପ୍ରଫୁଲ୍ଲତାର ମହକ। ମନେ ରଖିବା କଥା ଚାର୍ବାକଙ୍କ ସୁଖବାଦ ଇଚ୍ଛାନୁସାରେ ନୈତିକ ଧାର୍ମିକ ଓ ସାମାଜିକ ନିୟମ ସବୁକୁ ଅଣଦେଖା କରୁଥିବା ବୋହେମିଆନିଇଜିମ୍ ନୁହେଁ। ନୁହେଁ ମଧ୍ୟ ନାସ୍ତିବାଦୀ। ଏହା ସାର୍ବଜନୀନ ବା ସର୍ବବ୍ୟାପକ ସୁଖ ପାଇଁ ଅସ୍ତିତ୍ୱବାଦୀ ଔଷଧାମୃତ କହିଲେ ଅତ୍ୟୁକ୍ତି ହେବ ନାହିଁ।

କଟକ, ମୋ: ୯୪୩୭୩୬୦୯୮୧

# ମହାଲକ୍ଷ୍ମୀଙ୍କ ସ୍ୱତନ୍ତ୍ର ମନ୍ଦିର

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ବଡ଼ବାଡ଼ ସାଆନ୍ତଙ୍କୁ ଗତ କିଛିଦିନ ହେଲା ଭଲ ନିଦ ହେଉ ନ ଥିଲା। କାଦମ୍ବରୀର ଅନୁପାନ ଯେ ବଢ଼େଇ ଦେଇ ନ ଥିଲେ ସେ କଥା ନୁହେଁ। ତଥାପି ବଡ଼ଠାକୁର ସୁଖନିଦ୍ରା ଯାଇ ପାରୁ ନ ଥିଲେ। ଦିନସାରା କାଳିଆର ଭକ୍ତମାନେ ଏମିତି ଗହଳି ଲଗେଇଛନ୍ତି ଯେ ଟିକିଏ ହେଲେ ବିଶ୍ରାମ ନ ଥିଲା। ରାତିରେ ଟିକିଏ ଛାଇ ନିଦ ଆସି ଥିବ କି ନାହିଁ କାଳିଆର ଶ୍ୱଶୁର ବରୁଣ ଦେବଙ୍କ ଗର୍ଜନରେ ଘଡ଼ିଏ ଶୋଇବା ସମ୍ଭବ ହେଉ ନ ଥିଲା। କାଳିଆକୁ କହି କିଛିଗୋଟେ ନ କଲେ ଏଠି ଶାନ୍ତିରେ ରହିବା ସମ୍ଭବ ନୁହେଁ। ଏହା ଭାବି ବଡ଼ଠାକୁର ଦିନେ ସକାଳୁ ସକାଳୁ ଶ୍ରୀଜଗନ୍ନାଥଙ୍କୁ ଡାକ ଛାଡ଼ିଲେ। ମହାପ୍ରଭୁ ପ୍ରଥମରୁ ଜାଣିଗଲେ ଯେ କିଛି ଗୋଟେ ଗୋଳମାଳ ଅଛି। ନ ହେଲେ ସକାଳୁ ସକାଳୁ ଏମିତି ଗର୍ଜନ କାହିଁକି? ସେ ଜାଣିଥିଲେ ବଡ଼ଭାଇ ରକ୍ଷଣଶୀଳ ଓ କ୍ଷଣ କୋପୀ। କିନ୍ତୁ ସରଳ ଓ ସ୍ନେହୀ। ମହାପ୍ରଭୁ ବଡ଼ଭାଇଙ୍କ ପାଖରେ ପହଞ୍ଚି ପଚାରିଲେ- 'ଭାଇ! କ'ଣ କିଛି ଅସୁବିଧା ହେଲା କି?' ବଳଭଦ୍ର ଅସନ୍ତୋଷ ଓ ରୋଷଭରା କଣ୍ଠରେ କହିଲେ- 'ପୁଣି ପଚାରୁଛୁ ଅସୁବିଧା କ'ଣ? ଦିନ ବେଳେ ତୋ ଭକ୍ତ, ରାତିରେ ତୋ ଶ୍ୱଶୁର। ତୋରି ଲାଗି ମଣିଷ ଟିକିଏ ଶାନ୍ତିରେ ଶୋଇ ପାରୁନି।' କ୍ରୋଧ, କାଦମ୍ବରୀ ଓ ଅନିଦ୍ରା ଯୋଗୁଁ ବଳଭଦ୍ରଙ୍କ ଆଖିଦୁଇଟା ଲାଲ ପଡ଼ିଯାଇଥିଲା। ଜଗନ୍ନାଥ ବଡ଼ଭାଇଙ୍କ ଆଖି ଆଗରୁ ମୁହଁ ଲୁଚେଇ ଟିକିଏ ହସିଲେ ଓ ପଚାରିଲେ- 'ତା' ହେଲେ କ'ଣ କରିବା ଭାଇ କୁହ। ଭକ୍ତମାନଙ୍କୁ ଆସିବାକୁ ମନା କରିଦେବା?' ତହୁଁ ବଡ଼ଭାଇ କହିଲେ- 'ମୋତେ ଚାଲାକି ଦେଖୋଉଛୁ? ଆରେ ଭକ୍ତମାନେ ନ ଆସିଲେ ତୋର ପରମାତ୍ମାପଣିଆ ଆସିବ କୋଉଠୁ? ଆଉ ତୁଳସୀ ଯୋଗୁଁ କାନିଶିରୀ ପାଣି ପାଇଲା ପରି ତୋ ଲାଗି ମୋତେ ବି ଭକ୍ତମାନଙ୍କଠାରୁ କିଛି ଖାତିର ମିଳି ଯାଉଛି। ବରଂ ତୋ ଶ୍ୱଶୁରଙ୍କୁ କହି ତାଙ୍କ ଗର୍ଜନ ବନ୍ଦ କର।' ଜଗନ୍ନାଥ କହିଲେ- 'ଭାଇ! ଶ୍ୱଶୁର ବାପାଙ୍କ ସମାନ। ତାଙ୍କୁ ଆମେ ଏ ସବୁ କଥା କହିଲେ ସେ ଖରାପ ଭାବିବେନି?' ବଡ଼ଠାକୁର ଆହୁରି ରାଗି କହିଲେ- 'ତୁ ଡରୁକୁଳା ଯେବେ ଶ୍ୱଶୁରଙ୍କୁ ଏ କଥା କହି ପାରିବୁ ନାହିଁ ବୋଲି ଭାବୁଛୁ, ତା' ହେଲେ ଲକ୍ଷ୍ମୀଙ୍କୁ କହ। ସେ ତାଙ୍କ ବାପାଙ୍କୁ କହି ତାଙ୍କର ଗର୍ଜନ ବନ୍ଦ କରନ୍ତୁ, ନ ହେଲେ ତାଙ୍କର ମୋ ଦେଉଳରେ ସ୍ଥାନ ନାହିଁ।'

ମହାପ୍ରଭୁ ଲକ୍ଷ୍ମୀଙ୍କ ପାଖକୁ ଯାଇ ସବୁ କଥା କହିବା ପରେ ମା'ଲକ୍ଷ୍ମୀ ଅଭିମାନରେ ବାପଘରକୁ ଚାଲିଗଲେ। ରାଜା ବରୁଣ ଝିଅକୁ ଦେଖି ଖୁସି ହେଲେ ମଧ୍ୟ ବିନା ଖବରରେ ହଠାତ୍ ଆସିଥିବାରୁ କୁଶଳ ମଙ୍ଗଳ ପଚାରିଲେ। ଲକ୍ଷ୍ମୀ କହିଲେ- 'ଆପଣଙ୍କ ଗର୍ଜନ ଯୋଗୁଁ ମୋ ଦେଢ଼ଶୁର ରାତିରେ ଶୋଇ ପାରୁନାହାନ୍ତି। ତେଣୁ ଆପଣଙ୍କର ଗର୍ଜନ ବନ୍ଦ କରିବା ପାଇଁ ସେ ମୋତେ ପଠେଇଛନ୍ତି। ତା' ନ ହେଲେ ବଡ଼ ଦେଉଳରେ ମୋର ସ୍ଥାନ ନାହିଁ।' କନ୍ୟାଙ୍କୁ ବୁଝାଇବାକୁ ଯାଇ ବରୁଣ କହିଲେ- 'ମାଆ! ଦେବୀ ଗଙ୍ଗା ଯେତେବେଳେ ହିମାଳୟରୁ ସମତଳକୁ ଅବତରଣ କରନ୍ତି ସେତେବେଳେ ଭୀଷଣ ଶବ୍ଦ ସୃଷ୍ଟି ହୁଏ। ଜଗନ୍ନାଥ ବଳଭଦ୍ର ଦୁଇଭାଇ ଯେତେବେଳେ ରଥ ଆରୋହଣ କରି ବଡ଼ଦାଣ୍ଡରେ ଯାତ୍ରା କରନ୍ତି ସେତେବେଳେ ମଧ୍ୟ ରଥ ଘୋର ଘର୍ଘର ଶବ୍ଦ ସୃଷ୍ଟି କରେ। ଏହା ସ୍ୱାଭାବିକ। ଠିକ ସେହିପରି ମୋ ବକ୍ଷରେ ତରଙ୍ଗ ସୃଷ୍ଟି ହେଲେ ସଙ୍ଗୀତ ସୃଷ୍ଟି ହୁଏ। ସମୁଦ୍ର ତଟବାସୀ ରାତିରେ ସେ ସଙ୍ଗୀତ ନ ଶୁଣିଲେ ଶୋଇପାରନ୍ତି ନାହିଁ। ତେଣୁ ସଙ୍ଗୀତ କୁହାଯାଉ ବା ଗର୍ଜନ, ବନ୍ଦ କରିବା ସମ୍ଭବ ନୁହେଁ। କାରଣ ତାହା ଅନ୍ତର୍ନିହିତ। କିନ୍ତୁ ମୁଁ ମାଆ ତୋତେ କଥା ଦେଉଛି ଯେ ଆଜିଠାରୁ ମୋର ସେ ଲହଡ଼ିର ଶବ୍ଦ ଶ୍ରୀମନ୍ଦିରକୁ ଶୁଣାଯିବ ନାହିଁ। କିନ୍ତୁ ତୁ ସାଗରରାଜ ବରୁଣଙ୍କ କନ୍ୟା। ଆମର ମାନସମ୍ମାନ ବୋଲି କିଛି ଗୋଟେ ଅଛି ତ। ବଳଭଦ୍ରଙ୍କ କହିବାନୁସାରେ ତୁ ଆଉ ବଡ଼ ଦେଉଳରେ ରହିବୁ ନାହିଁ। ମନ୍ଦିର ପରିସରର ଉତ୍ତର-ପଶ୍ଚିମ କୋଣରେ ତୋ ପାଇଁ ମୁଁ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ କରିଦେବି। ତୁ ସେ ମନ୍ଦିରରେ ରହିବୁ। ସବୁ ଗୁରୁବାର ଦିନ ତୋ ମନ୍ଦିରକୁ ଆସି ତୋ ସହ ଏକାନ୍ତରେ କିଛି ସମୟ ବିତେଇବା ପାଇଁ ମୁଁ ଜଗନ୍ନାଥଙ୍କୁ ଅନୁରୋଧ କରିବି। ତୋ ମନ୍ଦିରର ମଣ୍ଡପରେ ମୋର ଜଳୀୟ ବାଷ୍ପଯୁକ୍ତ ଥଣ୍ଡା ପବନ ସବୁବେଳେ ବୋହିବ। ଭକ୍ତମାନେ ମନ୍ଦିରରେ ବୁଲିବୁଲି କ୍ଳାନ୍ତ ହୋଇପଡ଼ିଲେ ସେଠାରେ ବସି କ୍ଳାନ୍ତି ମେଣ୍ଟେଇବେ।' ଲକ୍ଷ୍ମୀଙ୍କ ମୁହଁରେ ଛୋଟ ହସଟିଏ ଖେଳିଗଲା।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଦୁଇ ବାଇକ୍ ମଧ୍ୟରେ ଧକ୍କା
# ବାପା-ଝିଅ ମୃତ, ୭ ଗୁରୁତର

ବୌଦ୍ଧ, ୨୭।୫ (ସମିସ): ବୌଦ୍ଧ ଜିଲ୍ଲା ବଘିଆପଡ଼ା-ଶଗଡ଼ା ରାସ୍ତାର ଆମ୍ବଖୋଲ ପଞ୍ଚାୟତ ଗୌଡ଼ିସଗ ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟିକରପଡ଼ା ପଞ୍ଚାୟତ ଚରିଆପାଲି ଗ୍ରାମର ଗଜେନ୍ଦ୍ର ମଲ୍ଲିକ ଓ ତାଙ୍କ ୮ ବର୍ଷର ଝିଅ ଲିପସା। ସେହିଭଳି ଅନ୍ୟ ୭ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗଜେନ୍ଦ୍ରଙ୍କ ସ୍ତ୍ରୀ ଓ ଅନ୍ୟ ଦୁଇ ଶିଶୁକନ୍ୟାଙ୍କ ସମେତ ଅନ୍ୟ ବାଇକ୍‌ରେ ଥିବା ଗୋଛାପଡ଼ା ଗ୍ରାମର ସଞ୍ଜୀବ ବାଘ, ଯଶୋବନ୍ତ ବାଘ, ଗୋବିନ୍ଦ ଖାଙ୍କର ଓ ରବି ଖାଙ୍କର (୧୧)। ଏମାନଙ୍କ ମଧ୍ୟରୁ ସଞ୍ଜୀବ ଓ ରବି ବୁର୍ଲା ସ୍ଥାନାନ୍ତର ହୋଇଥିବାବେଳେ ଅନ୍ୟ ସମସ୍ତେ ବୌଦ୍ଧ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୁଲିସର ତଥ୍ୟ ଅନୁସାରେ ଗଜେନ୍ଦ୍ର ସପରିବାର ଡିଲେଜୁ ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ବିବାହ ଭୋଜିରେ ଯୋଗ ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ବିପରିତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ସହ ଗୌଡ଼ିସଗ ଗ୍ରାମ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହା ପରେ ୨ଟି ୧୦୮ ଆମ୍ବୁଲାନ୍ସରେ ସମସ୍ତଙ୍କୁ ବୌଦ୍ଧ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର କିନ୍ତୁ ଗଜେନ୍ଦ୍ର ଓ ତାଙ୍କ ୮ ବର୍ଷର ଝିଅ ଲିପସାଙ୍କୁ ମୃତ ଘୋଷଣା କରିଥିଲେ। ବୌଦ୍ଧ ପୁଲିସ ଡାକ୍ତରଖାନାରେ ପହଞ୍ଚି ଦୁଇ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଜୀବନ ନେଲା ଅନଲାଇନ ଗେମ୍



## ୯୬ ହଜାର ହରାଇ ବିଷ ପିଇଲେ ଡିପ୍ଲୋମା ଛାତ୍ର

ଗରଦପୁର, ୨୭।୫ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅଧୀନ ବଙ୍ଗାରୀ ଅଞ୍ଚଳରେ ଅନଲାଇନ୍ ଗେମ୍ ନେଇଛି ପୁଣି ଜଣେ ଛାତ୍ରଙ୍କ ଜୀବନ। ମୃତକ ହେଲେ, ବଙ୍ଗାରୀ ଅଞ୍ଚଳର ଉମାକାନ୍ତ ଜେନାଙ୍କ ପୁଅ ସାହିଲ ଜେନା (୧୯)। ସାହିଲ ଭୁବନେଶ୍ୱର ଚନ୍ଦକା ଅଞ୍ଚଳରେ ରହି ଡିପ୍ଲୋମା କରୁଥିଲେ। ଖରା ଛୁଟିରେ ସେ ଘରକୁ ଆସିଥିଲେ। ମଙ୍ଗଳବାର ଅନଲାଇନ୍ ଗେମ୍ ଖେଳୁଥିବା ବେଳେ ସେ ୯୬ହଜାର ଟଙ୍କା ହାରିଯାଇଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସେ ବିଷ ପିଇ ଦେଇଥିଲେ। ତେବେ ଭୀଷଣ ଯନ୍ତ୍ରଣା ହେବାରୁ କିଛି ସମୟ ପରେ ଏ ସମ୍ପର୍କରେ ନିଜ ମାମୁଁ ଉମାକାନ୍ତଙ୍କୁ ଫୋନ୍ ଯୋଗେ କହିଥିଲେ। ଖବର ପାଇ ପରିବାରଲୋକ ତୁରନ୍ତ ସାହିଲଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ନିଆଯାଇଥିଲା। କିନ୍ତୁ ବାଟରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା।

# ଭୟଭୀତ କରୁଛି କରୋନା ସଂକ୍ରମଣ



ଭୁବନେଶ୍ୱର,୨୭।୫(ସମିସ): ଦେଶରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାରେ ଲାଗିଛି। ବର୍ତ୍ତମାନ ଆକ୍ଟିଭ୍ କେସ୍ ସଂଖ୍ୟା ୧ହଜାର ଅତିକ୍ରମ କରିଛି। ମାତ୍ର ଓଡ଼ିଶାରେ ଭୟଭୀତ ହେବା ଭଳି ସ୍ଥିତି ନାହିଁ। ଏବେ ଯାଏଁ ରାଜ୍ୟରେ ଗୋଟିଏ ମାମଲା ଚିହ୍ନଟ ହୋଇଛି। ସଂକ୍ରମିତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କର ନମୁନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ କେହି ସଂକ୍ରମିତ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ବୁଧବାର ଅପରାହ୍ନରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ସବୁ ରାଜ୍ୟ ସହ କରୋନାସ୍ଥିତି ନେଇ ବୈଠକ କରିବେ ବୋଲି ଜଣାପଡ଼ିଛି। ରାଜ୍ୟରେ କୋଭିଡ଼ ସ୍ଥିତି ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ଯେ ସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। ଦେଶରେ ଯେଉଁ ଦୁଇଟି ଭାରିଆଣ୍ଟ ନେଇ ସଂକ୍ରମଣ ବଢୁଛି, ତାହା ଏତେ ମାରାତ୍ମକ ନୁହେଁ। ଓଡ଼ିଶାରେ ଗୋଟେ ହିଁ କେସ୍ ଚିହ୍ନଟ ହୋଇଛି। ଏବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ତାଙ୍କ ପରିବାରରେ କାହାର ଲକ୍ଷଣ ନାହିଁ। ଲକ୍ଷଣ ନ ଥିଲେ, ପରିବାର ଲୋକଙ୍କ ଟେଷ୍ଟ ହେବନି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିୟମ ପରିବର୍ତ୍ତନ ହୋଇଛି। ଆମେ ତାହାକୁ ଅନୁପାଳନ କରୁଛୁ। ବର୍ତ୍ତମାନ ଦେଶରେ ୧୦୧୦ ସଂକ୍ରମଣ ମାମଲା ରହିଛି। ମହାରାଷ୍ଟ୍ର ଓ କେରଳରେ ସ୍ଥିତି ସଙ୍ଗୀନ ରହିଛି। ୧୫୪ ନୂଆ ମାମଲା ସହିତ ମହାରାଷ୍ଟ୍ରରେ ୨୧୦ ଜଣ ସଂକ୍ରମିତ ରୋଗୀ ଅଛନ୍ତି। କେରଳରେ ୪୩୦ ସହ ୩୩୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

## ବନ୍ଦ ଘରୁ ଗଳିତ ଶବ ଉଦ୍ଧାର

ବାଲେଶ୍ୱର, ୨୭।୫ (ସମିସ): ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଦେବୀସାହିର ଏକ ଘରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ, ପପୁ ସିଂ (୪୦)। ଦୁଇ ତିନି ଦିନ ତଳୁ ପପୁଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା, ତାକୁ ନେଇ ସନ୍ଦେହ ପ୍ରକାଶ ପାଉଛି। ସେ ଆତ୍ମହତ୍ୟା କରିଛନ୍ତି ନା ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି, ସେନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାନୁଯାୟୀ, ପପୁ ରହୁଥିବା ଘରୁ ଆଜି ଭୀଷଣ ଦୁର୍ଗନ୍ଧ ହେବାରୁ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲା।

## ■ ସାବିତ୍ରୀ ଓଷା ପାଇଁ ସ୍ତ୍ରୀ ମନା କରିଦେଲେ
# ରଶି ଲଗାଇ ଝୁଲିପଡ଼ିଲେ ସ୍ୱାମୀ

ସୋରୋ,୨୭।୫(ସମିସ): ସ୍ତ୍ରୀ ସାବିତ୍ରୀ ଓଷା କରିବାକୁ ମନା କରିବାରୁ କେବଳରେ ରଶି ଦେଇ ଜୀବନ ହାରିଲେ ସ୍ୱାମୀ। କେନ୍ଦୁଝର ଜିଲ୍ଲା ହାଟଡିହା ବ୍ଲକ୍ ପଡ଼ିଆରିପାଲ୍ଲୀ ଗ୍ରାମରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର କୈଳାଶ ରାଉତ(୪୦)। ସୋରୋ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାନୁଯାୟୀ, ସୋମବାର ସାବିତ୍ରୀ ଓଷା ଥିବା ବେଳେ କୈଳାଶ ମଦ୍ୟପାନ କରି ନିଜ ସ୍ତ୍ରୀ ଓ ଝିଅକୁ ପିଟାପିଟି କରିଥିଲେ। କୈଳାଶଙ୍କ ଏଭଳି ଆଚରଣକୁ ନେଇ ତାଙ୍କ ସ୍ତ୍ରୀ ରାଗି ଯାଇଥିଲେ ଏବଂ ସାବିତ୍ରୀ ଓଷା କରିବେ ନାହିଁ ବୋଲି ମନା କରିଦେଇଥିଲେ। ସ୍ତ୍ରୀଙ୍କ ଏଭଳି କଥାକୁ ଶୁଣି ଓଷା ନକଲେ ଆତ୍ମହତ୍ୟା କରିବି ବୋଲି କୈଳାଶ କହିଥିଲେ। ତେଣୁ ସ୍ତ୍ରୀ ସାବିତ୍ରୀ ବ୍ରତ କରି ଝିଅ ସହ ମନ୍ଦିରକୁ ଯାଇଥିବା ବେଳେ କୈଳାଶ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।

# ସୀମା ବିବାଦ ଥିବା ଅଞ୍ଚଳ ଗସ୍ତ କରିବ ବିଧାନସଭା ଗୃହ କମିଟି

ଭୁବନେଶ୍ୱର,୨୭।୫(ସମିସ): ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସୀମା ବିବାଦ ସମ୍ପର୍କିତ ଗୃହ କମିଟିର ଗୁରୁତ୍ୱପୂର୍ଣ୍ଣ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟର ଯେଉଁ ଅଞ୍ଚଳରେ ସୀମା ବିବାଦ ରହିଛି, ଉକ୍ତ ଅଞ୍ଚଳକୁ କମିଟି ଗସ୍ତ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ଆଗାମୀ ଦିନରେ କମିଟିର ସଦସ୍ୟ କୋଟିଆ, ଗଞ୍ଜାମ, ଗଜପତି, ବାଲେଶ୍ୱର ଜିଲ୍ଲାର ସୀମା ବିବାଦ ଥିବା ଅଞ୍ଚଳକୁ ଗସ୍ତ କରିବେ।

ବୈଠକରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ବିଜେଡି ଓ ବିଜେପି ସଦସ୍ୟମାନେ ଉପସ୍ଥିତ ଥିଲେ। ଏନେଇ କମିଟିର ସଦସ୍ୟ ତଥା ବିଜେଡି ବିଧାୟକ ଅରୁଣ ପାତ୍ର କହିଛନ୍ତି ଯେ କୋଟିଆ, ପୋଲାଭରମ ଆଦି ପ୍ରସଙ୍ଗ ସହ ଆନ୍ଧ୍ର, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହ ଥିବା ସୀମା ବିବାଦ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। କୋଟିଆ ଅଞ୍ଚଳ ନେଇ ଆନ୍ଧ୍ର ସହ ସ୍ୱାଧୀନତା ପରଠୁ ବିବାଦ ଲାଗି ରହିଥିବା ବେଳେ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଅଛି। ଉକ୍ତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଓଡ଼ିଆ ଭାଷା ପ୍ରତି ଲୋକଙ୍କ ଆଗ୍ରହ ଆସିବା, ସରକାରୀ ସହାୟତା ଆଦି ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଏବଂ ସାହାବାଜିପୁର ଓ ଭୋଗରାଇ ଅଞ୍ଚଳର ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଛି । ପଶ୍ଚିମବଙ୍ଗର ପ୍ରଶାସନ ସେଠାରେ ଖୁଣ୍ଟ ପୋତିଥିବା ବେଳେ ସ୍ଥାନୀୟ ଲୋକେ ଖୁଣ୍ଟ ସବୁ ଉପାଡ଼ି ଦେଇଛନ୍ତି। ତାହାର ମଧ୍ୟ ସ୍ଥାୟୀ ସମାଧାନ ଆବଶ୍ୟକ ଅଛି ବୋଲି ଶ୍ରୀ ପାତ୍ର ମତବ୍ୟକ୍ତ କରିଛନ୍ତି। ଅତଏବ ଉକ୍ତ ଅଞ୍ଚଳଗୁଡ଼ିକୁ କମିଟି ଗସ୍ତ କରିବା ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରାଯାଇଛି ବୋଲି ଶ୍ରୀ ପାତ୍ର କହିଛନ୍ତି।

## ■ ପିପିଲି ଆରଆଇଙ୍କୁ ଦୁର୍ବ୍ୟବହାର ଘଟଣା
# ଇଣ୍ଟରନାଲ୍ କମିଟି ଦ୍ୱାରା ତଦନ୍ତ କରାଯାଉଛି: ତହସିଲଦାର

ପିପିଲି, ୨୭।୫ (ସମିସ): ପିପିଲି ମହିଳା ଆରଆଇଙ୍କୁ ଦୁର୍ବ୍ୟବହାର ଘଟଣା ସମ୍ପର୍କରେ କହୁକହୁ ପିପିଲି ତହସିଲଦାର ହୃଷୀକେଶ ତ୍ରିପାଠୀ ଏକପ୍ରକାର ସତ ଓଗାଳି ଦେଇଛନ୍ତି। ଆରଆଇଙ୍କ ଅସଦାଚରଣ ଘଟଣା ପରେ ଆପୋଷ ସମାଧାନ କରିଥିଲେ ତହସିଲଦାର। ଏଥିରେ ଅସନ୍ତୁଷ୍ଟ ହୋଇ ଆରଆଇଜଣକ ପିପିଲି ଥାନାରେ ଅଭିଯୋଗ କରିଥିଲେ ବୋଲି ଗଣମାଧ୍ୟମକୁ କହିବା ପରେ ଆରଆଇଙ୍କ ଅଭିଯୋଗରେ ସତ୍ୟତା ଥିବା ନେଇ ଅନୁମାନ କରାଯାଉଛି।

ସୂଚନାଯୋଗ୍ୟ, ଗତ ମେ ୨୪ରେ ଅତିରିକ୍ତ ତହସିଲଦାର ମହିଳା ଆରଆଇଙ୍କୁ ଅସଦାଚରଣ କରିଥିବା ନେଇ ଆରଆଇଜଣକ ତହସିଲଦାରଙ୍କୁ ପ୍ରଥମେ ଅଭିଯୋଗ କରିଥିଲେ। ଅତିରିକ୍ତ ତହସିଲଦାରଙ୍କ ଏଭଳି ଆଚରଣକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ଏହାର ଆପୋଷ ସମାଧାନ ମଧ୍ୟ କରିଥିଲେ ତହସିଲଦାର। କିନ୍ତୁ ଏଥିରେ ସନ୍ତୁଷ୍ଟ ନଥିଲେ ସମ୍ପୃକ୍ତ ଆରଆଇ। ଏନେଇ ପିପିଲି ଥାନାରେ ଆରଆଇଙ୍କ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେପଟେ ପିପିଲି ତହସିଲଦାର ମଧ୍ୟ ଇଣ୍ଟରନାଲ କମିଟି ଗଠନ କରି ଘଟଣାର ତଦନ୍ତ କରୁଛନ୍ତି ଏବଂ ସେହି ଇଣ୍ଟରନାଲ୍ କମିଟି ରିପୋର୍ଟକୁ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରିବେ ବୋଲି ତହସିଲଦାର କହିଛନ୍ତି।

ଅନ୍ୟପଟେ ଆରଆଇଜଣକ ଯେଉଁ ଅଭିଯୋଗ କରିଛନ୍ତି, ସେଥିରେ ସମ୍ପୂର୍ଣ୍ଣ ସତ୍ୟତା ରହିଛି ଏବଂ ବର୍ଷାର ସୁଯୋଗ ନେଇ ଅତିରିକ୍ତ ତହସିଲଦାର ତାଙ୍କ ସହ ଅସଦାଚରଣ କରିଥିବା ନେଇ ମହିଳା ଆରଆଇଜଣକ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, କିଭଳି ଭାବରେ କେଉଁ ପରିସ୍ଥିତିରେ ତହସିଲ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଜଣେ ମହିଳା ଆରଆଇଙ୍କୁ ଅତିରିକ୍ତ ତହସିଲଦାର ଅସଦାଚରଣ କଲେ ଏବଂ ସେଠାରେ କୌଣସି ସରକାରୀ କର୍ମଚାରୀ ଉପସ୍ଥିତ ନ ରହିବା ଏବେ ସନ୍ଦେହ ସୃଷ୍ଟି କରୁଛି। ଏଣୁ ଅଫିସ୍ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଯାଞ୍ଚ କଲେ ଜଣାପଡ଼ିବ ବୋଲି କର୍ମଚାରୀମାନେ କହିଛନ୍ତି।

# ମାଓନେତା ବିଜୟ ପୁନେମଙ୍କ ଆତ୍ମସମର୍ପଣ

ରାୟଗଡ଼ା, ୨୭।୫ (ସମିସ): ବଂଶଧାରା-ଘୁମୁସର-ନାଗାବଳୀ (ବିଜିଏନ୍) ଡିଭିଜନ୍‌ର ଘୁମସର ଏରିଆ କମିଟିର ଦୁର୍ଦ୍ଦାନ୍ତ ମାଓବାଦୀ ବିଜୟ ପୁନେମ୍ ଓରଫ୍ ଅଜୟ ଆଜି ରାୟଗଡ଼ା ଜିଲ୍ଲା ଏସ୍‌ପି ସ୍ୱାତୀ ଏସ୍ କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ର ବିଜାପୁର ଜିଲ୍ଲା ହୁସୁର ଥାନା ଅଞ୍ଚଳର ବାଡ଼ିଗୁଡ଼େମ୍ ଗ୍ରାମ ନିବାସୀ ବିଜୟ ନିଜର ଗୋଟିଏ ପିସ୍ତଲ୍ ଓ ୮ ରାଉଣ୍ଡ ଗୁଳି ସହ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମରେ ଓଡ଼ିଶା ସରକାରଙ୍କ ତରଫରୁ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ସେ କନ୍ଧମାଳ ଜିଲ୍ଲା ଓ ଛତିଶଗଡ଼ର ବିଭିନ୍ନ ସ୍ଥାନରେ ମାଓବାଦୀ ଓ ସୁରକ୍ଷାବାହିନୀ ମଧ୍ୟରେ ଘଟିଥିବା ଗୁଳି ବିନିମୟ ଘଟଣାରେ ଜଡ଼ିତ ଥିଲେ ଓ ତାଙ୍କ ବିରୋଧରେ ୭ରୁ ଅଧିକ ମାମଲା ରହିଛି। କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ, ରାଇକିଆ, ଗୋଛାପଡ଼ା, କୋଟଗଡ଼ ଏବଂ ଛତିଶଗଡ଼ର ଗରିଆବନ୍ଧ ଅଞ୍ଚଳରେ ସୁରକ୍ଷାବାହିନୀଙ୍କ ସହ ଗୁଳି ବିନିମୟ ଘଟଣାରେ ତାଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିଲା। ବିଜୟ ୨୦୦୯ ମସିହାରେ ସିପିଆଇ (ମାଓବାଦୀ)ରେ ଯୋଗ ଦେଇଥିଲେ।

ପ୍ରାରମ୍ଭିକ ତାଲିମ ଗ୍ରହଣ କରିବା



ପରେ ସେ ମୋଡେମ ବାଲକ୍ରିଷ୍ଣା ଓରଫ୍ ମନୋଜଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ୨୦୧୪ରେ ପାର୍ଟି ମେମ୍ବରରୁ ଏସିଏମ ରାଙ୍କକୁ ପଦୋନ୍ନତି ପାଇ ବାଘୁନା ଡିଭିଜନ୍ ପାଇଁ କାର୍ଯ୍ୟ କରୁଥିଲେ। ପରେ ସେ ୨୦୨୫ରେ ଓଡ଼ିଶାକୁ ଆସି ବାଘୁନା ଡିଭିଜନର ଘୁମସର ଏରିଆ କମିଟି ପାଇଁ ନେତୃତ୍ୱ ନେଉଥିଲେ। ଦଳର ବରିଷ୍ଠ କ୍ୟାଡ଼ରମାନଙ୍କ ପାଖରୁ ନିଜ କ୍ୟାଡ଼ରମାନଙ୍କ ଉପରେ ହେଉଥିବା ମାନସିକ ନିର୍ଯାତନା, ଖାଦ୍ୟ ପାନୀୟର ଅଭାବ, ସୁରକ୍ଷା କର୍ମୀଙ୍କ ଦ୍ୱାରା ନିୟମିତ ଅପରେସନ୍, ମାଓବାଦୀ ଶିବିରରେ ଭେଦଭାବ, ଭାଷାଗତ ସମସ୍ୟା ଆଦି ବିଭିନ୍ନ ଅସୁବିଧା ନିମନ୍ତେ ସେ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲେ।

ଉଲ୍ଲେଖଯୋଗ୍ୟ, ୨୦୦୬ରୁ ୨୦୨୪ ପର୍ଯ୍ୟନ୍ତ ୧୮ ବର୍ଷ ମଧ୍ୟରେ ରାୟଗଡ଼ା ଜିଲ୍ଲାରେ ପୁଲିସ୍ ନିକଟରେ ୨୯ଜଣ ମାଓବାଦୀ ସମର୍ପଣ କରିଥିବା ବେଳେ ଓଡ଼ିଶା ପୁଲିସ ନିକଟରେ ୬୪୭ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। କେବଳ ୨୦୨୪ ବର୍ଷରେ ୨୩ଜଣ ମାଓବାଦୀ ଓଡ଼ିଶା ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିବା ନେଇ ଏସ୍‌ପି କହିଛନ୍ତି। ଆଗାମୀ ଦିନରେ ମାଓବାଦୀ ସଂଗଠନରେ ସାମିଲ ଥିବା ତାଙ୍କ ପତ୍ନୀ ଓ ଅନ୍ୟ ସହଯୋଗୀମାନେ ମଧ୍ୟ ପୁଲିସ ନିକଟରେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ବୋଲି ଅଜୟ ପ୍ରକାଶ କରିଛି।

# ଅବଶିଷ୍ଟାଂଶ

### ଜଷ୍ଟିସ ପାଠକ...

ମାଡ୍ରାସ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିବେକ କୁମାର ସିଂକୁ ମଧ୍ୟପ୍ରଦେଶ ହାଇକୋର୍ଟ, ଆନ୍ଧ୍ରପ୍ରଦେଶରୁ ଜଷ୍ଟିସ୍ ବଟ୍ଟୁ ଦେବାନନ୍ଦଙ୍କୁ ମାଡ୍ରାସ ହାଇକୋର୍ଟ, ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଓମ୍ପ୍ରକାଶ ଶୁକ୍ଲାଙ୍କୁ ଦିଲ୍ଲୀ ହାଇକୋର୍ଟ ଏବଂ ଝାଡ଼ଖଣ୍ଡ ପିଏଚସି ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖରଙ୍କୁ ବମ୍ବେ ହାଇକୋର୍ଟ ବଦଳି କରିବାକୁ ସୁପାରିସ୍ କରାଯାଇଛି।

ସୂଚନାଯୋଗ୍ୟ ଯେ ୨୮ ଅଗଷ୍ଟ, ୧୯୬୫ରେ ଗୌହାଟୀରେ ଜନ୍ମିତ ଜଷ୍ଟିସ୍ ପାଠକ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟ ଅଧୀନ ବେଙ୍ଗାଲୁରୁର ସେଣ୍ଟ ଯୋସେଫ୍ କଲେଜରୁ କଳାରେ ସ୍ନାତକ ଏବଂ ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧୀନରେ ଗୌହାଟୀର ସରକାରୀ ଆଇନ କଲେଜରୁ ଏଲ.ଏଲ.ବି ଡିଗ୍ରୀ ହାସଲ କରିଥିଲେ। ୧୯୯୦ ମସିହାରେ ସେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଏବଂ ଅରୁଣାଚଳପ୍ରଦେଶର ବାର୍ କାଉନସିଲରେ ଆଇନଜୀବୀ ଭାବରେ ପଞ୍ଜିକୃତ ହୋଇଥିଲେ। ଦୀର୍ଘ ଦୁଇ ଦଶନ୍ଧି ଧରି ସେ ମୁଖ୍ୟତଃ ଦେୱାନୀ, ସାମ୍ବିଧାନିକ, ଭୂମି ଅଧିଗ୍ରହଣ ଏବଂ ସେବା ମାମଲାରେ ଅଭ୍ୟାସ କରୁଥିଲେ। ସେ ଆସାମ ସରକାରଙ୍କ ଷ୍ଟାଣ୍ଡିଂ କାଉନସେଲ୍ ଥିଲେ। ୨୨ ମେ ୨୦୧୩ରେ ତାଙ୍କୁ ଗୌହାଟୀ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା। ତେବେ ୨୦୧୪ ନଭେମ୍ବର ୭ରୁ ସେ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି।

### ବିକାଶରେ ପକ୍ଷପାତ...

ସୂଚନା ଅନୁସାରେ ବରଗଡ଼ ଜିଲ୍ଲାର ୪, ଝାରସୁଗୁଡ଼ାର ୨, ସୁନ୍ଦରଗଡ଼ର ୨, ସମ୍ବଲପୁର ୨, ମୟୂରଭଞ୍ଜର ୯, କେନ୍ଦୁଝରର ୩, ଢେଙ୍କାନାଳର ୪, ଯାଜପୁରର ୪, ଗଞ୍ଜାମର ୧୨, ପୁରୀର ୪, ଖୋର୍ଦ୍ଧା ଜିଲ୍ଲାର ୩, ନୟାଗଡ଼ ଜିଲ୍ଲାରେ ୨, ବଲାଙ୍ଗିର ଜିଲ୍ଲାର ୪, ନୂଆପଡ଼ାର ୩, ଢେଙ୍କାନାଳର ୪ ବିଧାନସଭା କ୍ଷେତ୍ରକୁ ଅନୁଦାନ ରାଶି ପ୍ରଦାନ କରାଯାଇଛି । ସେହିପରି ଅନ୍ୟ ଜିଲ୍ଲାଗୁଡ଼ିକର ଗୋଟିଏ ଯୋଡ଼ିଏ ବିଧାନସଭା କ୍ଷେତ୍ର ନିମନ୍ତେ କିଛି କିଛି ଅର୍ଥ ମଞ୍ଜୁର ହୋଇଛି।

ନୟାଗଡ଼ ଜିଲ୍ଲାରେ ୪ଟି ନିର୍ବାଚନମଣ୍ଡଳୀ ରହିଛି । ସେଥିମଧ୍ୟରୁ ରଣପୁର ଓ ଖଣ୍ଡପଡ଼ା ଆସନରେ ବିଜେପି ବିଧାୟକ ରହିଥିବା ବେଳେ ଦଶପଲ୍ଲା ଓ ନୟାଗଡ଼ ଆସନରେ ବିଜେଡି ବିଧାୟକ ରହିଛନ୍ତି । ମାତ୍ର ବିଜେପି ବିଧାୟକ ରହିଥିବା ଦୁଇ ନିର୍ବାଚନ ମଣ୍ଡଳୀ ରଣପୁର ଓ ଖଣ୍ଡପଡ଼ାକୁ ଦୁଇ କୋଟି ଲେଖାଏଁ ଅନୁଦାନ ମିଳିଥିବା ବେଳେ ନୟାଗଡ଼ ଓ ଦଶପଲ୍ଲା ବିଧାନସଭା କ୍ଷେତ୍ରକୁ ଏହି ଅନୁଦାନରୁ ବଞ୍ଚିତ କରାଯାଇଛି। ଯାହାକୁ ନେଇ ଜିଲ୍ଲା ରାଜନୀତିରେ ଏବେ ତୁମ୍ବି ତୋଫାନ ଆରମ୍ଭ ହୋଇଛି । ସେହିପରି ଏହି ପ୍ରସଙ୍ଗକୁ ନେଇ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ସରକାରଙ୍କ ବିରୋଧରେ ସ୍ୱର ତୀବ୍ର ହୋଇଛି । ବିନା ଭୟ ଓ ପକ୍ଷପାତରେ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିବା ସରକାର କିପରି ବିକାଶମୂଳକ କାର୍ଯ୍ୟ ନିମନ୍ତେ ଅନୁଦାନ ସମ୍ପାଦରେ ପକ୍ଷପାତ କରୁଛନ୍ତି, ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି ।

### କଟାଯିବ ୧୨୭ ଲକ୍ଷ...

କରନ୍ତି । ହେଲେ ମାଟି ତଳେଥିବା କୋଇଲା ଏବେ ଲୋକଙ୍କ ସୁଖରେ ବଜ୍ରରି ପାଲଟିଛି । କୋଇଲା ଖଣି ଖନନ ନ କରିବାକୁ ଲୋକେ ବିକ୍ଷୋଭ ତଥା ଆନ୍ଦୋଳନ କରୁଛନ୍ତି । ହେଲେ ସରକାରଙ୍କ ନିଷ୍ପତ୍ତି ଆଗରେ ସେମାନଙ୍କ ଦାବିର ପିଛା ପଡ଼ିଯାଉଛି । ପରିବେଶ ସୁରକ୍ଷା ପାଇଁ କିଛି ସଚେତନ ବ୍ୟକ୍ତି ଏବଂ କ୍ଷତିଗ୍ରସ୍ତ ପ୍ରଜା ଅଞ୍ଚଳିକ ସୁରକ୍ଷା ମଞ୍ଚ ଗଠନ କରି ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରୁଛନ୍ତି । ସର୍ବେକ୍ଷଣ ଅନୁସାରେ କୋଇଲା ଖଣି ଯୋଗୁ ଛେଣ୍ଡିପଦା ଅଞ୍ଚଳରେ ୩୮୩୫୧ ଏକର ସରକାରୀ ଜଙ୍ଗଲ ନଷ୍ଟ ହେବ । ସେହିସବୁ ଜଙ୍ଗଲରୁ ୧୨୭ ଲକ୍ଷ ଛୋଟ, ମଧ୍ୟମ ଓ ବଡ଼ ଗଛ କଟାଯିବ । ଏଭଳି ହେଲେ ଛେଣ୍ଡିପଦା ଏକ ମରୁଭୂମିରେ ପରିଣତ ହେବ । ଜଙ୍ଗଲରେ ରହୁଥିବା ବନ୍ୟଜନ୍ତୁ ବାସ ହରାଇବେ । ଅପରପକ୍ଷରେ ୨୩ ହଜାର ୮୭୪ ପରିବାର ସେମାନଙ୍କ ଭିଟାମାଟି ହରାଇବେ । ୨୮ ହଜାର ଏକର ଉର୍ବର ଚାଷଜମି ଖଣି ପେଟରେ ପଶିଯିବ । ତେଣୁ ଏଅଞ୍ଚଳରେ ଧାନ ଚାଷରୁ ଆୟ ହେଉଥିବା ବାର୍ଷିକ ୧୮୫ କୋଟି, ରବି ଫସଲରୁ ୫୩କୋଟି, ପରିବା ଫସଲରୁ ୩୨ କୋଟି ଟଙ୍କା ଲୋକେ ଆଉ ପାଇବେ ନାହିଁ । ଖଣି ଯୋଗୁ ୨୬ଟି ଛୋଟ ବଡ଼ ପ୍ରାକୃତିକ ନାଳ ଲୀନ ହୋଇଯିବ । ୮ଟି ଜଳ ସେଚନ ପ୍ରକଳ୍ପ ବନ୍ଦ ହୋଇଯିବ । ଏହାଛଡ଼ା ବ୍ଲକର ୨୭୯୪ଟି କୂଅ, ନଳକୂଅ, ପୋଖରୀ ଆଦି ମାଟିରେ ମିଶିଯିବ । ତେଣୁ ପାଣି ଟୋପାଏ ପାଇଁ ଲୋକେ ହନ୍ତସନ୍ତ ହେବେ । ୨୫ଟି ସରକାରୀ ସ୍କୁଲ ବନ୍ଦ ହୋଇଯିବ । କୌଣସି କମ୍ପାନୀ ନୂତନ ସ୍କୁଲ ନିର୍ମାଣ ପାଇଁ ରାଜି ହୋଇନାହାନ୍ତି । ଏଭଳି ହେଲେ ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେବାର ସମ୍ଭାବନା ରହିଛି । ଏସବୁ ଦୃଷ୍ଟିରୁ ଆଗାମୀ ଦିନରେ ଛେଣ୍ଡିପଦାର ସ୍ଥିତି କେମିତି ରହିବ ତାହା ଅନୁମେୟ। ଛେଣ୍ଡିପଦା ଅଞ୍ଚଳରେ ପ୍ରାଥମିକ ପର୍ଯ୍ୟାୟରେ ୩ଟି କୋଇଲା ଖଣି ଖନନ କରାଯିବ । ସେଥିପାଇଁ ଦ୍ରୁତଗତିରେ ପ୍ରସ୍ତୁତି ଚାଲିଛି । ସବୁଠାରୁ ବଡ଼ କଥା ହେଉଛି ଖଣି ଯୋଗୁଁ ଜମି ହରାଇଥିବା ଲୋକେ କେବଳ କ୍ଷତିପୂରଣ ରାଶି ପାଇବେ ଏବଂ କେତେକାଂଶରେ ନିଯୁକ୍ତି ପାଇବେ । କିନ୍ତୁ ଖଣିକୁ ଲାଗି କରି ଏମିତି ଅନେକ ଅଞ୍ଚଳ ରହିଛି ସେସବୁ ଅଞ୍ଚଳର ଜମି ଅଧିଗ୍ରହଣ ହେବ ନାହିଁ । ତେଣୁ ସେ ଅଞ୍ଚଳର ଲୋକେ ନା କ୍ଷତିପୂରଣ ରାଶି ନା ନିଯୁକ୍ତି କିଛି ପାଇପାରିବେ ନାହିଁ । କେବଳ ଧୂଳି, ଧୂଆଁ ଓ ପ୍ରଦୂଷଣ ଭିତରେ ରହିବେ । ଚାଷବାସ ହୋଇ ପାରିବ ନାହିଁ ଏବଂ ପିଇବା ପାଣି ଟୋପାଏ ମିଳିବ ନାହିଁ । ବର୍ତ୍ତମାନ ସୁଦ୍ଧା ଛେଣ୍ଡିପଦା ବ୍ଲକରେ ୩ଟି ଖଣିରୁ କୋଇଲା ଉତ୍ତୋଳନ ହେଉଛି । ଆଉ ୪ରୁ ୫ଟି ଖଣି ଖନନ ପାଇଁ ଜଙ୍ଗଲ କଟା ଚାଲିଛି । ଆଗାମୀ ୫ବର୍ଷ ମଧ୍ୟରେ ଏଅଞ୍ଚଳରେ ୧୫ରୁ ଅଧିକ ଖଣି ଚାଲୁଥିବ । ତେଣୁ ସେତେବେଳେ କିଭଳି ରହିବ ଚିତ୍ର ତାହା ସ୍ପଷ୍ଟ ଜଣାପଡୁଛି ।

### ଝିଅକୁ ଦୁଷ୍କର୍ମ...

କରିବାକୁ ଉଦ୍ୟମ କରୁଥିବା ବେଳେ ନାବାଳିକାର ବାପା-ମା' ଦେଖିଦେବା ସହ ଅଭିଯୁକ୍ତକୁ ମାଡ଼ ମାରିଥିଲେ । ତେବେ ଏଥିରେ ଅଭିଯୁକ୍ତଜଣକ ପ୍ରତିଶୋଧପରାୟଣ ହୋଇ ଉଠିଥିଲା । ସନ୍ଧ୍ୟାରେ ଘର ନିକଟରେ ନାବାଳିକାର ବାପା ଠିଆ ହୋଇଥିବା ବେଳେ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ତାଙ୍କୁ ଗୋଟିଏ ତାର ମାରିଥିଲା । ତାରଟି ନାବାଳିକାଙ୍କ ବାପାଙ୍କ ବାହୁରେ ପଶି ଯାଇଥିଲା ।

### କେନ୍ଦ୍ର, ରାଜ୍ୟଙ୍କୁ...

ଭେଦଭାବପୂର୍ଣ୍ଣ ଏବଂ ସାମ୍ବିଧାନିକ ଦୃଷ୍ଟିରୁ ଅବୈଧ । ଏହା ସମ୍ବିଧାନର ଧାରା ୧୪, ୧୫, ୨୧, ୨୫, ୨୬ ଓ ୨୭ର ବିରୁଦ୍ଧାଚରଣ କରୁଛି । ତେଣୁ ଏହାକୁ ଅସାମ୍ବିଧାନିକ ଘୋଷଣା କରାଯାଉ । ପିଟିସନରେ ଆହୁରି କୁହାଯାଇଛି ଯେ ମୁସଲିମ ଧର୍ମାବଲମ୍ବୀଙ୍କ ଦ୍ୱାରା ପରିଚାଳିତ ୱାକଫ୍ ସଂପତ୍ତିର ସର୍ଭେ ଖର୍ଚ୍ଚ ସରକାର କାହିଁକି ବହନ କରିବେ । ଅନ୍ୟ ଧର୍ମର ଅନୁଷ୍ଠାନ ଓ ସଂପତ୍ତିର ସର୍ଭେ ଓ ପରିଚାଳନା ଲାଗି ସରକାର ଖର୍ଚ୍ଚ କରୁନଥିବା ବେଳେ ୱାକଫ୍ ପାଇଁ କାହିଁକି ସରକାର ଅନୁଦାନ ଦେଉଛନ୍ତି? ଏହାକୁ ତୁରନ୍ତ ବନ୍ଦ କରାଯାଉ ।

୨୦୨୫ରେ ନୂଆ ୱାକଫ୍ ଆଇନ ଆସିଥିବା ବେଳେ ୧୯୯୫ ଆଇନକୁ ସେ କାହିଁକି ଏବେ ଚାଲେଞ୍ଜ କରୁଛନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିବାରୁ ଆବେଦନକାରୀ କହିଥିଲେ, ସେ ୨୦୨୫ର ପ୍ରଣିତ ଆଇନକୁ ମଧ୍ୟ ଚାଲେଞ୍ଜ କରୁଛନ୍ତି । ସେ ଆହୁରି ମନେ ପକାଇଦେଇଥିଲେ ଯେ ସୁପ୍ରିମକୋର୍ଟ ଏବେ ୧୯୯୧ର ଧର୍ମପୀଠ ଆଇନ ଏବଂ ୧୯୯୨ର ଜାତୀୟ ସଂଖ୍ୟାଲଘୁ କମିସନ ଆଇନ ବିରୋଧରେ ଆଗତ ପିଟିସନର ଶୁଣାଣି କରୁଛନ୍ତି । ଏହାପୂର୍ବରୁ ମଧ୍ୟ ୱାକଫ୍ ଆଇନ ୧୯୯୫କୁ ଚାଲେଞ୍ଜ କରି ଅନେକ ପିଟିସନ ଦାଖଲ ହୋଇଥିଲା ।


ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006
PHONE - 06854-242001, FAX - 06854242038.
E-mail: sgmel.ukhep@gmail.com
CIN: U40101OR1995SGC003963
CAD-553

E-Tender NOTICE No. - 03/2025-26, Dated 23.05.2025

The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in double cover system in ONLINE MODE only from eligible contractors for the works as mentioned below.

| Sl No. | Name of the work | Approx. Estimated cost (in ₹) | E.M.D. (in ₹) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Construction of Road Side Earthen Drain Connecting from Daudapadar Chowk to Valve House & Surge Tank, UKHEP, Bariniput | 5,83,168/- | 5,850/- | 4720/- (Rs.4000+18 % GST) | "C or D" Class | From 10:00 AM of Dt. 02.06.2025 to 12:00 Hrs of Dt.11.06.2025 | At 11:30 Hrs. of Dt.12.06.2025 |

1. The Bidders have to participate in ONLINE bidding only through the Govt.e-Procurement portal www.tendersodisha.gov.in by using their compatible Digital Signature Certificate. (DSC)
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

Unit Head
UKHEP, Bariniput

OIPR-04002/11/0087/2526



SALE
Booking Open 2/3 BHK Flats
BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

NOTICE
By virtue of an affidavit sworn before the Notary Public, Cuttack, dated 27.05.2025, I, Subhasish Satapathy, S/o – Santosh Kumar Satapathy, resident of QR. No. D/156, Sector-7, P.O.- Rourkela, P.S.- Sector-7, Dist- Sundargarh, Odisha, Pin- 769003 have changed my name from Subashish Satpathy & Subhasish Satpathy to Subhasish Satapathy. Henceforth, I shall be known as Subhasish Satapathy for all purposes.
Sd/- Subhasish Satapathy

AFFIDAVIT
I, Reshma Bibi, W/o- Sk Mojifur Rahman of Vill-Kotal Mohalla, P.o-Gujidarda, P.s-Bhadrak(R), Dist-Bhadrak, Pin-756128, Declare by this Affidavit No-4932, 15-05-2025, that now onwards. My Son Name & Address wrongly mentioned as Aadhaar Card No-9781 8423 2518 Mansur Mojiburrehman Shaikh, I shall be known as SK MANSUR of Vill-Kotal Mohalla, P.o-Gujidarda, P.s-Bhadrak(R), Dist- Bhadrak, Pin-756128 for all future purposes.

AFFIDAVIT
I, Sangram Keshari Sahoo, aged about 56 years, S/o- Nirmal Chandra Sahoo, resident of Nilakanthapur, Sandhapalli, Kendrapara, Pin-754215, Odisha declared by this affidavit No. 1068, dtd-24/05/2025 that now onwards I shall be known as SANGRAM SAHOO for all future purposes.

AFFIDAVIT
I Smt Snehalata Biswal, W/o-RABINDRA BISWAL of Vill-PANPUR Po- Balimed, Ps-Naikanidihi, Dist-Bhadrak. My actual name is SNEHALATA BISWAL as per my Aadhar Card. But in my L.I.C. Policy No.587361624 my name wrongly mentioned as " RANJITA ROUT" instead of " SNEHALATA BISWAL", W/O- RABI ROUT is same & one person.

AFFIDAVIT
By virtue of an affidavit sworn before The Notary Public, Borigumma on dated- 03/05/2025. I, Smt. Pulamani Ganda, W/o Sri Bhuban Ganda, resident of Village-Phupugam, PO- Pujariput, PS-Borigumma, Dist- Koraput, Odisha declare that I have changed my name from Dinamani Gonda To Pulamani Ganda in my Bank Pass Book (Bank of Baroda). Henceforth, I shall be known as Pulamani Ganda for all future purposes.
(Pulamani Ganda)

AFFIDAVIT
By virtue of an affidavit before The Notary Public, Titilagarh, on dated-27/05/2025. I, Gopal Dora (Applicant name), Son of Chudamani Dora , permanent resident of At- Gunchitara, P.O- Tentulikhunti, P.S- Titilagarh, Dist- Bolangir, (Odisha), PIN- 767037 now residing at the same place affirm that I have changed my minor Son name from Bibnishan Dora To Bibhisen Dora. Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as Bibhisen Dora.
(Gopal Dora)

ଘୋଷଣା
ମୁଁ ରେଣୁ ସତ୍ପଥୀ ସ୍ୱାମୀ ରାମକୃଷ୍ଣ ପି. ରେଡ୍ଡୀ ଆଦି ନାରାୟଣ ନିଃ ଭୁବନେଶ୍ୱରର ଗୋ-ମାଲୋଚିଳ, ଥା/ଡ-ପାଇକମାଲ, ଜି-ବରଗଡ଼ । ଏତଦ୍ୱାରା ଘୋଷଣା କରୁଅଛୁ ଯେ, ମୁଁ ଭୁବନେଶ୍ୱରବାହାଳ ମୌଜାର ୪୫୬୨ ଜମି ଖାତା ନଂ୩୩/୩୨୭ରେ ରେକର୍ଡ଼ ଥିବା ରେକର୍ଡ଼ର ପ୍ରଜା ମାଲ୍ଲାପୁରି କାମଦେବୀ, ସ୍ୱାମୀ- ମାଲ୍ଲାପୁରି ବାରିଶାଙ୍କୁଠ ଉକ୍ତ ମାଲ୍ଲାପୁରି କାମଦେବୀ ଏହି ଜମିର ପୂର୍ବ ସମ୍ପର୍କିତ ରେଜିଷ୍ଟ୍ରି ଦଲିଲ (ବିକ୍ରି ନାମା) ୧୯୧୯/୧୯.୧୨.୧୯୬୮ ଏବଂ ପଟ୍ଟା ଖାତା ନଂ୩୩/୩୨୭ର ମୌଳିକ ଭୁରସେବାରେ ମୋତେ ଦେଇଥିଲେ । ଉପରୋକ୍ତ ରେଜିଷ୍ଟ୍ରି ଦଲିଲ ଏବଂ ପଟ୍ଟା ହଜିଯାଇଛି । ଏହି ସମ୍ପତ୍ତି କୌଣସି ବ୍ୟାଙ୍କ କିମ୍ବା ଅର୍ଥିକ ଅନୁଷ୍ଠାନକୁ ବନ୍ଧକ ସୂତ୍ରେ ଦିଆଯାଇନାହିଁ । ମୋ ମାଲିକାନାରେ ଥିବା ଏହି ସମ୍ପତ୍ତିକୁ ଆମେ ଆଇଡ଼ିଆ ଏଫ୍‌ସି ବ୍ୟାଙ୍କ, କାମଗଡ଼ଆ ଶାଖାରେ ବନ୍ଧକ ରଖି ଋଣ ନେବାକୁ ଆବେଦନ କରିଛୁ । ଏଥିରେ କାହାରି କିଛି ଆପତ୍ତି ଅଭିଯୋଗ ଥିଲେ ଏହି ବିଜ୍ଞାପନ ପ୍ରକାଶନର ୭ଦିନ ମଧ୍ୟରେ ଉକ୍ତ ବ୍ୟାଙ୍କକୁ ଜଣାଇବାକୁ ଅନୁରୋଧ । ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।

AFFIDAVIT
By virtue of an affidavit before The Executive Magistrate, Hindol on dated-20/05/2025. I, Subasachandra Pradhan, aged 35 years, S/o- Harihar Pradhan, resident of Vill/Po- Karanda, Ps- Rasol, Dist- Dhenkanal, Odisha, PIN-759020 declared that my real name is Subasachandra Pradhan which is mentioned in my Aadhaar Card bearing No- 4734 4507 3938 and Voter Id No-YQH0319145, but in my LIC Policy at Dhenkanal Branch bearing Policy No-58744407 in where my name is wrongly mentioned as Kalia Pradhan instead of Subasachandra Pradhan. Henceforth, both are name one and same person.
(Subasachandra Pradhan)

# ଗଜପତିରେ ସୀମା ଟପୁଛି ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ

ପାରଳାଖେମୁଣ୍ଡି, ୨୭ ।୫(ସମିସ)

ଗଜପତି ଜିଲ୍ଲା ନିଜ କଳା, ସଂସ୍କୃତି ଓ ମଞ୍ଚ ନାଟକ ପାଇଁ ରାଜରାଜୁଡ଼ା ଅମଳରୁ ନିଜର ସ୍ୱତନ୍ତ୍ର ପରିଚୟ ରାଜ୍ୟ ଓ ରାଜ୍ୟ ବାହାରେ ସୃଷ୍ଟି କରିପାରୁଛି । କିନ୍ତୁ ଗତ କିଛି ବର୍ଷ ହେଲା ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ଅଶ୍ଳୀଳ ନୃତ୍ୟ ପରିବେଷଣରେ ରୋକ ଲାଗିଲା ପରଠାରୁ ଆନ୍ଧ୍ରକୁ ଲାଗି ରହିଥିବା ଗଜପତି ଜିଲ୍ଲାର ଗୋଷାଣି, କାଶୀନଗର ବ୍ଲକ ଓ ପାରଳାଖେମୁଣ୍ଡି ସହରର ଆଖପାଖ ଅଞ୍ଚଳରେ ଏହି ଅଶ୍ଳୀଳ ନୃତ୍ୟର ପ୍ରଦର୍ଶନ ବ୍ୟାପକ ହେବାରେ ଲାଗିଛି । ବିଭିନ୍ନ ପର୍ବପର୍ବାଣିରେ ବିଭିନ୍ନ ଅଞ୍ଚଳରେ ଅପସଂସ୍କୃତିକୁ ଆପଣାଇଥିବା ପୃଷ୍ଠପୋଷକ ଗ୍ରାମ ଠାରୁ ଦୁଇ ତିନି କିଲୋମିଟର ଦୂରରେ ମଞ୍ଚ ପ୍ରସ୍ତୁତ କରି ଅଶ୍ଳୀଳ ନୃତ୍ୟର ଆୟୋଜନ କରୁଛନ୍ତି । ଏଠାରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ସୀମା ଟପୁଛି । ଯୁବତୀଙ୍କ ସହ ମଧ୍ୟ ବୟସ୍କା ମହିଳା ଏଠାରେ ଅଙ୍ଗ ପ୍ରଦର୍ଶନ କରୁଛନ୍ତି । ରାତି ଯେତେ ବଢ଼ୁଛି ନୃତ୍ୟାଙ୍ଗନାଙ୍କ ଦେହରୁ ପୋଷାକ ସେତେ ବାହାରୁଥିବା ଦୃଶ୍ୟ ଭାଇରାଲ ଭିଡିଓରୁ ଜଣାପଡୁଛି । ଏପରିକି ଏହି ନୃତ୍ୟାଙ୍ଗନାଙ୍କ ଉପରେ ମଦର ଅଭିଷେକ ମଧ୍ୟ କରାଯାଉଛି । ବିଳମ୍ବିତ ରାତ୍ରିରୁ ଆରମ୍ଭ ହେଉଥିବା ଏହି ନୃତ୍ୟ ସୂର୍ଯ୍ୟ ଉଦୟ ପୂର୍ବରୁ ଶେଷ ହେଉଛି । ହିନ୍ଦୀ, ଓଡ଼ିଆ, ସମ୍ବଲପୁରୀ, ତେଲୁଗୁ ଗୀତରେ ଉପସ୍ଥିତ ଦର୍ଶକଙ୍କୁ ଉତ୍ତେଜିତ କରିବା ଭଳି ପରିସ୍ଥିତି ସୃଷ୍ଟି କରାଯାଉଛି । ଅଶ୍ଳୀଳ ନୃତ୍ୟ ସ୍ଥାନକୁ ମୋବାଇଲ୍

● ଗାଁଠାରୁ ଦୂରରେ ହେଉଛି ମଞ୍ଚ ପ୍ରସ୍ତୁତ
● ପଡ଼ୋଶୀ ଆନ୍ଧ୍ରରୁ ଆସୁଛନ୍ତି ନୃତ୍ୟ ଦଳ

ଆଣିବା ମନା ହେବା ସହ ମହିଳାଙ୍କୁ ସେଠାକୁ ଯିବା କଡ଼ାକଡ଼ି ଭାବେ ବାରଣ କରାଯାଉଛି । ଅଶ୍ଳୀଳ ନୃତ୍ୟ ପରିବେଷଣ କିପରି ହେବ, ସୁରୁଖୁର ପରିଚାଳନା ପାଇଁ କେଉଁମାନଙ୍କୁ ନିଯୁକ୍ତ, ସ୍ଥାନୀୟ ପୁଲିସର ସହାୟତା କିପରି ନିଆଯିବ ସେଥିନେଇ ସୁଚିନ୍ତିତ ଯୋଜନା କରାଯାଉଛି । ଆଉ ଏଥି ପାଇଁ ସ୍ୱତନ୍ତ୍ର ହ୍ୱାଟସ୍ଆପ୍ ଗ୍ରୁପ୍ କରାଯାଇ କେଉଁଠାରେ, କେବେ ଓ କେଉଁ ସମୟରେ ଏହି ନୃତ୍ୟ ପ୍ରଦର୍ଶନ ହେବ ଗ୍ରୁପ୍ କରାଯାଇ ସୂଚନା ପ୍ରଦାନ କରାଯାଉଛି ।

ଏହା ଅତି ଗୋପନୀୟତା ସହକାରେ କରାଯାଉଥିବା ବେଳେ ଗଜପତି ଜିଲ୍ଲାର କଳା ସଂସ୍କୃତି ପ୍ରଭାବିତ ହେଉଛି ତାହା ନୁହେଁ ମହିଳାଙ୍କ ଉପରେ, ଯୁବତୀଙ୍କ ଉପରେ ବିଭିନ୍ନ ସମୟରେ ହେଉଥିବା ବିଭିନ୍ନ ପ୍ରକାରର ଅପରାଧ ବୃଦ୍ଧିରେ ସହାୟକ ହେଉଥିବା ଅଭିଯୋଗ ହେଉଛି । ସେହିପରି ଯୁବ ସମାଜ ଏଥିରେ ନିଶାସକ୍ତ ହୋଇ ସେମାନଙ୍କ ପାଇଁ ଏକ ପ୍ରକାରର ଘାତକ ସାଜୁଛି । ଏଥିନେଇ ଅଞ୍ଚଳରେ ମଦକାରବାର ଓ ଅପରାଧ ମଧ୍ୟ ବୃଦ୍ଧି ପାଉଛି । ଏପରି ନିଜ ମାନସିକତା ସମାଜକୁ କଳୁଷିତ କରିବା ଭଳି ନୃତ୍ୟ ସହ ମହିଳାଙ୍କ ବିରୁଦ୍ଧରେ ବଢୁଥିବା ଅପରାଧିକ ପୃଷ୍ଠଭୂମିକୁ ରୋକିବା ଓ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସମ୍ଭବ ହୋଇପାରୁ ନଥିବା ସର୍ବସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏସବୁ ପୁଲିସର ଜାଣନ୍ତ ନା ଅଜାଣତରେ ହେଉଛି ତାହାର ସମୀକ୍ଷା ରାଜ୍ୟ ଗୃହ ବିଭାଗ କରିବା ସମୟ ଆସିଯାଇଛି ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । ଅଧିକାଂଶ ଯାନୀଯାତ୍ରା ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସମୟରେ ଆୟୋଜିତ ହେଉଥିବା ଏହି ଅଶ୍ଳୀଳ ନୃତ୍ୟ ଯୋଗୁଁ ଅବାଧ ଚୋରି, ମଦ ବିକ୍ରି, ଜୁଆ ଖେଳ ଓ ଗୁଡୁଗୁଡୁ ପାଲି ଖେଳ ହେଉଥିବା କିଛି ପୁଲିସ କର୍ମଚାରୀ ନିଜ ନାମକୁ ଗୁପ୍ତ ସର୍ତ୍ତରେ କହିଛନ୍ତି । ଏଠାରେ ସବୁଠୁ ବଡ଼ ପ୍ରଶ୍ନ ଉଠୁଛି ବାରମ୍ବାର ଦୀର୍ଘ ବର୍ଷ ହେବ ସୀମାନ୍ତ ତଥା ଉପାନ୍ତ ଅଞ୍ଚଳରେ ଚାଲୁଥିବା ଏଭଳି ଅଶ୍ଳୀଳ ନୃତ୍ୟ ବିଷୟରେ କେଉଁ ସିଣ୍ଡିକେଟ୍ କାମ କରୁଛି ତାହା ତଦନ୍ତ କରିବାର ଆବଶ୍ୟକତା ରହିଛି । ଏ ସମ୍ପର୍କରେ ମିଳିଥିବା କିଛି ଫଟୋ ପ୍ରକାଶଯୋଗ୍ୟ ହେଉନାହିଁ । ପୁଲିସ ଲମ୍ବାହାତ ସେମାନଙ୍କ ନିକଟରେ କେବେ ପହଞ୍ଚିବ, କେବେ ଅପସଂସ୍କୃତି ଓ ଅଶ୍ଳୀଳ ନୃତ୍ୟକୁ ବନ୍ଦ କରାଯିବ ତାହା ଏବେ ପ୍ରଶ୍ନ ହୋଇଛି । ଏ ନେଇ ଗଜପତି ପୁଲିସର କୌଣସି ପ୍ରତିକ୍ରିୟା ମିଳିନଥିବା ବେଳେ ଘଟଣାର ସତ୍ୟାସତ୍ୟ ସହ ଭବିଷ୍ୟତରେ ଏଭଳି ନୃତ୍ୟ ବେଳେ ପୁଲିସ ଚଢ଼ଉ କରାଯିବା ସହ ଏଥିନେଇ ଚାଲିଥିବା ନେଟୱର୍କକୁ ବନ୍ଦ କରାଯିବାର ଆବଶ୍ୟକତା ରହିଛି । ଏଥିରେ ପଡ଼ୋଶୀ ଆନ୍ଧ୍ରର କିଛି ଗୋଷ୍ଠୀ ଜଡ଼ିତ ଥିବା କୁହାଯାଉଛି ।

## ରଟିଙ୍ଗିଆରେ ବିଏସ୍ଏନ୍ଏଲ୍ ନେଟ୍‌ୱର୍କ ଅଚଳ

ଜି.ଉଦୟଗିରି, ୨୭।୫(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ରଟିଙ୍ଗିଆ ପଞ୍ଚାୟତରେ ୫ ଦିନ ହେଲା ବିଏସଏନଏଲ୍ ନେଟୱର୍କ ଅଚଳ ହୋଇପଡ଼ିଛି । ନେଟୱର୍କ ଅଚଳ ହୋଇଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ଛାତ୍ରଛାତ୍ରୀ ଅନଲାଇନ ପାଠ ପଢ଼ାରୁ ବଞ୍ଚିତ ହେଉଥିବା ବେଳେ ଅସୁବିଧା ସମୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । କୌଣସି ଅନଲାଇନ୍ କାମ ପାଇଁ କିମ୍ବା ସାଧାରଣ ବଣ୍ଟନ କାର୍ଯ୍ୟରେ ନେଟୱର୍କ ଆବଶ୍ୟକତା ଥିବା ହେତୁ କାମରେ ବାଧା ସୃଷ୍ଟି ହେଉଛି । ଏହି ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ସମାଧାନ ପାଇଁ ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ । ବିଭାଗୀୟ ଅଧିକାରୀ କେବଳ ଆଶ୍ୱାସନା ଦେଇ ନିଜର କାମ ଚଳାଉଥିବା ସ୍ଥାନୀୟ ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ଉପାଧ୍ୟକ୍ଷ ଏନ୍.ଲୁକ ଓ ସମାଜସେବୀ ହୃଷୀକେଶ ପ୍ରଧାନ ଅଭିଯୋଗ କରିଛନ୍ତି । ଏହା କେବଳ ଏବେ ନୁହେଁ ଅନେକ ଥର ରଟିଙ୍ଗିଆ ପଞ୍ଚାୟତବାସୀ ଏହିପରି ସମସ୍ୟାର ସମ୍ମୁଖୀନ ହେଉଥିବା କୁହାଯାଇଛି । ଏହି ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

## ରାସ୍ତା ଖୋଳି ଛାଡ଼ିଦେଲେ, ବଢୁଛି ଅସନ୍ତୋଷ

ରମ୍ଭା, ୨୭ ।୫(ସମିସ): ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦର ପଣ୍ଡା କଲୋନୀ ଓ ପାହାଡ଼ ସାହିରେ ଠିକାଦାର ରାସ୍ତା ଖୋଳି ଛାଡ଼ିଦେଇଥିବାବେଳେ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଶୁଦ୍ଧ ପାନୀୟ ଜଳ ଯୋଗାଣ ନାମରେ ପିଏଚ୍‌ଡି ପକ୍ଷରୁ ଜେସିବି ଓ ଡ୍ରିଲିଂ ମେସିନ ମାଧ୍ୟମରେ ଖୋଳି ବାସିନ୍ଦାଙ୍କ ରୋଷର ଶିକାର ହୋଇଛନ୍ତି । ସହରର ବିଭିନ୍ନ ଗଳି କନ୍ଦିରେ ମାସ ମାସ ଧରି ବିଶୁଦ୍ଧ ପାନୀୟ ଜଳ ନାମରେ ନବ ନିର୍ମାଣ ହୋଇଥିବା ପେଭରବ୍ଲକ ଓ କଂକ୍ରିଟ ରାସ୍ତାକୁ ଖୋଳିଲେ ତାଡ଼ିଲେ ଓ ଫୋପାଡ଼ିଲେ । କାର୍ଯ୍ୟ ଚାଲୁଥିବା ସମୟରେ ହାଇଡ୍ରୋଲିଙ୍ଗ ଡ୍ରିଲିଂ ହେବା ପ୍ରଭାବ ଫଳରେ ପାର୍ଶ୍ୱବତି ସୁଉଚ୍ଚ ଘର ଛାତ ଦୋହଲିବା ଯୋଗୁଁ ସ୍ଥାନୀୟ ବାସିନ୍ଦା ସୁରକ୍ଷା ମଣୁ ନାହାନ୍ତି । କାର୍ଯ୍ୟ ସମ୍ବନ୍ଧରେ ଉପସ୍ଥିତ ଅଫିସରଙ୍କୁ ଦୃଷ୍ଟି ଗୋଚର କରାଯିବା ଫଳରେ ବିଭିନ୍ନ ପ୍ରକାର ଆଳ ଦେଖାଇ ଖସି ଯିବାକୁ ବସିଛନ୍ତି । ଜଳ ହିଁ ଜୀବନ ନିହାତି ଆବଶ୍ୟକ ହୋଇ ପଡୁଥିବା ବେଳେ ବିଭିନ୍ନ ସାହି ଗଳିକନ୍ଦିରେ ପାଇପ ଥିଲେ ଠିପି ନାହିଁ ଲାଗି ରଖିଥିବା ବେଳେ ତଦାରଖ ପରିବର୍ତ୍ତେ ରାସ୍ତାରେ ଭାସୁ କିମ୍ବା ମୁକୁଳା ଡ୍ରେନରେ ପାଣି ଯାଉ ବିଭାଗୀୟ କର୍ତ୍ତୃପକ୍ଷଙ୍କ ହେୟ ଜ୍ଞାନ ବାସିନ୍ଦାଙ୍କୁ ଚକିତ କରି ଦେଇଛି । ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

■ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାର ନିନ୍ଦା

## ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସ୍ମାରକପତ୍ର

ପାରଳାଖେମୁଣ୍ଡି, ୨୭ ।୫(ସମିସ): ବଲାଙ୍ଗୀର ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଗଜେନ୍ଦ୍ର ଦଳେଇର ଗିରଫ ଦାବି ଓ ଅବିଳମ୍ବେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଉତ୍କଳ ସାମ୍ବାଦିକ ସଂଘ ଗଜପତି ଜିଲ୍ଲା ଶାଖା ପକ୍ଷରୁ ସଂଘର ସମସ୍ତ ସଦସ୍ୟ ତଥା ଅନ୍ୟସାମ୍ବାଦିକ ଏକତ୍ର ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟ ଅଭିଯୁକ୍ତ ଠିକାଦାରକୁ ଗିରଫ କରିବା ସହ ନ୍ୟାୟପ୍ରଦାନ ଏବଂ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ଦାବିରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ବିଧାନ ଚୈାଧୁରୀ, ପ୍ରଦୀପ ନାୟକ, ଦ୍ୱୀଜେନ୍ଦ୍ର ନାଥ ପାଢ଼ୀ, ସୁଜିତ୍ ବିଷୋୟୀ, ସରୋଜ ବୀର, ଦିଲୀପ ଶତପଥୀ, ପ୍ରେମଲାଲମିଶ୍ର, ଶିଶିରକୁମାରଗୌଡ, ପ୍ରଭାତ ପାତ୍ର, ବିଜୟ ଗୌଡ, ଅମିତ ପଟ୍ଟନାୟକ, ନରସିଂହ ପ୍ରସାଦ ପଟ୍ଟନାୟକ, କୈଳାସ ସ୍ୱାଆଲସିଂ, ଆମୋଦ ବର୍ଦ୍ଧନ, ପି. ଅଶୋକ କୁମାର ଓ ଏମ୍. ଶେଖର ଉପସ୍ଥିତ ଥିଲେ ।

## ଗଣ୍ଡଗୋଳ ରୋକିବାକୁ ଯାଇ ଛୁରାମାଡ଼, ଯୁବକ ଗୁରୁତର

ଖଲ୍ଲିକୋଟ, ୨୭ ।୫(ସମିସ): ଖଲ୍ଲିକୋଟ ଥାନା ବି.ବରପଲ୍ଲୀ ଗାଁରେ ଗଣ୍ଡଗୋଳ ରୋକିବାରୁ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି । ଗୁରତର ଯୁବକ ଜଣକ ହେଲେ ସେହି ଗାଁର ବଚନ ପ୍ରଧାନ । ବଚନଙ୍କ

● ବାପା ପୁଅ ଗିରଫ



ଅବସ୍ଥା ସଂକଟାପନ୍ନ ରହିଛି । ପୁଲିସ ଏହି ମାମଲାରେ ସେହି ଗାଁର ଅମର ପ୍ରଧାନ ଓ ତାଙ୍କ ପୁଅ ମଳୟ ପ୍ରଧାନଙ୍କୁ ଗିରଫ କରିଛି । ଗାଁରେ ତ୍ରୟବାର୍ଷିକ ଯାତ୍ରା ଚାଲିଥିବା ବେଳେ ସୋମବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି । ଘର ଆଗରେ ସୋମବାର ରାତିରେ ୫/୬ଜଣ ଯୁବକ ଆସି ଗଣ୍ଡଗୋଳ କରିଥିଲେ । ଏହା ଶୁଣି ବଚନ ବାହାରକୁ ଆସି ଯୁବକ ମାନଙ୍କୁ ତାଗିଦ କରିବା ସହ ଗଣ୍ଡଗୋଳ କରିବାକୁ ବାରଣ କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବକମାନେ ବଚନଙ୍କୁ ଛୁରାମାଡ଼ କରିଥିଲେ । ତାଙ୍କୁ ପ୍ରଥମେ ଖଲ୍ଲିକୋଟ ମେଡିକାଲ ଓ ପରେ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ବିଳମ୍ବିତ ରାତିରେ ଶରୀରରେ ଅସ୍ତ୍ରୋପଚାର କରାଯାଇଥିବା ବେଳେ ବର୍ତ୍ତମାନ ସେ ଆଇସିୟୁରେ ଭର୍ତ୍ତି ହୋଇଥିବା ଖବର ମିଳିଛି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ମଙ୍ଗଳବାର ବଚନଙ୍କ ଭାଇ ମନୋଜ ପ୍ରଧାନ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୁଲିସ କେସନଂ ୪୪୮/୨୦୨୫ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତ ବାପା ପୁଅଙ୍କୁ ଗିରଫ କରିଥିବା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି ।

## ଠାକୁରାଣୀ ଯାତ୍ରା ପାଇଁ ସମନ୍ୱୟ ବୈଠକ



ଜି.ଉଦୟଗିରି, ୨୭।୫(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ଅନୁଷ୍ଠିତ ହେବାକୁ ଥିବା ଠାକୁରାଣୀ ଯାତ୍ରା ପାଇଁ ମଙ୍ଗଳବାର ବ୍ଲକରେ ସମନ୍ୱୟ ବୈଠକ ହୋଇଥିଲା । ଯାତ୍ରା କମିଟି ଅଧ୍ୟକ୍ଷ ଭାବରେ ଅତିରିକ୍ତ ଉପଜିଲ୍ଲାପାଳ ଶରତ କୁମାର ମଲ୍ଲିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ବୈଠକରେ ଯାତ୍ରା କମିଟି ସଭାପତି ଚିତ୍ତ ରଞ୍ଜନ ସାହୁ, କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ଷଡଙ୍ଗୀ, ସମ୍ପାଦକ ଭେଙ୍କଟସ ବେହେରା ଏବଂ ସମସ୍ତ କର୍ମକର୍ତ୍ତା ଓ ବହୁ ସଭ୍ୟ ଉପସ୍ଥିତ ରହିଥିଲେ । ପୂଜା କମିଟିର ଅଭ୍ୟର୍ଥନା କମିଟିରେ ତହସିଲଦାର, ଉପଖଣ୍ଡ ପୁଲିସ ଅଧିକାରୀ, ବ୍ଲକ ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟା, ଥାନା ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ, ଜଳ ସମ୍ପଦ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କ ସମତେ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଶେଷରେ କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ଷଡଙ୍ଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ରାୟଗଡ଼, ୨୭।୫(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ କଇଁପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଶୁଣାଣିରେ ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଓ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଯୋଗ ଦେଇ କଇଁପୁର ପଞ୍ଚାୟତ ସମେତ ଲକ୍ଷ୍ମୀପୁର, ଜୀରାଙ୍ଗ ଓ ଏସ.କରଡ଼ାସିଂ ପଞ୍ଚାୟତର ସମୁଦାୟ ୫୨ ଅଭିଯୋଗର ଶୁଣାଣି କରିଥିଲେ । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୩୬, ସାମୂହିକ ସମସ୍ୟା ୧୬ ରହିଥିଲା । ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ




ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିରେ ରାୟଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ତହସିଲଦାର ସୁକାନ୍ତ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହମ୍ମଦ ମୁବାରଖ ଆଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସନ୍ତୋଷ କୁମାର ନାୟକ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାର ଉପସ୍ଥିତ ଥିଲେ । ବିଡିଓ ସନ୍ତୋଷ କୁମାର ବାରିକ ପରିଚାଳନା କରିଥିଲେ ।

## ତେଲ ଦୁର୍ନୀତିର ତଦନ୍ତ ଦାବିକଲେ ବ୍ଲକ ଅଧ୍ୟକ୍ଷା

ରାୟଗଡ଼, ୨୭।୫(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ପୂର୍ବତନ ଭାରପ୍ରାପ୍ତ ବିଡିଓ ତଥା ତହସିଲଦାର ସୁକାନ୍ତ ପ୍ରଧାନଙ୍କ ଗାଡିର ତେଲ ଦୁର୍ନୀତିର ତଦନ୍ତ ଦାବି କରିଛନ୍ତି ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ । ମଙ୍ଗଳବାର କଇଁପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ସେ ଏସମ୍ପର୍କରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି ।

ପ୍ରକାଶ ଯେ, ରାୟଗଡ଼ ବ୍ଲକ କାର୍ଯ୍ୟାଳୟରେ ଆବାସ ଯୋଜନା ନିରୀକ୍ଷଣ ନିମନ୍ତେ ଏକ ଘରୋଇ ଗାଡି ଭଡାରେ ନିୟୋଜିତ ରହିଛି । ତେବେ ଉକ୍ତ ଗାଡିର ଲଗ ବୁକ ଓ ସ୍ପିଡ଼ ମିଟର ରିଡିଂକୁ ଯାଞ୍ଚ କଲାବେଳେ ଏଥିରେ ପୂର୍ବତନ ଭାରପ୍ରାପ୍ତ ବିଡ଼ିଓ ତଥା ତହସିଲଦାର ଶ୍ରୀପ୍ରଧାନ ଦୁର୍ନୀତି କରିଥିବା ଜଣାପଡ଼ୁଛି । କିଛି ଦିନ ପୂର୍ବେ ବ୍ଲକରେ ସନ୍ତୋଷ କୁମାର ବାରିକ ନୂତନ ବିଡିଓ ଭାବେ ପୂର୍ବତନ ଭାରପ୍ରାପ୍ତ ବିଡ଼ିଓ ଶ୍ରୀ ପ୍ରଧାନଙ୍କ ଠାରୁ ଦାୟତ୍ୱ ଗ୍ରହଣ କରିଥିଲେ । ଦାୟିତ୍ୱ ହସ୍ତାନ୍ତର ପରେ ବ୍ଲକରେ ଭଡାରେ ଲାଗିଥିବା ଘରୋଇ ଗାଡିର ଲଗ ବୁକ ଏବଂ ସ୍ପିଡ଼ ମିଟର ରିଡିଂକୁ ତଦାରଖ କରାଗଲା ବେଳେ ଏଥିରେ ତାଳ ମେଳ ନ ଥିବା ଦେଖା ଯାଇଥିଲା । ଏନେଇ ସମ୍ପୃକ୍ତ ଗାଡିର ଡ୍ରାଇଭର କୃଷ୍ଣଚନ୍ଦ୍ର ଶବରଙ୍କୁ ପଚାରିବାରେ ସେ ତାଙ୍କ ଅଧିକାରୀ ଭାବେ ସୁକାନ୍ତ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ ଅନୁଯାଇ ମିଥ୍ୟା ଗସ୍ତ ଦେଖାଇ ଲଗ୍ ବୁକରେ ଲେଖିଥିବା ସ୍ୱୀକାର କରିଥିଲେ । ଏଥିନେଇ ଉଚ୍ଚସ୍ତରୀୟ ତଦନ୍ତ କରି ଅଧିକାରୀଙ୍କ ବିରୋଧରେ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ବ୍ଲକ ଅଧ୍ୟକ୍ଷା । ଏଥିସହ ତହସିଲ କାର୍ଯ୍ୟାଳୟରେ ଲାଗିଥିବା ଭଡା ଗାଡିର ସମସ୍ତ କାଗଜପତ୍ରକୁ ମଧ୍ୟ ଯାଞ୍ଚ କରିବାକୁ ଅନୁରୋଧ କରିଛନ୍ତି । ଉକ୍ତ ଘଟଣାର ତଦନ୍ତ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ବିଜୟ କୁମାର ଦାସ କହିଛନ୍ତି ।

## ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ମିଳିତ କ୍ରିୟାନୁଷ୍ଠାନ କମିଟି

ଜି.ଉଦୟଗିରି, ୨୭।୫(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି କ୍ରିୟାନୁଷ୍ଠାନ କମିଟି ତରଫରୁ ଆଜି ଜି.ଉଦୟଗିରି ବ୍ଲକରେ ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ୫ ସମସ୍ୟା ବିଷୟରେ ଅଭିଯୋଗ ପତ୍ର ଦିଆଯାଇଥିଲା । ଜି. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ପଦପୂରଣ କରିବା ସହିତ ଏକ ରକ୍ତ ଭଣ୍ଡାର ସ୍ଥାପନ କରିବା, ଅତି ପୁରାତନ ସାଲୁଙ୍କି ନଦୀର ପୁନଃରୁଦ୍ଧାର, ବିଭିନ୍ନ ଜନଗହଳି ସ୍ଥାନ ବା ଛକରେ ସିସି କ୍ୟାମେରା ଲଗାଯିବା, ଶ୍ରୀରାମପଦା ଛକ ଠାରୁ ଭାୟା ରଟିଙ୍ଗିଆ ଦେଇ ଗ୍ରେସିଙ୍ଗିଆ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି, କଳିଙ୍ଗା ପଞ୍ଚାୟତର ୧୫୭ ନମ୍ବର୍ ଜାତୀୟ ରାଜପଥ ଠାରୁ ଗଦିଙ୍ଗିଆ ଗ୍ରାମ



ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ପ୍ରଭୃତି ଦାବି ଏଥିରେ ରହିଛି । ଏହିସବୁ ସାମୂହିକ ସ୍ୱାର୍ଥ ସମ୍ବଳିତ ଦାବି ପୂରଣ କରାଯିବାକୁ ମିଳିତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଦାବି କରିଛନ୍ତି ।

## ରକ୍ତହୀନତାର କାରଣ, ନିରାକରଣ ସମ୍ପର୍କିତ ଆଲୋଚନାଚକ୍ର

ଫୁଲବାଣୀ, ୨୭।୫(ସମିସ): ମାତୃ ଓ ଶିଶୁ ମୃତ୍ୟୁ ହାର କମାଇବାରେ ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବର ମହତ୍ୱ ଯଥେଷ୍ଟ ଅଧିକ ଥିବା ବେଳେ ରକ୍ତହୀନତାର କାରଣ ମଧ୍ୟ ଗର୍ଭବତୀ ଓ ପ୍ରସୁତି ସମୟରେ ପ୍ରଭାବ ପକାଉଛି । ମାତୃ ଓ ଶିଶୁ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଟିକାବଲି ସ୍ଥିତ ମା ଗୃହ ତାର ପ୍ରତିଷ୍ଠା ଦିବସ ପାଳନ କରିଥିଲା । ଏହି ଅବସରରେ ରକ୍ତହୀନତାର କାରଣ ଓ ତାର ପ୍ରତିକାର ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ



ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ଜିଲ୍ଲା ସମାଜ ମଙ୍ଗଳ ପ୍ରୋଗ୍ରାମ ଅଫିସର୍ ସରୋଜଲତା ଦେଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ ଯୋଗ ଦେଇଥିଲେ । 'ସ୍ୱାତୀ' ଅନୁଷ୍ଠାନ ଓ ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନଙ୍କ ସହାୟତା ୨୭ ମେ ୨୦୨୦ ମସିହା ଠାରୁ ଟିକାବାଲି ବ୍ଲକର ଛତିଝାରରେ ଅବସ୍ଥାପିତ ମା ଗୃହରେ ୧୮୦୦ ଗର୍ଭବତୀ ସୁରକ୍ଷିତ ମାତୃତ୍ୱ ଲାଭ କରିଥିବା ଅନୁଷ୍ଠାନର କୋଷାଧ୍ୟକ୍ଷ ସାନ୍ତନୁ କୁମାର ମିଶ୍ର ପ୍ରକାଶ କରିଥିଲେ । ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ରଶ୍ମିରଞ୍ଜନ ତ୍ରିପାଠୀ ଓ ଏସ୍‌ଟିଏସ୍ ଆସିକ୍ କୁମାର ସାହୁ, ଟିକାବାଲି ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ସ୍ୱାସ୍ଥ୍ୟ ସଂଯୋଜକ ବିଶ୍ୱରଞ୍ଜନ କର ଯୋଗ ଦେଇଥିଲେ ।

## ଯବାନଙ୍କ ସମ୍ମାନରେ ତ୍ରିରଙ୍ଗା ଶୋଭାଯାତ୍ରା

ବୁଗୁଡ଼ା, ୨୭ ।୫(ସମିସ): 'ଅପରେସନ ସିନ୍ଦୂର' ପଦକ୍ଷେପର ସଫଳ ରୂପାୟନରେ ଭାରତୀୟ ସୈନିକଙ୍କ ପରାକ୍ରମକୁ ଭୂୟସୀ ପ୍ରଶଂସା ସହ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ବୁଗୁଡା ବ୍ଲକ ଅନ୍ତର୍ଗତ ପାଙ୍ଗିଡି, ଅନ୍ତରପଡ଼ା, ପୋଚାଲୁଣ୍ଡି ଓ ଏ କରଡାବାଡି ପଞ୍ଚାୟତରେ ବାଇକ ଦ୍ୱାରା ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାରେ ବାଲିପଦର ମଣ୍ଡଳ ବିଜେପି ସଭାପତି ଭଗବାନ ଜେନା, ମଣ୍ଡଳ ପ୍ରଭାରୀ ସଞ୍ଜୟ କୁମାର ଜେନା, ରବୀନ୍ଦ୍ର କୁମାର ପ୍ରଧାନ, ଶାନ୍ତନୁ କୁମାର ନାୟକ, ମହେନ୍ଦ୍ର ପ୍ରସାଦ ପଣ୍ଡା, ସମିର ମଳିକ, ପ୍ରଶାନ୍ତ କୁମାର ପାତ୍ର, ଭଗବାନ ବଡୁ, ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଶତାଧିକ ଯୁବକ ସାମିଲ ଥିଲେ ।



# ସାପ କାମୁଡ଼ାରେ ଗୁରୁତର ନାବାଳକ କୋମାରେ

କୋଦଳା, ୨୭ ।୫(ସମିସ)

ପିଲାଙ୍କ ସହ ଆନନ୍ଦରେ ହସି ଖେଳି ପାଠ ପଢ଼ିବାକୁ ସ୍କୁଲ ଯାଉଥିଲା ସରୋଜ (୧୧) । ପାଠ ପଢ଼ି ବହୁତ ଆଗକୁ ଯିବାକୁ ଚେଷ୍ଟା କରୁଥିଲା ସେ । କିନ୍ତୁ ସବୁ ଆଶା

● ଚିକିତ୍ସାରେ ସହାୟତା ଲାଗି ବାପା ମା'ଙ୍କ ନିବେଦନ

ଓ ସ୍ୱପ୍ନ ଅଧାରେ ଅଟକିଗଲା । ବାପା ମାଙ୍କର ସବୁ ଆଶା ମଉଳିଗଲା । କୋମାରେ ରହି ଜୀବନ ପାଇଁ ସଂଘର୍ଷ କରୁଛନ୍ତି ସରୋଜ । ବେଗୁନିଆପଡ଼ା ବ୍ଲକ ସାତନାଳ ଗ୍ରାମର ଗାଣ୍ଡୁ ଗୌଡ଼ ଓ ଆଶା ଗୌଡ଼ଙ୍କ ମଝିଆ ପୁଅ ସରୋଜ । ଗତବର୍ଷ ସେ ଗାଁ ସ୍କୁଲରେ ୫ମ ଶ୍ରେଣୀରେ ପାଠ ପଢୁଥିଲା । ମେ ମାସ ୨୫ ତାରିଖ ଦିନ ତାଙ୍କ ବାଡ଼ିପଟେ ଥିବା ଗୁହାଳକୁ ସେ ଯାଇଥିବା ବେଳେ ଏକ ସାପ କାମୁଡ଼ିଦେଇଥିଲା । ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜିକୁ ନିଆଯାଇଥିଲା । ସେଠାରେ ଚିକିତ୍ସା ପରେ ଅବସ୍ଥାରେ ସୁଧାର ନଆସିବା ପରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଏହା ପୂର୍ବରୁ ସରୋଜ କୋମାକୁ ଚାଲିଯାଇଥିଲା । ପାଖରେ ଅର୍ଥ ନଥିବା ଯୋଗୁଁ ଘରୋଇ ଡାକ୍ତରଖାନା ଛାଡ଼ି ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲକୁ



ଆଣିଥିଲେ ବାପାମା' । ଦୀର୍ଘ ଏକ ବର୍ଷ ହେଲା ସରୋଜର ଚିକିତ୍ସା ହେଉଛି ସିନା ଅବସ୍ଥାରେ କୌଣସି ସୁଧାର ଆସୁନାହିଁ । ବାପା ଗାଣ୍ଡୁ କୋଦଳା ସ୍ଥିତ ଏକ ପରିବା ଦୋକାନରେ ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ମା'ଘରେ ପରିବାର କଥା ବୁଝନ୍ତି । ପରିବାରରେ ୩ ପୁଅ ମଧ୍ୟରୁ ସରୋଜ ଦ୍ୱିତୀୟ । ସମସ୍ତ ପୁଅ ନାବାଳକ । ବାପାଙ୍କ ଉପରେ ରୋଜଗାର ନିର୍ଭର କରୁଥିବା ବେଳେ ଚିକିତ୍ସା ପାଇଁ ସେ ଏବେ ଅସହାୟ । ପିଲା ପାଖରେ ମା' ବସି ତାର ଯତ୍ନ ନେଉଛନ୍ତି । ନାକ ପଟେ ଯାହା ଖାଇବା ପାଇଁ ତରଳ ଖାଦ୍ୟ ଦିଆଯାଉଛି । ସରୋଜ କିଛି ବି ଜାଣିପାରୁନି । ପାଖରେ ଯେଉଁ ସ୍ୱାସ୍ଥ୍ୟ କାର୍ଡ ଅଛି ସେଥିରେ ସରୋଜଙ୍କ ନାମ ନାହିଁ ଯାହା ଫଳରେ ତାଙ୍କର ଚିକିତ୍ସା ସହାୟତା ସରକାରଙ୍କ ତରଫରୁ ମିଳୁନାହିଁ । ବାପାଙ୍କ ରୋଜଗାରରୁ ଯାହା ମିଳୁଛି ସେଥିରେ ପରିବାର ପ୍ରତିପୋଷଣ ସହ ସରୋଜର ଚିକିତ୍ସା କରାଯାଉଛି । ପାଠ ପଢ଼ି ଆଗକୁ ବହୁତ ସ୍ୱପ୍ନ ଦେଖିଥିବା ସରୋଜ ବାପା ଓ ମା ଏବେ ଅସହାୟ । ବାପା ଓ ମା ପିଲା ପାଖରେ ବସି ଗୁମୁରି ଗୁମୁରି କାନ୍ଦୁଛନ୍ତି । ପିଲାକୁ ଅଧିକ ଚିକିତ୍ସା ପାଇଁ ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କିମ୍ବା କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସାହାଯ୍ୟର ହାତ ବଢ଼ାଇବା ପାଇଁ ବାପା ଓ ମା ଆକୁଳ ନିବେଦନ କରିଛନ୍ତି ।

# ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା; ବିଜେଡିର ପ୍ରତିବାଦ

ଗଞ୍ଜାମ,୨୭ ।୫(ସମିସ)



ଗଞ୍ଜାମ ବ୍ଲକରେ ବିଜେଡି ସମର୍ଥିତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଉଥିବା ନେଇ ମଙ୍ଗଳବାର ଗଞ୍ଜାମ ବ୍ଲକ କାର୍ଯ୍ୟାଳୟରେ ବିଜେଡି ନେତା ଓ କର୍ମୀ ମାନେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ଏନେଇ ପୂର୍ବାହ୍ନ ସମୟରେ ବିଡ଼ିଓଙ୍କ କାର୍ଯ୍ୟାଳୟ ନିକଟରେ ବିଜେଡି ନେତା ଓ କର୍ମୀ ମାନେ ଧାରଣାରେ ବସିଥିଲେ। ପଞ୍ଚାୟତ ସ୍ତରରେ ହେଉଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ପଞ୍ଚାୟତରାଜ ଅନୁଷ୍ଠାନର ପ୍ରତିନିଧିଙ୍କ ଗୋଚରରେ କରାଯାଉ ନାହିଁ। ଉନ୍ନୟନ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପ କରାଯାଉଛି। ବିଭିନ୍ନ ଯୋଜନାରେ ହିତାଧିକାରୀ ଚୟନରେ ଏବଂ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଛି ଏବଂ ବିଜେପି ସମର୍ଥିତ ବ୍ୟକ୍ତିଙ୍କୁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ପୂର୍ବତନ ବିଧାୟକ ହାତ ପାଣ୍ଠି କାର୍ଯ୍ୟାଦେଶ ଥିଲେ ମଧ୍ୟ କନିଷ୍ଠ ଯନ୍ତ୍ରୀ ମାନ ସେହି କାର୍ଯ୍ୟ ଗୁଡିକ ଲାଟ ଦେଉନାହାନ୍ତି ଏବଂ କିଛିଦିନ ପରେ ତୁମେ କରିପାରିବ ନାହିଁ କହି ବିଜେପି କର୍ମୀ ମାନଙ୍କୁ ଦେଇ କାର୍ଯ୍ୟ କରୁଛନ୍ତି କ୍ଷ ବ୍ଲକ ପ୍ରଶାସନ ସ୍ତରରେ ପିସି କାରବାର ସମସ୍ତ ସୀମା ଉଲଂଘନ କରିଛି କ୍ଷ ସରପଞ୍ଚ, ସମିତି ସଭ୍ୟ /ସଭ୍ୟା ଏବଂ ଜିଲ୍ଲା ପରିଷଦ ମାନଙ୍କ କ୍ଷମତାକୁ ସଂକୁଚିତ କରାଯାଉଥିବା ଲିଖିତ ଏକ ସ୍ମାରକପତ୍ରକୁ ବିଡ଼ିଓଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଏହାର ସମାଧାନ ନହେଲେ ଆଗାମୀ ଦିନରେ ବିଜେଡି ପକ୍ଷରୁ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନି ଦିଆଯାଇଥିଲା। ପରେ ଗଞ୍ଜାମ ଥାନାରେ ପହଞ୍ଚି ଆଇନ ଶୃଙ୍ଖଳା ରକ୍ଷା କରିବା ନେଇ ଥାନା ଅଧିକାରୀ ସସ୍ମିତା ପାତ୍ରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁବକ୍ସିପାତ୍ର, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଧା ପାହାନ, ୧୫ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ବରିଷ୍ଠ ନେତା ବାନାମ୍ବର ପଲାଇ, ପ୍ରଶାନ୍ତ କର, ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଗଞ୍ଜାମ ନଗର ଯୁବ ସଭାପତି ସୁଧିର କୁମାର ପାତ୍ରୀ, ପୋଗରାଶି ସରପଞ୍ଚ ରବିନ୍ଦ୍ର ନାଥ ବେହେରା, ପୂର୍ବତନ ସମିତିସଭ୍ୟ କୈଳାସ ଚନ୍ଦ୍ର ସ୍ୱାଇଁ, ସୁବଳୟା ସମିତି ସଭ୍ୟା ମାମି ଦାସ, ସରପଞ୍ଚ ସସ୍ମିତା ବେହେରା, ପୂର୍ବତନ କାଉନ ସିଲର ଦଣ୍ଡପାଣି ପରିଡା, ରଞ୍ଜିତ ପଲାଇ, ପୂର୍ବତନ ସରପଞ୍ଚ ଡି. ଗୋବିନ୍ଦ ରେଡି, ସୁଦାମ ଜେନା, ବନବାସୀ ଖୁଣ୍ଟିଆ, ମାସେନ୍ଦ୍ର ରେଡି, ଘନଶ୍ୟାମ ରେଡି ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

● ନାକେଦମ କଲେଣି ସାଇବର ଅପରାଧୀ

## ଠକଙ୍କ କୌଶଳ ଆଗରେ ପୁଲିସ ବଳ ଫିକା

**୫ମାସରେ ଲୁଟିଲେଣି ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା**

ବ୍ରହ୍ମପୁର,୨୭ ।୫(ସମିସ): ଦିନକୁ ଦିନ ବଢିବାରେ ଲାଗିଛି ସାଇବର ଅପରାଧ। ପୁଲିସ ତାଳେ ଗଲେ ସାଇବର ଅପରାଧୀ ପତ୍ରେ ପତ୍ରେ ଯାଇ ବିଛାଉଛନ୍ତି ଜାଲ। ଫଳରେ ଏମିତି ମନେ ହେଉଛି ଯେମିତି ସାଇବର ଅପରାଧିଙ୍କ କୌଶଳ ଆଗରେ ଫିକା ପଡିଯାଉଛି ପୁଲିସର ବଳ। ଅନଲାଇନ୍ ଟ୍ରେଡ଼ିଂ, ଅର୍ଥନୈତିକ ଠକେଇ, ଡିଜିଟାଲ ଆରେଷ୍ଟ, ଶିଶୁଅଶ୍ଳୀଳ ବ୍ୟକ୍ତିଙ୍କୁ ଶୋଷଣ ବା ବ୍ଲାକମେଲ ଭଳି ଅଭିନବ ତରିକାରେ ଲୁଟୁଛନ୍ତି କୋଟି କୋଟି ଟଙ୍କା। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଗତ ୫ମାସରେ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଲେଣି ଅଦୃଶ୍ୟ ଅପରାଧୀ ଗ୍ୟାଙ୍ଗର ସଦସ୍ୟ। ଏହି ଅଦୃଶ୍ୟ ଅପରାଧୀଙ୍କୁ ଗିରଫ କରିବା ପାଇଁ ବ୍ରହ୍ମପୁର ପୁଲିସ ବେଶ କିଛି ଅଧିଚ୍ଛିଆ ପଦକ୍ଷେପ ଗ୍ରହଣ କରିଥିବା ପରିଲକ୍ଷିତ ହେଉଛି। ବର୍ତ୍ତମାନ ସୁଦ୍ଧା ସାଇବର ଥାନାରେ ମୋଟ ୩୫ଟି ଠକେଇ ମାମଲା ରୁଜୁ ହୋଇଛି। ସେଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି, ଇଞ୍ଜିନିୟର, ଡାକ୍ତର ଓ ବ୍ୟବସାୟୀଙ୍କ ସମେତ ବହୁ ଯୁବପିଢୀ ମଧ୍ୟ ଠକେଇର ଶିକାର ହୋଇଛନ୍ତି। ଗତ ଫେବୃଆରୀ ୧୫ତାରିଖରେ ସ୍ଥାନୀୟ ଲୋଚପଡା ଅଞ୍ଚଳର ଜଣେ (୪୦)ବର୍ଷୀୟ ମହିଳାଙ୍କର ସୋସିଆଲ ମିଡିଆ ମାଧ୍ୟମରେ ସତୀଶ କୁମାର ନାମକ ଜଣେ ଯୁବକଙ୍କ ସହ ପରିଚୟ ହୋଇଥିଲା। ଉଭୟଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହେବାପରେ ସମ୍ପୃକ୍ତ ଯୁବକ ଜଣକ ମହିଳାଙ୍କ ଠାରୁ ୪ଲକ୍ଷ ୭୫ହଜାର ଅନଲାଇନରେ ଠକି ନେବାରେ ସଫଳ ହୋଇଥିଲା। ପରେ ମହିଳା ଜଣକ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଏବଂ ସେ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଠକମାନେ ଜାଲ୍ୟାଳା ପଦ୍ଧିଲାରୁ ଏଯାବତ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ରହିଛି। ଏଭଳି ଭାବେ ଗୋଟିଏ ପରେ ଗୋଟିଏ ଠକେଇ ହେବାରେ ଲାଗିଛି। ପୁଲିସ ହାତ ଗଣିର ଦୁଇଟି କିମ୍ବା ୩ଟି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ ହେଁ ଅନ୍ୟ ସମସ୍ତ ମାମଲାରେ ସାଇବର ଠକଙ୍କୁ ଗିରଫ କରିବାରେ ବିଫଳ ରହିଛି। ଏଭଳି ଭାବେ ଅଦୃଶ୍ୟ ଅପରାଧୀମାନେ ବ୍ରହ୍ମପୁର ପୁଲିସକୁ ନାକେଦମ କରିସାରିଲେଣି। ବ୍ରହ୍ମପୁର ପୁଲିସ ପାଇଁ ଚିନ୍ତା ବଢାଇଛନ୍ତି ସାଇବର ଅପରାଧି। ସେମାନଙ୍କୁ ଧରିବା

● ଆଇନଜୀବୀଙ୍କ ବିରୁଦ୍ଧରେ ମାମଲା ରୁଜୁ ଘଟଣା

## ନିରପେକ୍ଷ ତଦନ୍ତ ନେଇ ଏସ୍‌ପିଙ୍କୁ ଭେଟିଲା ଓକିଲ ସଙ୍ଘ



ବ୍ରହ୍ମପୁର,୨୭ ।୫(ସମିସ): ଜନୈକା ମହିଳାଙ୍କ ନାମରେ କର୍ପୋରେଟର ଅପପ୍ରଚାର କରୁଥିବା ନେଇ ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ସମ୍ପୃକ୍ତ କର୍ପୋରେଟର ତଥା ଆଇନଜୀବୀ ସୂର୍ଯ୍ୟକାନ୍ତ ସୁବୁଦ୍ଧିଙ୍କ ନାମରେ ମାମଲା ରୁଜୁ କରିଥିଲା। ସୂର୍ଯ୍ୟକାନ୍ତ ସୁବୁଦ୍ଧି ଜଣେ ଆଇନଜୀବୀ ହୋଇଥିବାରୁ ମଙ୍ଗଳବାର ବ୍ରହ୍ମପୁର ଏସପିଙ୍କୁ ଭେଟି ଉକ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କରିବାକୁ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏସପିଙ୍କୁ ସାକ୍ଷାତ ବେଳେ ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଟି. ଭେଙ୍କେଟ ରାଓ ଏବଂ ସହ ସମ୍ପାଦକ ଅସିତ କୁମାର ସାବତଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ତାଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗର କୌଣସି ସତ୍ୟତା ନଥିବା କହିଛନ୍ତି ଆଇନଜୀବୀ ସୂର୍ଯ୍ୟକାନ୍ତ ସୁବୁଦ୍ଧି। କେବଳ ତାଙ୍କୁ ବଦନାମ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ସେ ପାଲଟା ଅଭିଯୋଗ କରିଛନ୍ତି। ଅପରପକ୍ଷେ ସମ୍ପୃକ୍ତ ମହିଳାଙ୍କ ଦ୍ୱାରା ବହୁ ସ୍ଥାନୀୟ ଲୋକେ ଠକେଇର ଶୀକାର ହୋଇଥିବା ସେ ଅଭିଯୋଗ ଆଣିଛନ୍ତି।

## ଗ୍ରୀଷ୍ମ କାଳୀନ କ୍ରୀଡ଼ା ଶିବିର ଉଦ୍‌ଯାପିତ




ବ୍ରହ୍ମପୁର,୨୭ ।୫(ସମିସ): ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଗ୍ରୀଷ୍ମ କାଳୀନ କ୍ରୀଡ଼ା ଶିବିର ଉଦ୍‌ଯାପିତ ହୋଇଛି। ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ା. ଏମ୍ ଶ୍ରବଣା ବିବେକ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ହକି ଖେଳାଳି ରଞ୍ଜନ କୁମାର ଶର୍ମା ଯୋଗଦେଇ ଖେଳାଳିଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଉକ୍ତ ଶିବିର ଚଳିତ ମାସ ୭ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଏଥିରେ ବାସ୍କେଟବଲ, ଫୁଟବଲ ଓ ଏଥଲେଟିକ ଖେଳର ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ସହରର ବିଭିନ୍ନ ଅଞ୍ଚଳର ବହୁ ଖେଳାଳି ଶିବିରରେ ଭାଗ ନେଇ ପ୍ରଶିକ୍ଷଣ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ପଟ୍ଟନାୟକ, ଡି. ଆପ୍ପା ରାଓ, ଡି. ବାବୁ ରାଓ, ଡି. ଗନ୍ତାୟତ, ଜି. ଏମ ବାବୁ, ପ୍ରମୋଦ ମହାରଣା, ପ୍ରଶାନ୍ତ ରାଉତ, ଏଲ୍. କେ ରାଓ ରେ‡ୀ, ଗୋପାଳ ପଣ୍ଡା, ରାଜେନ୍ଦ୍ର ବେହେରା ଭି. ନାଗେଶ୍ୱର ରାଓ, ବିଶ୍ୱନାଥ ପାତ୍ର ଏବଂ ଜିଲ୍ଲାର ବହୁ ବରିଷ୍ଠ ଖେଳାଳି ଯୋଗଦେଇଥିଲେ।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ମୁମ୍ବାଇ ଦମ୍ପତି

ପାରଳାଖେମୁଣ୍ଡି,୨୭ ।୫(ସମିସ): ଗଜପତି ଜିଲ୍ଲାରୁ ୭୦ତମ ଶିଶୁଙ୍କୁ ଜିଲ୍ଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ମୁମ୍ବାଇର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି । ତିନିମାସ ତଳେ ପାରଳାଖେମୁଣ୍ଡି ରେଳ ଷ୍ଟେସନରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ଏହି ଶିଶୁକୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ରାଣୀପେଣ୍ଠ ସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ ଅନୁଷ୍ଠାନରେ ରଖାଯାଇଥିଲା। ପରବର୍ତ୍ତି ସମୟରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ। ଏହାପରେ ଶିଶୁର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା । ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୩ ବର୍ଷରୁ ଅଧିକ ସମୟ ଧରି ଅନଲାଇନ୍‌ରେ ଆବେଦନ କରି ଅପେକ୍ଷା କରିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ମଙ୍ଗଳବାର ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ହସ୍ତାନ୍ତର ସମୟରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗଞ୍ଜେଇ ସହ ଗାଡ଼ି ଜବତ, ଜଣେ ଗିରଫ

ଆସିକା,୨୭ ।୫(ସମିସ): ଆସିକା ଥାନା ଅନ୍ତର୍ଗତ ପାଟିଳିଗୁଡା -କାଳଷଣ୍ଢପୁର ଗାଁ ନିକଟରେ ବେଆଇନ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡି ବସିଲା ଆସିକା ପୁଲିସ। ଫୁଲବାଣୀରୁ ବ୍ରହ୍ମପୁର ରାସ୍ତାରେ ଏକ ମେକ୍ସ ପିକଅପରେ ବସ୍ତା ବୋଝେଇ ହୋଇ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୁଲିସର ପାଟ୍ରୋଲିଂ ବେଳେ ମେକକ୍ସ ପିକଅପ ଗାଡିକୁ ଯାଞ୍ଚ କରିବା ବେଳେ ବେଆଇନ ଗଞ୍ଜେଇ ବସ୍ତା ପୁଲିସକୁ ମିଳିଥିଲା। ପାଖାପାଖି ଚାରିସହ କ୍ୱିଣ୍ଟାଲ ସତର କେଜି ଯାହାର ଆନୁମାନିକ ମୂଲ୍ୟ ବାର ଲକ୍ଷ୍ୟ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଆସିକା ଥାନା ଅଧିକାରୀ କୁଳ ମଣି ସେଠି ସୂଚନା ଦେଇଛନ୍ତି। ଗିରଫ ଗଞ୍ଜେଇ ମାଫିଆ ହେଲେ ଅକ୍ଷଙ୍କୁଶପୁର ଅଞ୍ଚଳର ଚଢେଇ ମରା ଗାଁର ପି. ମୋହନ ବୋଲି ଜଣାପଡିଛି। ଆସିକା କେଶ ନମ୍ବର ୩୪୭/୨୦୨୫ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି।

## ୭ ବନ୍ଧୁକ ସହ ମାରଣାସ୍ତ୍ର ଜବତ, ୯ ଗିରଫ



ଭଞ୍ଜନଗର,୨୭ ।୫(ସମିସ): ଭଞ୍ଜନଗର ପୁଲିସକୁ ବଡ଼ ସଫଳତା। ଏକାଥରକେ ୭ଟି ପିସ୍ତଲ, ୧୫ ରାଉଣ୍ଡ ଜୀବନ୍ତ ଗୁଳି, ଏବଂ ୨ଟି କାତି ଜବତ କରିବା ସହ ୯ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିଛି। ମଙ୍ଗଳବାର ଭଞ୍ଜନଗର ଅତିରିକ୍ତ ଏସପି ରଞ୍ଜନ ଦେ ଭଞ୍ଜନଗର ଥାନା ପରିସରରେ ଆୟୋଜିତ ଏକ ପ୍ରେସ୍ ମିଟ୍‌ରେ ଏହି ସୂଚନା ଦେଇଛନ୍ତି। ଏଏସପିଙ୍କ ସୂଚନା ଅନୁଯାୟୀ, ସୋମବାର ସ୍ଥାନୀୟ ପୁଲିସ ଏସଆଇ ଲକ୍ଷ୍ମୀଧର ମହାନ୍ତି କିଛି ଷ୍ଟାଫ୍‌ଙ୍କୁ ନେଇ ଜିଲୁଣ୍ଡି ଇଲାକାରେ ସକାଳ ସାଢେ ୧୦ଟାରେ ପାଟ୍ରୋଲିଂ କରୁଥିବା ବେଳେ କେତେକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଜିଲୁଣ୍ଡି ତାରିଣୀ ମନ୍ଦିରରେ ଚଢ଼ାଉ କରିଥିଲେ। ଆଉ ପୁଲିସକୁ ଦେଖି ଅପରାଧୀମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ପୁଲିସ ଏମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଆଉ ଏମାନଙ୍କ ଠାରୁ ସୂଚନା ପାଇ ପରେ ଲଣ୍ଡେଇ ସାହିର ଏକ ଘରେ ଚଢ଼ଉ କରି ଅନ୍ୟ ୫ ଜଣକୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ନୟାପଲ୍ଲୀର ସରୋଜ ଦାଶ(୨୩), ଭଏନଗର ଥାନା କଇଣ୍ଡି ଗ୍ରାମର ଅନୀଲ ବେହେରା (୩୦), ବିଞ୍ଝିଗିରି ଗ୍ରାମର ଟୁକୁନା ପାତ୍ର (୩୭), ଲାଲ ସିଂ ଗ୍ରାମର ସନାତନ ପ୍ରଧାନ (୨୩), ଜିଲୁଣ୍ଡି ଗ୍ରାମର ବାଦଲ ସାହୁ(୧୮), ବେଲଗୁଣ୍ଠା ଥାନା ଅନ୍ତର୍ଗତ ବେଲଗୁଣ୍ଠା ଆଶା ସାହିର ବୈଜ ମୋହନ ସାହୁ ଓରଫ ବାଜାରା(୨୫), ଭଞ୍ଜନଗର ଥାନା ଜାମପଲ୍ଲୀ ଗ୍ରାମର ସୁନୀଲ କୁମାର ସାବତ(୩୦), ଲଣ୍ଡେଇସାହି ଚିଦାନନ୍ଦ ମାର୍ଗର ସଂଗ୍ରାମ କିଶୋର ଭୂୟାଁ (୩୧) ଓ ଅଗଝୋଳ ଗ୍ରାମର ଦିବ୍ୟାଙ୍ଗ ଆରୁଖ (୧୯) । ଏମାନଙ୍କ ନିକଟରୁ ପୁଲିସ ୨ଟି ୯ ଏମ୍‌ଏମ୍ ପିସ୍ତଲ୍, ୨ଟି ଦେଶୀ ସିଙ୍ଗଲ୍ ସଟ୍ ପିସ୍ତଲ୍, ଗୋଟିଏ ୭.୬୨ ଏମ୍‌ଏମ୍ ପିସ୍ତଲ୍ ଓ ୨ଟି ପ୍ଲାଷ୍ଟିକ୍ ଲାଇଟର୍ ପିସ୍ତଲ୍ ସହ ୧୫ଟି ଜୀବନ୍ତ ଗୁଳି, ୨ଟି କାତି ଜବତ କରିଛି। ଏମାନଙ୍କ ମଧ୍ୟରୁ ୫ ଜଣ ପେଶାଦାର ଅପରାଧୀଙ୍କ ନାମରେ ପୂର୍ବରୁ ବହୁ ଅପରାଧିକ ମାମଲା ରହିଥିବା ଅତିରିକ୍ତ ଏସପି ରଞ୍ଜନ ଦେ କହିଛନ୍ତି। ମଙ୍ଗଳବାର ଆୟୋଜିତ ପ୍ରେସ ମିଟ୍‌ରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ସୁଜିତ କୁମାର ନାୟକ, ଆଇଆଇସି ଜୀବନାନନ୍ଦ ଜେନା, ଏସଆଇ ଲକ୍ଷ୍ମୀଧର ମହାସ୍ତି, ସମୀର ସେଠୀ, ଲିପିନା ବିଶ୍ୱାଳଙ୍କ ସମେତ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ୱର୍ଣ୍ଣ ବିଜେତା ହର୍ଷବର୍ଦ୍ଧନଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨୭ ।୫(ସମିସ): ବିଜେପି ପକ୍ଷରୁ ଭାରତ୍ତୋଳକ ତଥା ଖେଲୋ ଇଣ୍ଡିଆର ସ୍ୱର୍ଣ୍ଣ ପଦକ ବିଜେତା ହର୍ଷବର୍ଦ୍ଧନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମ ପରିସରରୁ ଏକ ଶୋଭାଯାତ୍ରା ବାହାରି ଅନ୍ନପୂର୍ଣ୍ଣା ବଜାର, ହନୁମାନ ବଜାର, ସାନ ବଜାର, ଆସିକା ରୋଡ଼, ରଜା ସାହି ଦେଇ ଶଙ୍କରପୁର ସାହି ସ୍ଥିତ ଶଙ୍କର ଫିଜିକାଲ କାଲଚୁରାଲ କ୍ଲବରେ ପହଞ୍ଚିଥିଲା। ଶୋଭାଯାତ୍ରା ହର୍ଷବର୍ଦ୍ଧନଙ୍କ କୋଚ ଉଦୟ ନାଥ ସେଠୀ, ଜିତେନ୍ଦ୍ର ସାହୁ, ରାଜ କୁମାର ସେଠୀ, ବାପା ଘନେଶ୍ୱର ସାହୁ, ମା' ରାଜଲକ୍ଷ୍ମୀ ସାହୁ, ଭଉଣୀ ଦୀପିକା ସାହୁ, ଜିଜ୍ଞାସା ସାହୁ, ପ୍ରେମ ମଞ୍ଜରୀ ସାହୁ ଏବଂ ଜ୍ୱାଇଁ ଶିବାନନ୍ଦ ସାହୁଙ୍କ ସମେତ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। କିଛି ଦିନ ପୂର୍ବେ ବିହାରର ଚାଲିଥିବା ଖେଲୋ ଇଣ୍ଡିଆରେ ୪୯କେଜି ବର୍ଗରେ ହର୍ଷବର୍ଦ୍ଧନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତାଙ୍କ ସଫଳତାରେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳ, ବନମାଳୀ ସେଠୀ, ଚିତ୍ତରଞ୍ଜ ସାହୁ, ମଦନ ସାହୁ ଓ କର୍ପୋରେଟର ସବିତା ସାହୁଙ୍କ ସମେତ ବହୁ ବିଜେପି କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

## ପଥ ବିକ୍ରେତା ସଙ୍ଘର ବିକ୍ଷୋଭ

ଦିଗପହଣ୍ଡି,୨୭ ।୫(ସମିସ): ଆନ୍ତର୍ଜାତିକ ହକ୍କର ଦିବସ ଅବସରରେ ସୋମବାର ଦିଗପହଣ୍ଡି ପଥ ବିକ୍ରେତା ସଙ୍ଘ ମିଳିତ ହକ୍କର କାର୍ଯ୍ୟ ପ୍ରକ୍ରିୟା କମିଟି ପକ୍ଷରୁ ବିଭିନ୍ନ ଦାବୀ ହାସଲ ପାଇଁ ସ୍ଥାନୀୟ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ସଂଗଠନ ଏଆଇଟିୟୁସି ଗଞ୍ଜାମ ଜିଲା ସମ୍ପାଦକ ଅଳକ ନାଥ ମିଶ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ଅଶୋକ କୁମାର କର୍ଣ୍ଣଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏନଏସି ପକ୍ଷରୁ ଟାଉନ ଭେଣ୍ଡିଂ କମିଟି ଗଠନ କରାଯାଇ ଡିଜିଟାଲ ସର୍ଭେ ଅନୁସାରେ ସହରର ସମସ୍ତ ପଥ ବିକ୍ରେତା ମାନଙ୍କୁ ପ୍ରଶାସନ ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯିବା। ସେମାନଙ୍କୁ ବ୍ୟବସାୟ ନିମନ୍ତେ ପ୍ରଧାନମନ୍ତ୍ରୀ ମୁଦ୍ରା ଋଣ ଭଳି ଅନ୍ୟାନ୍ୟ ଋଣ ମଞ୍ଜୁର ପାଇଁ ଏନଏସି ଗ୍ୟାରେଣ୍ଟର ରହିବା। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୀତ ୨୦୧୪ ପଥ ବିକ୍ରେତା ସୁରକ୍ଷା ଓ ଥଇଥାନ ଆଇନ କାର୍ଯ୍ୟକାରୀ କରାଯିବା ପ୍ରଭୃତି ଦାବି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟକ୍ରମରେ ଜି.କୃଷ୍ଣ, ଜି.ରାଜେଶ, ଜି.ଦଣ୍ଡପାଣି, ଏନ୍.ସନ୍ତୋଷ, ଆର.ସବିତା, କେ.ବାଲାଜୀ, ଆର. ପୂର୍ଣ୍ଣ ପ୍ରମୁଖ ବହୁ ସଂଖ୍ୟକ ପଥ ବିକ୍ରେତା ଉପସ୍ଥିତ ଥିଲେ।

## ନୂଆ ପ୍ରଜାତିର ୨ ମାଛ ଚିହ୍ନଟ



ବ୍ରହ୍ମପୁର,୨୭।୫(ସମିସ): ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର (ଗୋପାଳପୁର ଏବଂ ଚେନ୍ନାଇ ଜେଡ୍‌ଏସ୍‌ଆଇ ଦ୍ୱାରା ଦୁଇଟି ପ୍ରଜାତିର ମାଛ ପ୍ରଥମ ଥର ପାଇଁ ଭାରତୀୟ ଉପ ସାଗରୀୟ ସୀମାରେ ଗଭୀର ଜଳରୁ କଲୋକାଙ୍ଗର ସ୍କୋଲୋସି ଏବଂ ଓପିକଥସ ଇରାବୋ ମାଛ ଚିହ୍ନଟ ହୋଇଛି। କେରଳର କୋଲ୍ଲମ୍ ସମୁଦ୍ର ତଟ ଅଞ୍ଚଳର ୫ ଶହରୁ ୬ ଶହ ମିଟର ଗଭୀର ଜଳରୁ ସୁନୀଲ କୁମାର ରାଜ ଟ୍ରଲରରେ ମାଛ ମାରୁଥିବା ବେଳେ ଧରିଥିଲେ। ଏହାକୁ ତାଙ୍କ ଠାରୁ ସଂଗ୍ରହ କରାଯାଇଥିଲା। ଗୋପାଳପୁର ଜେଡ ଏସ ଆଇକୁ ଅକ୍ଟୋବର ୨୦୨୩ରେ ଆଣି ଏଠାରେ ବୈଜ୍ଞାନିକ ଡ. ଅନୀଲ ମିହାପାତ୍ର, ଡ. କେ. କେ. ବିନିଶ ଏବଂ ଗବେଷକ ଡ. ସ୍ୱରୂପ ରଞ୍ଜନ ମହାନ୍ତି, ରାଜେଶ କୁମାର ବେହେରା, ଶ୍ୱେତା ବେଉରା, ମୌମିତା ଦାସ, ପ୍ରବୀନ ରୋଜାରିଓ ଏବଂ ସ୍ମୃତିରେଖା ଆଚାର୍ଯ୍ୟ ମିଳିତରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ। ଏହି ଆବିଷ୍କାର ପୂର୍ବରୁ ଏହି ପ୍ରଜାତି ମାଛ ଭାରତୀୟ ତଟରେ କେବେ ରିପୋର୍ଟ ହୋଇନଥିଲା। ଏହି ପ୍ରଜାତିର ମାଛ ପ୍ରଥମ ଭାରତୀୟ ରେକର୍ଡ ଭାବେ ଗ୍ରହଣ କରାଯାଇଛି। ଏହି ପ୍ରଜାତି ପୂର୍ବରୁ ଦକ୍ଷିଣ ଆଫ୍ରିକା, ଜାପାନ, ଓଗାସାୱାରା ଦ୍ୱୀପ, ରାୟୁକ୍ୟୁ ତାଇୱାନରୁ ମିଳିଥିଲା। ଏହି ଦୁଇଟି ମାଛର ବିଶେଷ ବିବରଣୀ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପତ୍ରିକା ଜର୍ଣ୍ଣାଲ ଅଫ ମେରାଇନ ବାଇଓଲୋଜି ଆସିଓସେସନ (ୟୁ.କେ) ଏବଂ ନ୍ୟାସନାଲ ଏକାଡେମୀ ଅଫ ସାଇନ୍ସ ଲେଟରରେ ଆଜି ପ୍ରକାଶିତ ହୋଇଛି। ଏହି ମାଛର ଅଧିକ ତଥ୍ୟ ଜାଣିବା ପାଇଁ ଗବେଷଣା ଜାରି ରହିଛି ବୋଲି ଗୋପାଳପୁର ଜେଡ ଏସ ଆଇ କେନ୍ଦ୍ରର ବୈଜ୍ଞାନିକ ଡ. ମହାପାତ୍ର କହିଛନ୍ତି।

## ବିଏସ୍‌ଏଫ୍ ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

ଫୁଲବାଣୀ,୨୭।୫(ସମିସ): ବିଏସଏଫ ୧୧୬ ବାଟାଲିୟନର ୩୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏ ଉପଲକ୍ଷେ ସ୍ଥାନୀୟ ବୃଦ୍ଧାଶ୍ରମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କନ୍ଧମାଳ ଏସପି ହରିଶ ବି ସି ଦେଶର ସୁରକ୍ଷା ପାଇଁ ବିଏସଏଫର ଅବଦାନ ପ୍ରଶଂସନୀୟ ବୋଲି କହିଥିଲେ।



ଜରାନିବାସର ୮୦ ଜଣ ବୟସ୍କ ମହିଳା ଯବାନଙ୍କ ସାହାଯ୍ୟ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ସ୍ଥାନୀୟ ପୁଲିସ ରିଜର୍ଭ ସ୍ଥିତ ବିଏସଏଫ ହସ୍ପିଟାଲରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ କମାଣ୍ଡାଣ୍ଟ ଅଜୟ କୁମାର ଉଦଘାଟନ କରିଥିବା ବେଳେ ରକ୍ତଭଣ୍ଡାର ଅଧିକାରୀ ଡା. ଜୟଦୀପ ଘୋଷ ଏବଂ ବିଏସଏଫର ସ୍ୱାସ୍ଥ୍ୟ ଅଧିକାରୀ ଡା. ଯୋଗେଶ ଭାଟିଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇଥିଲା। ବହୁ ସଂଖ୍ୟାରେ ବିଏସଏଫ ଅଧିକାରୀ, ଯବାନ ଏବଂ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଶିବିରରେ ସମୁଦାୟ ୪୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବିଏସଏଫ ପକ୍ଷରୁ କୁହାଯାଇଛି। ଏଭଳି କାର୍ଯ୍ୟକ୍ରମ ବିଏସଏଫର ସାମାଜିକ ଦାୟିତ୍ୱବୋଧର ନିଦର୍ଶନ ବୋଲି କମାଣ୍ଡାଣ୍ଟ ଅଜୟ କୁମାର କହିଛନ୍ତି।

## ଯୁବକଙ୍କ ମୃତ୍ୟୁ, ମାମଲା ରୁଜୁ

ବ୍ରହ୍ମପୁର,୨୭।୫(ସମିସ): ଗୋପାଳପୁର ଥାନା ପଥରା ଗ୍ରାମରେ ଗତକାଲି ଜଣେ ଯୁବକଙ୍କ ମୃତ ନେଇ ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକ ଜଣଙ୍କ ହେଲେ ସେହି ଗ୍ରାମର ଦୀପକ ବେହେରା (୨୨)। ଗତକାଲି ରାତିରେ ଦୀପକ ଘରକୁ ଫେରି ବାନ୍ତି କରି ଗୁରୁତର ହୋଇଥିଲେ। ପରିବାର ଲୋକେ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ନେଇ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ମା ନମିତା ବେହେରା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୧୨/୨୫ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ପୁଲିସ କହିଛି।

# ପୃଥକ୍ ଦୁର୍ଘଟଣାରେ ୩ ମୃତ, ୩୧ ଆହତ

ମୋହନା,୨୭।୫(ସମିସ)

ଗଜପତି ଜିଲ୍ଲା ମୋହନା ଏବଂ ଅଡ଼ବା ଥାନା ଅଞ୍ଚଳରେ ପୃଥକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୧ ଜଣ ଆହତ ହୋଇଛନ୍ତି। ମୃତକ ମାନେ ହେଲେ ଗୁବେଲ ଗାଁର ଶ୍ୟାମ ମାଝୀ (୨୨), ପୋଡାମାରି ଗାଁର ଗଣେଶ ମହାନ୍ତି (୨୨) ଓ ବଦାକୁଆ ଗାଁର ବିନୋଦ ଗମାଙ୍ଗ (୧୭)। ଆହତ ୩୧ ଜଣଙ୍କ ମଧ୍ୟରୁ ପ୍ରାଥମିକ ଚିକିତ୍ସା ପରେ ୧୦ ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଅଡବା ଥାନା ମାଣ୍ଡିମେରା ଡେଙ୍ଗିଲି ଗ୍ରାମରେ ଆୟୋଜିତ ବିବାହ ଭୋଜି ଖାଇ ୩୦ରୁ ଊର୍ଦ୍ଧ୍ୱ ଲୋକ ଏକ ପିକଅପ ଭ୍ୟାନ୍‌ରେ ଫେରୁଥିବା ବେଳେ ଲେଖାରିଗାଁ ଘାଟିରେ ଗାଡି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏହି ଘଟଣାରେ ଗୁବେଲ ଗାଁର ଶ୍ୟାମ ମାଝୀଙ୍କ



ମୃତ୍ୟୁ ହୋଇଥିବା ବେଳେ ୨୭ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଆହତଙ୍କୁ ବିରିକୋଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିର୍ କରାଯାଇଛି। ସେହିଭଳି ଗଞ୍ଜାମ ଜିଲ୍ଲା ପୋଡାମାରିରୁ ଏକ ରାସନ ବୋଝେଇ ମିନିଟ୍ରକ ମୋହନା ଅଭିମୁଖେ ଆସୁଥିବା ବେଳେ ଲୁହାଗୁଡ଼ି ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଡ୍ରାଇଭର ଗାଡି ତଳେ ଚାପି ହୋଇ ରହିଯାଇଥିବା ବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ମୋହନା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚ ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଡ୍ରାଇଭର ଜଣକ ପାଟପୁର ଥାନା ପୋଡାମାରି ଗ୍ରାମର ଗଣେଶ ମହାନ୍ତି ବୋଲି ଜଣାପଡିଛି। ସେହିପରି ଅନ୍ତରବା ଡେଙ୍ଗମା ଛକରେ ଏକ ବାଇକକୁ ପିକଅପ ଭ୍ୟାନ ଧକ୍କା ଦେବାରୁ ବାଇକ ଚାଳକ ବଦାକୁଆ ଗାଁର ବିନୋଦ ଗମାଙ୍ଗଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଏନେଇ ଅଡବା ଏବଂ ମୋହନା ଥାନାରେ ପୃଥକ ପୃଥକ ୩ ମାମଲା ରୁଜୁ ହେବା ସହ ଘଟଣା ର ତଦନ୍ତ ଚାଲିଥିବା ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଓ ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

# ଅସହ୍ୟ ହେଲା ରଣଭାର: ବିଷ ପିଇ ଜୀବନ ହାରିଲେ ପରିବାରର ୭ ସଦସ୍ୟ

ଚଣ୍ଡିଗଡ଼, ୨୭।୫ (ଏଜେନ୍ସି): ୨୦ କୋଟି ଟଙ୍କାର ରଣଭାର । ପୁଣି ରଣଦାତାଙ୍କ ହତ୍ୟା ଧମକ । ଏଭଳି ଚାପ ସହିନପାରି ଉତ୍ତରାଖଣ୍ଡର ଏକ ପରିବାର ଚରମ ପଦକ୍ଷେପ ନେଇଛନ୍ତି । ପରିବାରର ସମସ୍ତ ସାତ ଜଣ ସଭ୍ୟ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ସେମାନଙ୍କର ମୃତଦେହ ହରିଆଣାର ପଞ୍ଚକୁଲା ନିକଟରେ ଏକ କାର ଭିତରୁ ଉଦ୍ଧାର କରାଯାଇଛି । ମୃତକମାନଙ୍କ ମଧ୍ୟରେ ଅଛନ୍ତି ଦଂପତି, ସେମାନଙ୍କ ପିତାମାତା ଓ ତିନି ପିଲା (ଦୁଇ ଝିଅ ଏବଂ ଗୋଟିଏ ପୁଅ) । କାର ଭିତରୁ ପୁଲିସ ସୁଇସାଇଡ୍ ନୋଟ୍ ଉଦ୍ଧାର କରିଛି ଏବଂ ରଣଭାର ସହିନପାରି ସେମାନେ ଆତ୍ମହତ୍ୟା କରିଥିବା ଏଥିରେ ଉଲ୍ଲେଖ ରହିଛି । ଦୁଇ ମାସ ତଳେ ଏହି ପରିବାର ଡେରାଡୁନରୁ ଆସି ପଞ୍ଚକୁଲା ନିକଟରେ ରହୁଥିଲେ ।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତକାଲି ରାତିରେ ଜଣେ ବ୍ୟକ୍ତି ରାସ୍ତାକଡ଼ରେ ପରିତ୍ୟକ୍ତ ଅବସ୍ଥାରେ ଗୋଟିଏ କାର ଥୁଆ ହୋଇଥିବା ଦେଖିଥିଲେ । ।ସେ ପାଖକୁ ଯାଇ ଦେଖିଲେ ଯେ କାର ଭିତରେ ୬ ଜଣ ବ୍ୟକ୍ତି ନିଶ୍ଚଳ ହୋଇପଡ଼ିଛନ୍ତି । ସପ୍ତମ ବ୍ୟକ୍ତି ଜଣକ କାର ବାହାରେ ବସିଥିଲେ ଏବଂ ସେ ନିଶ୍ୱାସ ନେଇପାରୁ ନଥିଲେ । ବ୍ୟକ୍ତି ଜଣକ ତାଙ୍କ ପାଖକୁ ଯିବାରୁ ସେ କହିଥିଲେ, 'ରଣଭାର ଯୋଗୁଁ ଆମେ ସମୂହ ଆତ୍ମହତ୍ୟା କରିଛୁ ଏବଂ ୫ ମିନିଟ ମଧ୍ୟରେ ମୁଁ ମଧ୍ୟ ମରିଯିବି ।' ଆଖପାଖରେ ଥିବା ଲୋକେ ଖବର ପାଇ ସେମାନଙ୍କୁ ତୁରନ୍ତ ମେଡିକାଲ ନେଇଥିଲେ । ସେଠାରେ ୬ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା । ତେବେ ସପ୍ତମ ବ୍ୟକ୍ତି ଜଣକଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ସପ୍ତମ ବ୍ୟକ୍ତି ଜଣକ ହଉଛନ୍ତି ବ୍ୟବସାୟୀ ଏବଂ ତାଙ୍କ ବୟସ ୪୨ ବର୍ଷ ହେବ ବୋଲି ଜଣାପଡ଼ିଛି । ଆତ୍ମହତ୍ୟା କରିଥିବା ତିନି ପିଲାଙ୍କର ବୟସ ୧୧ରୁ ୧୪ ବର୍ଷ ହେବ ।

**■ କାର ଭିତରୁ ମୃତଦେହ ଉଦ୍ଧାର**

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ମୃତ ସମସ୍ତ ବ୍ୟକ୍ତି ହେଉଛନ୍ତି ବ୍ୟବସାୟୀ ପରିବାରର । ଏହି ପରିବାର ପଞ୍ଚକୁଲାରେ ରହୁଥିଲେ । ୨୦୦୫ରୁ ୨୦୦୮ ମଧ୍ୟରେ ବ୍ୟବସାୟରେ ଭୀଷଣ କ୍ଷତି ହେବାରୁ ସେମାନେ ଘର, କାରଖାନା ଓ ଅନ୍ୟାନ୍ୟ ସଂପତ୍ତି ଛାଡ଼ି ଡେରାଡୁନ ପଳାଇଥିଲେ । ଦୁଇ ମାସ ତଳେ ସେମାନେ ପଞ୍ଚକୁଲା ଫେରି ଆସି ଟ୍ୟାକ୍ସି ବ୍ୟବସାୟ କରୁଥିଲେ । ପଞ୍ଚକୁଲାରେ ସେମାନଙ୍କର ଅଢ଼େଇ କୋଟି ଟଙ୍କାର ଏକ ଫ୍ଲାଟ୍ ଥିଲା । ରଣ ପରିଶୋଧ କରିନପାରିବାରୁ ବ୍ୟାଙ୍କ ଏହି ଫ୍ଲାଟକୁ ଜବତ କରିଥିଲା । ଅନ୍ୟ ରଣଦାତାମାନେ ମଧ୍ୟ ଟଙ୍କା ପାଇଁ ସେମାନଙ୍କ ଉପରେ ପ୍ରବଳ ଚାପ ପକାଇବା ସହିତ ଧମକଚମକ ଦେଉଥିଲେ ବୋଲି ଆତ୍ମହତ୍ୟା କରିଥିବା ପରିବାରର ଜଣେ ସଂପର୍କୀୟ କହିଛନ୍ତି । ପୁଲିସ ସମଗ୍ର ଘଟଣାର ତଦନ୍ତ କରୁଛି । ଏହା ହତ୍ୟା ନା ଆତ୍ମହତ୍ୟା, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି ।



# ନିଜ ବୋମାରେ ଉଡ଼ିଗଲା ଖଲିସ୍ତାନୀ ଆତଙ୍କୀ

ଅମୃତସର,୨୭।୫(ଏଜେନ୍ସି): ମଙ୍ଗଳବାର ସକାଳେ ପଞ୍ଜାବର ନୌସେରାରେ ବୋମା ବିସ୍ଫୋରଣରେ ଜଣେ ଖଲିସ୍ତାନୀ ଆତଙ୍କବାଦୀ ନିହତ ହୋଇଛି । ବାବର ଖଲସା ଇଣ୍ଟରନ୍ୟାସନାଲ( ବିକେଆଇ) ସଂଗଠନ ସହ ସଂପୃକ୍ତ ଥିବା ଏହି ଆତଙ୍କବାଦୀ ଜଣକ ଅମୃତସର-ମାଜିଥା ସଡ଼କପଥ ନିକଟରେ ନୌସେରା ଗ୍ରାମ ନିକଟରେ ଏକ ବୋମା ପୋତିଥିଲା ବେଳେ ମଙ୍ଗଳବାର ସକାଳେ ଏହାକୁ ଖୋଜିବାକୁ ଆସିଥିଲା । ଯେଉଁଠି ସେ ବୋମା ପୋତିଥିଲା ସେଠାରେ ଖୋଳିବା ବେଳେ ବୋମା ବିସ୍ଫୋରଣ ହେବାରୁ ତା'ର ଦୁଇ ହାତ ଉଡ଼ିଯାଇଥିଲା । ଏହାପରେ ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ହୋଇଥିବା ନୌସେରା ବର୍ଡର ରେଞ୍ଜ ଡିଆଇଜି ସତିନ୍ଦର ସିଂ କହିଛନ୍ତି । ତେବେ ସଂପୃକ୍ତ ଆତଙ୍କବାଦୀର ନାମ ଏବଂ ଠିକଣା ଜଣାପଡ଼ି ନାହିଁ । ପଞ୍ଜାବ ପୁଲିସର ବୋମା ନିଷ୍କ୍ରିୟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ପାକିସ୍ତାନର ୭୨ ସୀମା ପୋଷ୍ଟ ଉଡାଇଥିଲା ବିଏସ୍ଏଫ

ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଅପରେସନ ସିନ୍ଦୂର ବେଳେ ଭାରତୀୟ ସୀମା ସୁରକ୍ଷାବାହିନୀ (ବିଏସଏଫ) ପକ୍ଷରୁ ପାକିସ୍ତାନର ୭୨ଟି ପୋଷ୍ଟ ଏବଂ ଆତଙ୍କବାଦୀ ଲଞ୍ଚ ପ୍ୟାଡ୍‌କୁ କିଭଳି ଉଡାଇ ଦିଆଯାଇଥିଲା ତାହାର ଏକ



ଭିଡିଓ ଜାରିକରାଯାଇଛି । ବିଏସଏଫ ଆଇଜି ଶଶାଙ୍କ ଆନନ୍ଦ ମଙ୍ଗଳବାର ସାମ୍ବାଦିକମାନଙ୍କୁ ଏ ସମ୍ପର୍କରେ ସୂଚନା ଦେବା ସହିତ ଅଖନୂର,ସାମ୍ବା, ଆରଏସ ପୁରା,ଲୋନି,ମାସ୍ତପୁର ଏବଂ ଛାବ୍ରା ଆଦି ସୀମା ପଏଣ୍ଟରେ ବିଏସଏଫ ପକ୍ଷରୁ ପାକିସ୍ତାନୀ ପୋଷ୍ଟ ଉପରେ ଆକ୍ରମଣ କରାଯାଇ ସେଗୁଡିକୁ କିଭଳି ନଷ୍ଟ କରିଦିଆଯାଇଥିଲା ତାହାର ଏକ ଭିଡିଓ ପ୍ରଦର୍ଶନ କରିଛନ୍ତି । ବିଶେଷକରି ପାକିସ୍ତାନୀ ପୋଷ୍ଟ ଏବଂ ଟେରର ଲଞ୍ଚପ୍ୟାଡ୍‌କୁ ସଠିକ୍ ଟାର୍ଗେଟ କରି ସେଗୁଡିକୁ ନଷ୍ଟ କରି ଦେବାରେ ବିଏସଏଫ ଯବାନଙ୍କ ଉତ୍କର୍ଷତାକୁ ପ୍ରଦର୍ଶନ କରାଯାଇଛି ।

# ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିପାରେ ମହାଭିଯୋଗ ପ୍ରସ୍ତାବ



ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ପୂର୍ବତନ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ବିପୁଳ ଟଙ୍କା ମିଳିଥିବା ଘଟଣାରେ ସରକାର ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାର ସମ୍ଭାବନା ବଢିଛି ।ଏହି ମାମଲାରେ ସୁପ୍ରିମକୋର୍ଟର ଆଭ୍ୟନ୍ତରୀଣ ଯାଞ୍ଚ କମିଟି ପକ୍ଷରୁ ଜଷ୍ଟିସ ବର୍ମାଙ୍କ ବିରୋଧରେ ନକରାତ୍ମକ ଟିପ୍ପଣୀ ସହିତ ଅଭିଯୋଗ ଦାଖଲ କରାଯିବା ପରେ ସରକାର ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବେ ବୋଲି କୁହାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଜଷ୍ଟିସ୍ ଦିଲ୍ଲୀ ହାଇକୋର୍ଟ ବିଚାରପତି ଭାବେ କାର୍ଯ୍ୟ କରୁଥିଲା ବେଳେ ଗତ ମାର୍ଚ୍ଚ ୧୪ ତାରିଖରେ ତାଙ୍କର ଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ନିଆଁ ଲାଗି ଯାଇଥିଲା । ନିଆଁ ଲିଭାଇବାକୁ ଅଗ୍ନିଶମ ଟିମ୍ ପହଞ୍ଚିଥିଲା ବେଳେ ଏହି ସମୟରେ ବିପୁଳ ପରିମାଣର ଟଙ୍କା ଅଖା ଭିତରେ ଲୁଚା ହୋଇ ରଖାଯାଇଥିବା ଦେଖିବାକୁ ପାଇଥିଲେ । ସେତେବେଳେ ଜଷ୍ଟିସ୍ ବର୍ମା ଘରେ ଉପସ୍ଥିତ ନ ଥିଲେ ମଧ୍ୟ ଏହି ବିଷୟ ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା । ଜଣେ ହାଇକୋର୍ଟ ବିଚାରପତିଙ୍କ ଘରୁ ଏତେ ପରିମାଣର ଟଙ୍କା ମିଳିବା ଘଟଣାକୁ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ବଢିଥିଲା । ଏହାପରେ ଜଷ୍ଟିସ୍ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟ ବଦଳି କରାଯାଇଥିଲା ଏବଂ ଟଙ୍କା ମିଳିବା ଘଟଣାର ଯାଞ୍ଚ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଏକ ତିନି ଜଣିଆ କମିଟି ଗଠନ କରାଯାଇଥିଲା । ଏହି କମିଟି ମେ ' ୩ ତାରିଖରେ ରିପୋର୍ଟ ଦାଖଲ କରିବା ସହିତ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଥିବା ଜଣାପଡ଼ିଛି । ଜଷ୍ଟିସ୍ ବର୍ମା ଏବେ ଆହ୍ଲାବାଦ ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରୁଛନ୍ତି ।

**■ ଜୁନ୍‌ରୁ ସେପ୍ଟମ୍ବର ୧୦୬ ପ୍ରତିଶତ ବର୍ଷା**

# ମଧ୍ୟପ୍ରଦେଶ, ଛତିଶଗଡ଼ ଓ ମହାରାଷ୍ଟ୍ରରେ ଅଧିକ ବର୍ଷିବ

ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଏ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ସହିତ ଜୁନ୍‌ରୁ ସେପ୍ଟମ୍ବର ମାସ ମଧ୍ୟରେ ୧୦୬ ପ୍ରତିଶତ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ପକ୍ଷରୁ ପ୍ରାକ୍ ଆକଳନ କରାଯାଇଛି । ମଙ୍ଗଳବାର ଆଇଏମଡି ପକ୍ଷରୁ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଏ ବର୍ଷ ମୌସୁମୀ ଋତୁରେ ୧୦୬ ପ୍ରତିଶତ ବର୍ଷା ହେବ । ଯାହାକି ସ୍ୱାଭାବିକ ଠାରୁ ଅଧିକ । ଚଳିତ ବର୍ଷ ମୌସୁମୀର ଆଗମନ ଆଗୁଆ ରହିଥିଲା ବେଳେ ଏହାର ଅଗ୍ରଗତି ଆଶାନୁରୂପ ରହିଛି ଓ ଆଗାମୀ ଦିନରେ ଏହା ଆଉ କିଛି ରାଜ୍ୟରେ ସକ୍ରିୟହେବ ବୋଲି ସେ କହିଛନ୍ତି । ଚଳିତ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ଅର୍ଥନୀତି ପାଇଁ ଅନୁକୂଳ ହେବ । କୃଷି ଭାରତୀୟ ଜିଡିପି ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ବେଳେ ସ୍ୱାଭାବିକ ଠାରୁ ଅଧିକ ବର୍ଷା କୃଷି ପାଇଁ ଲାଭଦାୟକ ହେବ ବୋଲି କୁହାଯାଉଛି ।

**■ ଚକିତ ହୋଇଥିଲେ ସ୍କଟିସ୍ ୟୁଟ୍ୟୁବର୍**


# ଜ୍ୟୋତିଙ୍କୁ ପାକିସ୍ତାନରେ ମିଳୁଥିଲା କଡ଼ା ସୁରକ୍ଷା ବ୍ୟବସ୍ଥା

ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ପାକିସ୍ତାନର ଆଇଏସଆଇ ପାଇଁ ଗୁଇନ୍ଦାଗିରି କରୁଥିବା ହରିୟାଣା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ କଳାକାରନାମା ସମ୍ପର୍କରେ ବେଳକୁ ବେଳ ବହୁ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଥିବା ବେଳେ ପାକିସ୍ତାନରେ ତାଙ୍କୁ କିଭଳି କଡ଼ା ସୁରକ୍ଷା ମିଳୁଥିଲା ସେ ସମ୍ପର୍କିତ ତଥ୍ୟ ସାମ୍ନାକୁ ଆସିଛି । ଜ୍ୟୋତି ଦୁଇ ଦୁଇ ଥର ପାକିସ୍ତାନ ଗସ୍ତ କରିଥିଲା ବେଳେ ସେଠାରେ ସେ ପାକିସ୍ତାନୀ ଗୁଇନ୍ଦା ଏଜେଣ୍ଟମାନଙ୍କୁ ଭେଟୁଥିଲେ । ଏହି ସମୟରେ



ତାଙ୍କୁ ମିଳୁଥିବା ସୁରକ୍ଷା ବ୍ୟବସ୍ଥାକୁ ଦେଖି ସ୍କଟଲାଣ୍ଡରେ ଜଣେ ୟୁଟ୍ୟୁବର ବିସ୍ମିତ ହୋଇପଡ଼ିଥିଲେ । ସ୍କଟିସ୍ ୟୁଟ୍ୟୁବର କାଲମ ମିଲ ଦେଇଥିବା ତଥ୍ୟ ଅନୁସାରେ ସେ ଯେତେବେଳେ ପାକିସ୍ତାନ ଯାଇଥିଲେ ସେତେବେଳେ ଜ୍ୟୋତି ମଧ୍ୟ ପାକିସ୍ତାନ ଯାଇଥିଲେ । ଏହି ସମୟରେ ଲାହୋରର ଅନାରକଲି ବଜାରରେ କାଲମ ସୁଟିଂ କରୁଥିଲା ବେଳେ ସେ ଜ୍ୟୋତିଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ଜଣେ ଭାରତୀୟ ୟୁଟ୍ୟୁବର ଭାବେ ତାଙ୍କ ସହ କିଛି ସମୟ କଥା ହୋଇଥିଲେ । ହେଲେ ଏହି ସମୟରେ ଜ୍ୟୋତିଙ୍କ ପାଇଁ ଯେଭଳି ସୁରକ୍ଷା ବ୍ୟବସ୍ଥା ହୋଇଥିଲା ତାହାକୁ ଦେଖି କାଲମ ତଟସ୍ଥ ହୋଇଯାଇଥିଲେ । ଜଣେ ୟୁଟ୍ୟୁବରଙ୍କୁ ଯେ ଏଭଳି ସୁରକ୍ଷା ମିଳିପାରେ ତାହା ସେ କେବେ ଚିନ୍ତା କରି ନଥିବା କହିଛନ୍ତି । ଜ୍ୟୋତିଙ୍କୁ ପ୍ରାୟ ୬ ଜଣ ବନ୍ଧୁକଧାରୀ ଘେରି ରହିଥିଲେ ଏବଂ ସେ ଜୁଆଡେ ଯାଉଥିଲେ ଏହି ସୁରକ୍ଷାକର୍ମୀମାନେ ତାଙ୍କ ପଛେ ପଛେ ଯାଉଥିବା ସେ ଦେଖିଥିଲେ ବୋଲି ପ୍ରକାଶ କରିଛନ୍ତି ।


# ପାକିସ୍ତାନକୁ ମୋଦୀଙ୍କ ଚେତାବନୀ: ଇଟାର ଜବାବ ପଥରରେ ଦିଆଯିବ



ଅହମ୍ମଦାବାଦ,୨୭।୫(ଏଜେନ୍ସି): ଅପରେସନ ସିନ୍ଦୂର ପରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଗୁଜରାଟ ଗସ୍ତରେ ଯାଇଥିଲା ବେଳେ ମଙ୍ଗଳବାର ଅହମ୍ମଦାବାଦରେ ପୁଣି ପାକିସ୍ତାନ ଉପରେ ବର୍ଷିଛନ୍ତି । ଗୁଜରାଟ ନଗର ଉନ୍ନୟନର ୨୦ ତମ ବାର୍ଷିକୀ ସମାରୋହରେ ଯୋଗ ଦେଇ ବିଭିନ୍ନ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ସେ ପାକିସ୍ତାନକୁ ଏଣିକି ଇଟାର ଜବାବ ପଥରରେ ଦିଆଯିବ ବୋଲି କହିଛନ୍ତି । ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପକୁ ନେଇ ସେ କହିଥିଲେ ଯେ, ସେମାନେ ଆତଙ୍କବାଦୀଙ୍କୁ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରୁଛନ୍ତି । ଆତଙ୍କବାଦୀଙ୍କ ମାଧ୍ୟମରେ ପାକିସ୍ତାନ ଭାରତ ବିରୋଧରେ ଛାୟାଯୁଦ୍ଧ ଚଳାଇଛି ବୋଲି କୁହାଯାଉଛି । କିନ୍ତୁ ଏହା ପ୍ରକୃତରେ ସେମାନଙ୍କ ରଣନୀତି ଏବଂ ଏହି ଉପାୟରେ ସେମାନେ ଭାରତ ବିରୋଧରେ ଯୁଦ୍ଧ ଚଳାଇଛନ୍ତି । କିନ୍ତୁ ଭାରତ ମଧ୍ୟ ନିଜ ରଣନୀତି ବଦଳାଇସାରିଛି । ପାକିସ୍ତାନର କୌଣସି ହରକତ୍‌କୁ ଭାରତ ଠିକଣା ଢଙ୍ଗରେ ଜବାବ ଦେବାକୁ ପ୍ରସ୍ତୁତ ବୋଲି ମୋଦୀ କହିଛନ୍ତି ।

ଅପରେସନ ସିନ୍ଦୂରର ସଫଳତାକୁ ପୁଣି ଦୋହରାଇ ସେ କହିଥିଲେ ଯେ, ଆମ ସେନା ପାକିସ୍ତାନକୁ ଯେଭଳି ଶିକ୍ଷାଦ୍‌ଇଛେନ୍ତି ତାହାକୁ କୌଣସି ଦେଶବାସୀ ଭୁଲିପାରିବେ ନାହିଁ । ଭାରତ ବିରୋଧରେ ସେମାନେ କଦାଚିତ ପ୍ରତ୍ୟକ୍ଷ ଯୁଦ୍ଧ ଜିତିପାରିବେ ନାହିଁ ଜାଣିଛନ୍ତି । ତେଣୁ ପାକିସ୍ତାନ ଆତଙ୍କବାଦୀଙ୍କ ଜରିଆରେ ଛାୟା ଯୁଦ୍ଧକୁ ଆଶ୍ରୟ କରିଛି । ହେଲେ ଭାରତ ଆତଙ୍କବାଦୀଙ୍କୁ ଠିକଣା ଜବାବ ଦେଇଛି ବୋଲି ମୋଦୀ କହିଥିଲେ ।

# ଆଲୋଚନା ପାଇଁ ପ୍ରସ୍ତାବ ଦେଲେ ଶେହବାଜ୍



ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଅପରେସନ ସିନ୍ଦୂର ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ କୂଟନୈତିକ ଯୁଦ୍ଧ ଆହୁରି ତୀବ୍ର ହୋଇଛି । ପାକିସ୍ତାନ ସିନ୍ଧୁ ଜଳ ବନ୍ଦକୁ ନେଇ ଜାତିସଂଘ ଠାରୁ ଆରମ୍ଭ କରି ବିଭିନ୍ନ ଦେଶରେ ଭାରତ ବିରୋଧରେ ଅଭିଯାନ ଚଳାଇଥିଲା ବେଳେ ଅନ୍ୟପଟେ ଭାରତ ପାକିସ୍ତାନର ଆତଙ୍କବାଦକୁ ନେଇ ବିଶ୍ୱ ସମାଜକୁ ଅବଗତ କରିବାରେ ଲାଗିଛି । ଏହାମଧ୍ୟରେ ପାକିସ୍ତାନ ଭାରତ ସହ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହେଁ ବୋଲି ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ କହିଛନ୍ତି । କଶ୍ମୀର, ସିନ୍ଧୁ ନଦୀ ଜଳ ଚୁକ୍ତି, ବ୍ୟବସାୟ ବାଣିଜ୍ୟ ଏବଂ ଆତଙ୍କବାଦ ଭଳି ବିଭିନ୍ନ ପ୍ରସଙ୍ଗରେ ପାକିସ୍ତାନ ଭାରତ ସହ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ଆଗ୍ରହୀ ଅଛି ବୋଲି ଶେହବାଜ କହିଛନ୍ତି । ଶେହବାଜ ସଂପ୍ରତି ଇରାନ ଗସ୍ତରେ ଯାଇଥିଲା ବେଳେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ , ଭାରତ ସହିତ ବିଭିନ୍ନ କ୍ଷେତ୍ରରେ ରହିଥିବା ବିବାଦକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ପାକିସ୍ତାନ ରାଜି ଅଛି । ଇସଲାମାବାଦ ଅତ୍ୟନ୍ତ ହୃଦୟତା ଏବଂ ଗମ୍ଭୀରତା ସହ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁଛି । ଯଦି ଭାରତ ପାକିସ୍ତାନର ଏହି ପ୍ରସ୍ତାବକୁ ଗ୍ରହଣ କରି ଆଲୋଚନା ପାଇଁ ସହମତ ହୁଏ ତେବେ ଅନେକ ସମସ୍ୟାର ସମାଧାନ ସମ୍ଭବ ବୋଲି ଶେହବାଜ୍ କହିଛନ୍ତି । ହେଲେ ପାକିସ୍ତାନରେ ଆତଙ୍କବାଦୀ ସଂଗଠନଗୁଡିକୁ ଯେଭଳି ପ୍ରୋତ୍ସାହନ ଦିଆଯାଉଛି ତାହାକୁ ବନ୍ଦ କରାଯିବା କି ନାହିଁ ସେ ସମ୍ପର୍କରେ ଧାଡ଼ିଟିଏ କହିନାହାନ୍ତି । ଅନ୍ୟପକ୍ଷରେ ପାକିସ୍ତାନ ସୀମାପାର ଆତଙ୍କବାଦ ବନ୍ଦ ନ କଲା ଯାଏଁ ଆଲୋଚନା ସମ୍ଭବ ନୁହେଁ ବୋଲି ଭାରତ ବହୁ ପୂର୍ବରୁ ନିଜର ଆଭିମୁଖ୍ୟକୁ ଦୋହରାଇ ଆସିଛି ଏବଂ ଏବେ ମଧ୍ୟ ଏହି ନୀତିରୁ ବାହାରି ନାହିଁ । ଭାରତର ଏହି ମନୋଭାବକୁ ନେଇ ପ୍ରଧାନମନ୍ତ୍ରୀ ଶେହବାଜ୍ ଭାରତ ଉପରେ ଚାପ ସୃଷ୍ଟି କରିବାକୁ ଇତିମଧ୍ୟରେ ତୁର୍କୀ, ଇରାନ, ଅଜରବୈଜାନ ଏବଂ ତାଜାକିସ୍ତାନ ଭଳି ବିଭିନ୍ନ ରାଷ୍ଟ୍ର ଗସ୍ତ କରିଛନ୍ତି ।

# ଭାରତ ନିର୍ମାଣ କରିବ ଅତ୍ୟାଧୁନିକ ଷ୍ଟେଲଥ୍ ଯୁଦ୍ଧ ବିମାନ

**■ ଏଏମସିଏ ପ୍ରକଳ୍ପକୁ ପ୍ରତିରକ୍ଷା ବିଭାଗର ମଞ୍ଜୁରୀ**

ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ପାକିସ୍ତାନ ବିରୋଧରେ ଭାରତୀୟ ସେନାର ଅପରେସନ ସିନ୍ଦୂର ସଫଳତାକୁ ନେଇ ଏବେ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚା ଚାଲିଛି । ବିଶେଷକରି ଭାରତର ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଏବଂ କ୍ଷେପଣାସ୍ତ୍ର ଏହି ଅପରେସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବାରୁ ଦେଶର ପ୍ରତିରକ୍ଷା ଗବେଷଣା ସଂସ୍ଥା ଏବଂ ଉତ୍ପାଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମଙ୍ଗଳବାର ନିଆଯାଇଥିବା ଏକ ବଡ଼ ନିଷ୍ପତ୍ତି ଅନୁଯାୟୀ ଭାରତୀୟ ବାୟୁସେନାକୁ ଅଧିକ ସଶକ୍ତ କରିବା ଲାଗି ଏକ ନୂଆ ଯୋଜନାକୁ ମଞ୍ଜୁରୀ ଦିଆଯାଇଛି । ଭାରତରେ ୫ମ ପିଢ଼ିର ଷ୍ଟେଲଥ ଯୁଦ୍ଧ ବିମାନ ନିର୍ମାଣ କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ 'ଆଡଭାନ୍ସଡ୍ ମିଡିୟମ୍ କମ୍ବାଟ୍ ଏୟାରକ୍ରାଫ୍ଟ (ଏଏମସିଏ)' ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ଅନୁମୋଦନ ଦେଇଛନ୍ତି । ଏଏମସିଏ ହେଉଛି ଭାରତୀୟ ବାୟୁସେନା ପାଇଁ ଡିଜାଇନ୍ କରାଯାଇଥିବା ଏକ ପଞ୍ଚମ ପିଢ଼ିର ଉନ୍ନତ ମଧ୍ୟମ ଯୁଦ୍ଧ ବିମାନ । ଏହାକୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ପ୍ରସ୍ତୁତ କରାଯିବା ସହିତ ଏଥିରେ ସୁପରକ୍ରୁଜ୍, ଉନ୍ନତ ସେନ୍ସର, ଏଆଇ ପ୍ରଯୁକ୍ତିବିଦ୍ୟା ଏବଂ ଷ୍ଟେଲଥ ପ୍ରଯୁକ୍ତିବିଦ୍ୟା ଭଳି ବୈଶିଷ୍ଟ୍ୟ ରହିବ । ଷ୍ଟେଲଥ ପ୍ରଯୁକ୍ତିବିଦ୍ୟା ଯୋଗୁ ଏହି ବିମାନ ଶତ୍ରୁପକ୍ଷ ରାଡାରକୁ ମାତ୍ ଦ୍‌ଇ ନିଜ ଲକ୍ଷ୍ୟସାଧନ କରିପାରିବ । ଏହା ବ୍ୟତୀତ ଏହା ଶବ୍ଦର ବେଗ ତୁଳନାରେ ଯଥେଷ୍ଟ ଅଧିକ ବେଗରେ ଗତି କରିବାର କ୍ଷମତା ରଖିବ । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଅଧୀନରେ କାର୍ଯ୍ୟ କରୁଥିବା ଏରୋନଟିକାଲ୍ ଡେଭଲପମେଣ୍ଟ ଏଜେନ୍ସି (ଏଡିଏ) ଏହି ପ୍ରକଳ୍ପର ନେତୃତ୍ୱ ନେବ ବୋଲି କୁହାଯାଇଛି । ଏଡିଏ ଘରୋଇ ଏବଂ ସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ସହିତ ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବ ବୋଲି ଯୋଜନା ରହିଛି । ୨୦୩୦ ସୁଦ୍ଧା ଭାରତୀୟ ବାୟୁସେନାକୁ ଏହି ଅତ୍ୟାଧୁନିକ ବିମାନ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି । ଏହି ବିମାନର ଓଜନ ପ୍ରାୟ ୨୫ ଟନ୍ ହେବ ଏବଂ ଏହା ରାଫେଲ ଓ ସୁଖୋଇ ଅପେକ୍ଷା ଆକାରରେ ଛୋଟ ହେବା ସହିତ ଅଧିକ ଦ୍ରୁତ ଗତିରେ ଉଡାଣ କରିପାରିବ । ଏହା ଆକାଶରୁ ଆକାଶ ଏବଂ ଆକାଶରୁ ଭୂମି ଉପରେ ଲକ୍ଷ୍ୟ ସାଧନ କରିବାକୁ ସକ୍ଷମ ହେବ ବୋଲି କୁହାଯାଇଛି ।




# ଚିନ୍ତା ବଢ଼ାଇଛି କରୋନାର ଦୁଇ ନୂଆ ଭ୍ୟାରିଆଣ୍ଟ



ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଦକ୍ଷିଣ ଏସିଆର ବିଭିନ୍ନଦେଶରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଥିଲା ବେଳେ ଭାରତରେ ମଧ୍ୟ ସ୍ଥିତି ଚିନ୍ତାଜନକ ହେବାରେ ଲାଗିଛି । ସପ୍ତାହ ମଧ୍ୟରେ କରୋନା ସକ୍ରିୟ ମାମଲା ବୃଦ୍ଧି ପାଇ ମଙ୍ଗଳବାର ସୁଦ୍ଧା ୧୦୧୦ରେ ପହଞ୍ଚିଥିବା କୁହାଯାଇଛି । କେରଳରୁ କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରାୟ ୨୦ ରାଜ୍ୟରେ ନୂଆ ମାମଲା ବଢି ଚାଲିଛି । ଏବେ ସୁଦ୍ଧା ଦେଶରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ କେବଳ ମହାରାଷ୍ଟ୍ରରେ ୫ ଜଣଙ୍କ ମୃତ୍ୟୁ ହୋଇଛି । ତେବେ ଏହାମଧ୍ୟରେ କରୋନାର ଦୁଇଟି ନୂଆ ଭ୍ୟାରିଆଣ୍ଟ ଚିନ୍ତା ବଢାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ତଥ୍ୟ ଅନୁଯାୟୀ ଦେଶରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଅତିକ୍ରମ କରିଥିଲା ବେଳେ କେରଳ, ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ସର୍ବାଧିକ ମାମଲା ସାମ୍ନାକୁ ଆସିଛି ।ସକ୍ରିୟ ମାମଲା ମଧ୍ୟରୁ ୭୫୨ଟି ମାମଲା ସମ୍ପର୍କରେ ରିପୋର୍ଟ କରାଯାଇଛି । ଏଭଳି ସ୍ଥିତିରେ ଭାରତୀୟ ମେଡିକାଲ ଗବେଷଣା ପରିଷଦ(ଆଇସିଏମଆର) ପକ୍ଷରୁ ସ୍ଥିତି ଉପରେ ନଜର ରଖାଯିବା ସହିତ ପଦକ୍ଷେପ ନେବାକୁ ପ୍ରୟାସ ଆରମ୍ଭ ହୋଇଛି । ଆଇସିଏମଆର କହିଛି ଯେ , ଦେଶରେ ଏବେ ଏଲଏଫ.୭, ଏକ୍ସଏଫଜି, ଜେଏନ.୧ ଏବଂ ଏନବି.୧.୮.୧ ଭଳି ୪ ପ୍ରକାରର ଭ୍ୟାରିଆଣ୍ଟ ଦେଖାଦେଇଛି । ଏହାମଧ୍ୟରୁ କେତେକଙ୍କ ରିପୋର୍ଟରେ ଏନବି.୧.୮.୧ଏବଂ ଏଲଏଫ.୭ ଚିହ୍ନଟ ହୋଇଛି । ମୁମ୍ବାଇ, ପୁଣେ ଏବଂ ଥାନେ ଭଳି ସହରରେ ନୂଆ ଭାରିଆଣ୍ଟ ଦ୍ୱାରା ସର୍ବାଧିକ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ତେବେ କେରଳରେ କରୋନା ସ୍ଥିତି ସବୁଠୁ ଚିନ୍ତାଜନକ ରହିଥିବା କୁହାଯାଇଛି । ଏଠାରେ ୪ ଶହରୁ ଅଧିକ ସକ୍ରିୟ କରୋନା ମାମଲା ପଞ୍ଜିକୃତ ହୋଇଛି । ଏହା ପଛକୁ ମହାରାଷ୍ଟ୍ର, ଦିଲ୍ଲୀ ଏବଂ କର୍ଣ୍ଣାଟକ ରହିଛି । ସେଥିପାଇଁ ଏହିସବୁ ରାଜ୍ୟଗୁଡିକ ପକ୍ଷରୁ ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି । ସମସ୍ତ ହସ୍ପିଟାଲରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି ।

# ବିପଦ ସୃଷ୍ଟି କରୁଛି ବୁଡ଼ି ଯାଇଥିବା ଜାହାଜର ତେଲ

ତିରୁଅନନ୍ତପୁରମ୍,୨୭।୫(ଏଜେନ୍ସି): ଆରବ ସାଗର ମଧ୍ୟରେ କେରଳ ଉପକୂଳରେ ଗତ ରବିବାର ବୁଡିଯାଇଥିବା ଏକ ଲାଇବେରିଆ ପଣ୍ୟବାହୀ ଜାହାଜରୁ ନିର୍ଗତ ତୈଳକୁ ନେଇ ବୈଜ୍ଞାନିକ ଏବଂ ପରିବେଶବିତ୍‌ମାନେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । କେବଳ ତୈଳ ନୁହେଁ ଏହି ଜାହାଜରେ ଯାଉଥିବା ୧୪ଟି କଣ୍ଟେନରରେ କ୍ୟାଲସିୟମ କାର୍ବାଇଡ୍ ଭଳି ଅତ୍ୟନ୍ତ ବିଷାକ୍ତ ପଦାର୍ଥ ଏବେ ସମୁଦ୍ର ଜଳରେ ମିଶିଥିବାରୁ ଉପକୂଳ ପରିବେଶ ପାଇଁ କ୍ଷତି ସାଧନ କରିପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କିତ ହୋଇପଡ଼ିଛନ୍ତି । ଏମଏସସି ଏଲସା-୩ ନାମକ ଏହି ଜାହାଜରୁ ନିର୍ଗତ ତୈଳ ଯେଭଳି ସମଦ୍ର ଉପକୂଳରେ ନ ପହଞ୍ଚେ ତାହାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ବୈଜ୍ଞାନିକମାନେ ପରାମର୍ଶ ଦେଇଛନ୍ତି । ଏହାପୂର୍ବରୁ କେରଳ ସରକାରଙ୍କ ପକ୍ଷରୁ ସର୍ବସାଧାରଣଙ୍କ ପାଇଁ ସତର୍କତା ଜାରି କରାଯିବା ସହିତ ମତ୍ସ୍ୟଜୀବୀମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଭାବେ



ମାର୍ଗଦର୍ଶିକା ଜାରି କରାଯାଇଥିଲା ବେଳେ ଏବେ କେନ୍ଦ୍ର ସାମୁଦ୍ରିକ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ(ସିଏମଏଫଆରଆଇ), ସାମୁଦ୍ରିକ ଜୈବ ବିଭାଗ ଏବଂ ସୀମା ତଟରକ୍ଷୀ ବାହିନୀ ପକ୍ଷରୁ ପ୍ରଦୂଷଣ ରୋକିବାକୁ ଜୋରଦାର ଉଦ୍ୟମ କରାଯାଉଛି । ଏହି ଜାହାଜରେ ପରିବହନ ହେଉଥିବା କ୍ୟାଲସିୟମ କାର୍ବାଇଡ୍ ବିପୁଳ ପରିମାଣରେ ସମୁଦ୍ର ଜଳରେ ମିଶିଯାଇଥିବାରୁ ଏହା ସାମୁଦ୍ରିକ ଜୀବସତ୍ତା ପାଇଁ ମଧ୍ୟ ବିପଦ ସୃଷ୍ଟି କରିପାରେ ବୋଲି କୁହାଯାଉଛି । ଏହାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରୟାସ ଆରମ୍ଭ କରାଯାଇଛି ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ।ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।


**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୮୩- ମହାନ୍ କ୍ରାନ୍ତିକାରୀ ବିନାୟକ ଦାମୋଦର ସାବରକରଙ୍କ ଜନ୍ମ।
- ୧୯୫୯ - ଦୁଇଟି ଆମେରିକୀୟ ମାଙ୍କଡ଼ ମହାକାଶକୁ ଯାତ୍ରା କଲେ।
- ୧୯୯୬- ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଅଟଳ ବିହାରୀ ବାଜପେୟୀ।
- ୧୯୯୮ -ପାକିସ୍ତାନ ପରମାଣୁ ପରୀକ୍ଷା କଲା।
- ୨୦୦୮ - ନେପାଳରେ ୨୪୦ ବର୍ଷ ଧରି ଚାଲି ଆସୁଥିବା ରାଜତନ୍ତ୍ରର ବିଲୋପ।



## ପ୍ରଥମ ଥର କରିବେ ଅମିର୍ ଏହି କାମ

ବଲିଉଡ୍‌ର ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍ 'ସିତାରେ ଜମିନ୍ ପର୍' ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି। ଏହାର ପୋଷ୍ଟର୍ ଓ ଟ୍ରେଲର୍ ଲଞ୍ଚ୍ ହେବା ପରେ ଦର୍ଶକେ ଫିଲ୍ମଟିକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ତେବେ ଅମିର୍ ଏହି ଫିଲ୍ମ ମାଧ୍ୟମରେ ଏପରି କିଛି କରିଛନ୍ତି ଯାହା ତାଙ୍କ ୩୦ ବର୍ଷର ଫିଲ୍ମି କ୍ୟାରିୟରରେ କରି ନ ଥିଲେ। ବଲିଉଡ୍‌କୁ ଅନେକ ବ୍ଲକ୍‌ବଷ୍ଟର ଫିଲ୍ମ ଦେଇଥିବା ଅମିର୍ କେବେ ପୂର୍ବରୁ ସିକ୍ୱେଲ ଫିଲ୍ମରେ କାମ କରି ନ ଥିଲେ। 'ସିତାରେ ଜମିନ୍ ପର' ତାଙ୍କ କ୍ୟାରିୟରର ପ୍ରଥମ ସିକ୍ୱେଲ ଫିଲ୍ମ ହେବ। ଏଠାରେ ପ୍ରକାଶ ଥାଉ କି, ୨୦୦୭ରେ 'ତାରେ ଜମିନ୍ ପର୍' ଫିଲ୍ମ ଆସିଥିଲା। 'ସିତାରେ ଜମିନ୍ ପର୍' ଏହାର ସିକ୍ୱେଲ। ଏହି ଫିଲ୍ମ ମାଧ୍ୟମରେ ଅମିର୍ ୧୦ ଜଣ ନୂଆ କଳାକାରଙ୍କୁ ସୁଯୋଗ ଦେଇଛନ୍ତି। ଫିଲ୍ମରେ ଜେନେଲିଆ ଡିସୁଜା ଅମିର୍‌ଙ୍କ ବିପକ୍ଷରେ ନଜର ଆସିବେ। ଆର୍. ଏସ୍ ପ୍ରସନ୍ନା ଏହାର ନିର୍ଦ୍ଦେଶନା ଦେବେ। ଅମିର୍ ଏହି ଫିଲ୍ମରେ ଅଭିନୟ କରିବା ସହ ଏହାର ପ୍ରଯୋଜନା ଭାର ମଧ୍ୟ ସମ୍ଭାଳିଛନ୍ତି।



## କିଛି ନ କରିବାର ପ୍ରତିଯୋଗିତା

ଦକ୍ଷିଣ କୋରିଆରେ ପ୍ରତିବର୍ଷ ଏକ ନିଆରା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଆସୁଛି। ଏଥର ମଧ୍ୟ ଏହାର ୧୧ତମ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହା ଏମିତି ଏକ ପ୍ରତିଯୋଗିତା, ଯେଉଁଥିରେ ପ୍ରତିଯୋଗୀଙ୍କୁ କିଛି ବି କରିବାକୁ ପଡ଼ି ନ ଥାଏ। ସେମାନେ କେବଳ ବସି ରୁହନ୍ତି। ଏହି ପ୍ରତିଯୋଗିତାର ନାଁ 'ସ୍ପେସ୍ ଆଉଟ୍'। ଏଥିରେ ସାମିଲ ପ୍ରତିଯୋଗୀଙ୍କୁ ୯୦ ମିନିଟ୍ ପର୍ଯ୍ୟନ୍ତ କିଛି କରିବାକୁ ପଡ଼ି ନ ଥାଏ। ଅର୍ଥାତ୍ ସେମାନେ କାହାରି ସହିତ କଥାବର୍ତ୍ତା କରିବେନି କି ଶୋଇବେ ନାହିଁ। ଏପରିକି ଏହି ସମୟ ମଧ୍ୟରେ ସେମାନେ କୌଣସି ଇଲେକଟ୍ରୋନିକ୍ ଡିଭାଇସ୍ ମଧ୍ୟ ବ୍ୟବହାର କରି ନ ଥାନ୍ତି। କେବଳ ସେମାନଙ୍କୁ ଶାନ୍ତ ଭାବେ ବସି ରହି ହୃଦ୍ ସ୍ପନ୍ଦନକୁ ନିୟନ୍ତ୍ରଣରେ ରଖିବାକୁ ହୋଇଥାଏ। ଅବଶ୍ୟ ହୃଦ୍ ସ୍ପନ୍ଦନର ଗତିର ମନିଟରିଂ ଆଧାରରେ ପ୍ରତିଯୋଗିତାରେ ବିଜେତାଙ୍କୁ ମନୋନୀତ କରାଯାଏ। ତେବେ ହୃଦ୍‌ସ୍ପନ୍ଦନ ଅଧିକ ସ୍ଥିର ଥିବା ପ୍ରତିଯୋଗୀ ହିଁ ଏହାର ବିଜେତା ହୋଇଥାନ୍ତି। ପ୍ରତିଯୋଗିତା ଦେଖୁଥିବା ଦର୍ଶକଙ୍କ ଭୋଟ୍ ଆଧାରରେ ବିଜେତା ଘୋଷଣା କରାଯାଏ। ହେଲେ ଏହି ପ୍ରତିଯୋଗିତା ଆୟୋଜନର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଚିନ୍ତାମୁକ୍ତ ରଖିବା ଏବଂ ଡିଜିଟାଲ ଦୁନିଆରୁ କିଛି ସମୟ ପାଇଁ ଆଶ୍ୱସ୍ତି ପ୍ରଦାନ କରିବା। ଏଥର ଏଥିରେ ଭାଗ ନେବା ପାଇଁ ୪,୫୪୭ ଟିମ୍ ଆବେଦନ କରିଥିଲେ। ହେଲେ ୮୦ଟି ଟିମ୍‌ରୁ କେବଳ ୧୨୬ ଜଣଙ୍କୁ ଏଥିରେ ସାମିଲ ହେବାର ସୁଯୋଗ ମିଳିଥିଲା। ସେହିପରି ଏହି ପ୍ରତିଯୋଗିତା ଚଳିତ ବର୍ଷ ସିଓଲର ଜାମସୁ ବ୍ରିଜ୍‌ର ବାନପୋ ହାନଗାଙ୍ଗ ପାର୍କରେ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଏହି ପ୍ରତିଯୋଗିତାଟିକୁ ୨୦୧୪ ମସିହାରେ କୋରିଆର ଭିଜୁଆଲ ଆର୍ଟିଷ୍ଟ ଉପସ୍ୟାଙ୍ଗ ପରିଚିତ କରାଇ ଥିଲେ।




ଆମେରିକାର ଲଗଜୁରି ରିଟେଲ ୱେବ୍‌ସାଇଟ୍ ନର୍ଡଷ୍ଟ୍ରମ୍ ଏକ ସାଧାରଣ ଭାରତୀୟ କପଡ଼ା ବ୍ୟାଗ୍‌କୁ ପ୍ରାୟ ୪,୧୦୦ ଟଙ୍କାରେ ବିକ୍ରି କରୁଛି। ଜାପାନୀ ବ୍ରାଣ୍ଡ ପ୍ୟୁବକୋ ଏହାକୁ 'ଇଣ୍ଡିଆନ୍ ସୋଭେନିୟର ବ୍ୟାଗ୍' ନାଁ ଦେଇଛି। ରୋଚକୀୟ କଥାଟି ହେଲା, ଏଭଳି ବ୍ୟାଗ୍ ପ୍ରତିଟି ଭାରତୀୟଙ୍କ ଘରେ ଦେଖିବାକୁ ମିଳେ। ଏହା ପୁଣି ମାଗଣାରେ ମିଳିଥାଏ। ଅର୍ଥାତ୍ ଲୋକେ ଅଧିକ ଜିନିଷ କିଣାକିଣି କରିବା ପରେ ଦୋକାନୀ ଏହାକୁ ମାଗଣାରେ ଦେଇଥାନ୍ତି। ଏଥିରେ ଦୋକାନର ନାଁ ମଧ୍ୟ ଉଲ୍ଲେଖ ଥାଏ। ସେହିପରି ପ୍ୟୁବକୋ ଏହି ବ୍ୟାଗ୍‌କୁ ଷ୍ଟାଇଲିସ୍ ଓ ନିଆରା ଡିଜାଇନ୍ ବୋଲି କହିଛି। ତା'ସହ ଏହା ଯାତ୍ରୀଙ୍କ ପାଇଁ ଜରୁରି ବୋଲି କହିଛି। ଏହି ବ୍ୟାଗ୍‌କୁ ରିସାଇକଲ ସାମଗ୍ରୀରେ ତିଆରି କରାଯାଇଛି। ଏହାକୁ ଭାରତୀୟ ସଂସ୍କୃତିର ପ୍ରତୀକ ବୋଲି କୁହାଯାଇ ବିକ୍ରି କରାଯାଉଛି। ହେଲେ ଭାରତୀୟଙ୍କ ପାଇଁ ଏହା ଅତି ସାଧାରଣ ବ୍ୟାଗ୍। ଯାହାକୁ ସେମାନଙ୍କୁ ତେଜରାତି ତଥା ମିଠା କିଣିବା ବେଳେ ମାଗଣାରେ ମିଳିଥାଏ। ସାମାଜିକ ଗଣମାଧ୍ୟମରେ ଏକଥା ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଲୋକେ ଏହା ଉପରେ ଭିନ୍ନ ଭିନ୍ନ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି।

# ସମ୍ଭାବନା

## ଥ୍ରୀଡି ଜବ୍

**ସାଧାରଣତଃ ବିଦେଶରେ ଚାକିରି କରିବା କଥା ଉଠିଲେ, ସମସ୍ତେ ଭାବନ୍ତି ସେଠାକାର ଜୀବନ ଆରାମଦାୟକ ଓ ଶାନ୍ତିପୂର୍ଣ୍ଣ ହୋଇଥିବ। ହେଲେ ବାସ୍ତବରେ କିଛି ଲୋକ ବିଦେଶରେ ଏମିତି କିଛି କାମ କରିଥାନ୍ତି, ଯାହାକୁ ଥ୍ରୀଡି ଚାକିରି ବୋଲି କୁହାଯାଏ।**

ଥ୍ରୀଡିର ଅର୍ଥ ହେଉଛି ଡାର୍ଟି, ଡେଞ୍ଜରିୟସ୍ ଓ ଡିଫିକଲ୍ଟ। ଅର୍ଥାତ୍ ଖରାପ, ଭୟାନକ ଏବଂ କଠିନ କାମ। ଏହି ଚାକିରିରେ ମୁଖ୍ୟତଃ ଶାରୀରିକ ପରିଶ୍ରମ ଅଧିକ ହୋଇଥାଏ ଏବଂ କାମର ପରିବେଶ ଅସୁରକ୍ଷିତ ଓ କଷ୍ଟକର ହୋଇଥାଏ। କନଷ୍ଟ୍ରକସନ ସାଇଟ୍‌ରେ କାମ କରିବା, ସଫେଇ କାମ, ଫ୍ୟାକ୍ଟ୍ରିରେ ଭାରି ମେସିନ ସହିତ କାମ କରିବା, ଜାହାଜ ସଫେଇ ଏବଂ ଖଣିରେ କାମ କରିବା ଚାକିରି ଏଥିରେ ସାମିଲ ଅଛି।

ଅଧିକାଂଶ ଥ୍ରୀଡି ଚାକିରିରେ କାମ କରୁଥିବା ଲୋକେ ଭାରତ, ନେପାଳ, ବାଂଲାଦେଶ, ପାକିସ୍ତାନ, ଫିଲିପିନ୍ସ ଭଳି ବିକାଶଶୀଳ ଦେଶରୁ ଆସିଥାନ୍ତି। ସେମାନେ ଭଲ ରୋଜଗାର ଏବଂ ପରିବାରକୁ ସାହାଯ୍ୟ କରିବା ପାଇଁ ବିଦେଶ ଆସି ଥ୍ରୀଡି ଚାକିରି କରନ୍ତି। ଏଭଳି ଚାକିରିରେ କାମ କରିବାର ପରିବେଶ ଅସୁରକ୍ଷିତ ହୋଇଥାଏ। ଅନେକ ସମୟରେ ଲୋକଙ୍କୁ ବିନା ହେଲମେଟ୍, ଗ୍ଲଭସ୍ ତଥା ଅନ୍ୟ ସୁରକ୍ଷା ଉପକରଣରେ କାମ କରିବାକୁ ହୁଏ। ଏପରି ଚାକିରିରେ ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରିବାକୁ ପଡ଼େ। ତା'ସହ କମ୍ ବିଶ୍ରାମ, କମ୍ ବେତନ ମିଳିଥାଏ।



ତେବେ ଏତେ କଷ୍ଟ ତଥା ସମସ୍ୟା ସାମ୍ନା କଲେ ବି ଲୋକେ ଏହି ଚାକିରି କରିବାକୁ କାହିଁକି ବିଦେଶ ଆସନ୍ତି, ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ। ବିଦେଶରେ ମିଳୁଥିବା ଦରମା ଅନ୍ୟ ଦେଶ ତୁଳନାରେ ଖୁବ୍ ଅଧିକ ହୋଇଥାଏ। ଯଦିଓ କାମ କଠିନ ଥାଏ, ତଥାପି ବିଦେଶରେ କାମ କରି ଲୋକେ ନିଜ ଘର ପରିବାରକୁ ଟଙ୍କା ପଠାଇବାରେ ସଫଳ ହୋଇଥାନ୍ତି ଏବଂ ଜୀବନରେ ସୁଧାର ଆସେ। ଏହି କାରଣ ଯୋଗୁଁ ପ୍ରତିବର୍ଷ ଲକ୍ଷାଧିକ ଲୋକେ ଚାକିରି ପାଇଁ ବିଦେଶ ଆସିଥାନ୍ତି।

## ସମର୍ କୋର୍ସ

**ଗ୍ରୀଷ୍ମ ଛୁଟିରେ ସମର କ୍ୟାମ୍ପର ଚାହିଦା ବୃଦ୍ଧି ପାଏ। ତା'ସହ ସମର୍ କୋର୍ସର ବି। ଏହି ଛୁଟିରେ ପିଲାମାନଙ୍କୁ ନୂଆ ନୂଆ ଜ୍ଞାନ କୌଶଳ ଶିଖିବାକୁ ପ୍ରୟାସ କରାଯାଏ। ହେଲେ କିଛି କୋର୍ସ ଏଭଳି ଅଛି, ଯାହାକୁ ଏହି ଛୁଟିରେ କରିବା ଉତ୍ତମ।**

**କୋଡିଂ:** କୋଡିଂ କେବଳ ବଡ଼ମାନେ ନୁହନ୍ତି, ବରଂ ଏହାକୁ ଛୋଟ ପିଲାମାନେ ମଧ୍ୟ ଶିଖିପାରିବେ। ଏନେଇ ଉଭୟ ଅନଲାଇନ୍ ଏବଂ ଅଫଲାଇନ୍‌ରେ ସୁବିଧା ଅଛି। ଖରା ଛୁଟିରେ ଏହି କ୍ଲାସ୍ ପିଲାଙ୍କ ପାଇଁ ଲାଭଦାୟକ ହେବ। ଏହା ଦ୍ୱାରା ପିଲା କେବଳ ଭବିଷ୍ୟତ ଟେକ୍ନୋଲୋଜି ଶିଖିବେ ନାହିଁ, ବରଂ ସ୍କୁଲର କମ୍ପ୍ୟୁଟର କ୍ଲାସ୍ ପାଇଁ ବି ପ୍ରସ୍ତୁତ ହୋଇଯିବେ।

**ଷ୍ଟୋରି ଟେଲିଂ:** ଶିକ୍ଷାଦାନର ମଜାଦାର ଶୈଳୀ ହେଉଛି ଷ୍ଟୋରି ଟେଲିଂ। ଷ୍ଟୋରିଂ ଟେଲିଂ ଦ୍ୱାରା ପିଲାଙ୍କ ପଢ଼ାଭ୍ୟାସରେ ସୁଧାର ଆସିଥାଏ। ପିଲା ଏହା ମାଧ୍ୟମରେ ନୂଆ ଶବ୍ଦ ଶିଖିଥାନ୍ତି।

**ଆର୍ଟ ଆଣ୍ଡ କ୍ରାଫ୍ଟ:** ଖରା ଛୁଟିରେ ପିଲାଙ୍କୁ ଆର୍ଟ ଆଣ୍ଡ କ୍ରାଫ୍ଟ କୋର୍ସ ପାଇଁ ପଠାଇପାରିବେ। ଏକ ଗବେଷଣାନୁସାରେ, ଅଳ୍ପ ବୟସରେ ସୃଜନାତ୍ମକ ଜିନିଷ ତିଆରି କରିବା ଦ୍ୱାରା ମସ୍ତିଷ୍କ ପ୍ରଖର ହୋଇଥାଏ। ଏହା ଦ୍ୱାରା ପିଲାଙ୍କ ଚିନ୍ତନଶକ୍ତି ବୃଦ୍ଧି ପାଏ। ଏହା ମାଧ୍ୟମରେ ପିଲାମାନେ ବହୁତ କିଛି ନୂଆ ତିଆରି କରିବା ଶିଖନ୍ତି।

**କମ୍ୟୁନିକେସନ:** କମ୍ୟୁନିକେସନ ସ୍କିଲ୍ ଆଜିର ସମୟରେ ଖୁବ୍ ଜରୁରି। ନିଜ କଥାକୁ ପ୍ରଭାବି ଶୈଳୀରେ ରଖିବାରେ ଏହାର ଆବଶ୍ୟକତା ଅଛି। କମ୍ୟୁନିକେସନରେ କାମ କରିବା ପାଇଁ ଏଥିରେ ବି ନାମ ଲେଖାଇପାରିବେ।



**ଏଆଇ:** ଏଆଇର ଚାହିଦା ଏବେ ବେଶି ଥିବାରୁ ପିଲାଙ୍କୁ ଏହା ସହିତ ପରିଚିତ କରାଇବା ଉଚିତ। ବିଭିନ୍ନ ସ୍ଥାନରେ ଏହି କୋର୍ସ ଚାଲୁଛି। ଏଆଇ ଦ୍ୱାରା ପିଲା ଡିଜାଇନିଂ ଏବଂ କଣ୍ଟେଣ୍ଟ ରାଇଟିଂ ବି ଶିଖିପାରିବେ।

**ଭଏସ୍ ଓଭର:** ଏବେ ଭଏସ୍ ଓଭର ଆର୍ଟିଷ୍ଟଙ୍କ ଗୁରୁତ୍ୱ ମଧ୍ୟ ବେଶି। ସ୍ପିଚ୍ ଥେରାପି ପାଇଁ ଏହା ଏକ ଉତ୍ତମ ବିକଳ୍ପ। ସେହିପରି ଶବ୍ଦର ଠିକ୍ ଉଚ୍ଚାରଣରେ ବି ସାହାଯ୍ୟ ମିଳେ। ଖରାଦିନ ଛୁଟିରେ ଏହି କୋର୍ସ ଲାଭଦାୟକ ହୋଇପାରେ।



## ଜିନିଷର ପ୍ରଚାର ପ୍ରସାର କରୁଥିଲେ...

**କୌଣସି ଜିନିଷର ପ୍ରଚାର ପ୍ରସାର କରିବା ଲାଗି ବିଭିନ୍ନ କମ୍ପାନି ଭିନ୍ନ ଭିନ୍ନ ରଣନୀତି ପ୍ରସ୍ତୁତ କରିଥାଏ। ତେବେ ପ୍ରଚାର ପ୍ରସାର ଦିଗରେ ଶବ୍ଦର ଭୂମିକା ଥାଏ ଗୁରୁତ୍ୱପୂର୍ଣ୍ଣ। ତେଣୁ ଯଦି ଶବ୍ଦରେ ଟିକେ ପରିବର୍ତ୍ତନ ଅଣାଯାଏ, ତେବେ ଜିନିଷର ପ୍ରଭାବ ଏବଂ ବଜାରରେ ବି ଏହାର ଚାହିଦା ବୃଦ୍ଧି ପାଏ।**



କୌଣସି ଜିନିଷ ଲାଗି 'ଭେରି ଗୁଡ୍' ବଦଳରେ 'ଏକ୍ସିଲେଣ୍ଟ' ତଥା 'ଅସମ୍' ବ୍ୟବହାର କରିପାରିବେ। ନଚେତ୍ ଏହାକୁ 'ଟପ୍ ପ୍ରଡକ୍ଟ' ବୋଲି ବି କୁହାଯାଇପାରିବ। ସେହିପରି ଜିନିଷ ଉପରେ ରିହାତି ଦେଉଥିଲେ 'ଡିସ୍‌କାଉଣ୍ଟ' ଶବ୍ଦକୁ ବ୍ୟବହାର ନ କରି 'ଲିମିଟେଡ୍ ଟାଇମ୍ ଅଫର୍' ବୋଲି କହିପାରିବେ। ଏହାବାଦ୍ 'ଚିପ୍' ଏବଂ 'ଆଫଡେବଲ' ନ କହି 'ଆସେସବଲ' ଶବ୍ଦ କହିବା ଏକ ଉତ୍ତମ ବିକଳ୍ପ। ସେହିପରି ୱେବ୍‌ସାଇଟ୍‌ରେ ଅଫର୍ ଲାଗି 'ସାଇନ୍ ଅପ୍' କରିବାକୁ କୁହାଯାଏ। ହେଲେ ଏହା ପରିବର୍ତ୍ତେ 'ଜଏନ୍ ଦ ମୁଭମେଣ୍ଟ' କହିଲେ ଅଧିକ ପ୍ରଭାବଶାଳୀ ଲାଗେ।



ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନୂଆ ଫିଚର୍ ଆଣିଥାଏ। ଏହି କ୍ରମରେ ସମସ୍ତ ଗ୍ରୁପ୍ ଚାଟ୍ ପାଇଁ ଭଏସ୍ ଚାଟ୍ ଫିଚର୍ ଲଞ୍ଚ କରାଯାଇଛି। ତେବେ ପୂର୍ବରୁ ଏହା କେବଳ ବଡ଼ ଗ୍ରୁପ୍ ପର୍ଯ୍ୟନ୍ତ ସୀମିତ ଥିଲା। ହେଲେ ଏହି ଫିଚର ଏବେ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମ ପାଇଁ ଉପଲବ୍ଧ। ସେହିପରି ଗ୍ରୁପ୍ ଚାଟ୍‌କୁ ଅଧିକ ମଜାଦାର କରିବା ପାଇଁ ଏହି ଫିଚର୍‌କୁ ସାମିଲ କରାଯାଇଛି। ଏହି ଫିଚର୍ ବ୍ୟବହାରକାରୀଙ୍କୁ ଗ୍ରୁପ୍‌ରେ ରିୟଲ ଟାଇମ୍ ଅଡିଓ ଚାଟ୍ କରିବାର ସୁବିଧା ପ୍ରଦାନ କରେ। ବିଶେଷକଥା ହେଉଛି, ଏହା ଦ୍ୱାରା ଗ୍ରୁପ୍‌ରେ କାହାକୁ କଲ୍ କରିବାକୁ ପଡ଼ି ନ ଥାଏ, ବରଂ ଗ୍ରୁପ୍ ମଧ୍ୟରେ ଏକ ଅଡିଓ ସେସନ୍ ଆରମ୍ଭ ହୋଇଥାଏ। ତେବେ ଅଧିକ ସଦସ୍ୟ ଥିବା ଗ୍ରୁପ୍ ପାଇଁ ଏହା ଉଦ୍ଦିଷ୍ଟ। ଅନ୍ୟପଟେ ଏହି ଭଏସ୍ ଚାଟ୍ ଫିଚର୍‌ରେ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ ଦିଆଯାଇଛି। ଅର୍ଥାତ୍ ଏହା ଦ୍ୱାରା ଅଡିଓ କଥାବାର୍ତ୍ତା ଗୋପନୀୟ ଓ ସୁରକ୍ଷିତ ରହିବ। ଗ୍ରୁପ୍ ବାହାରେ କୌଣସି ବ୍ୟକ୍ତି ଏହାକୁ ଶୁଣିପାରିବେ ନାହିଁ କି ଏଥିରେ ସାମିଲ ହୋଇପାରିବେ ନାହିଁ। ଅନ୍ୟପଟେ ଏହି ଫିଚର୍ ବ୍ୟବହାର କରିବା ପାଇଁ ଆପ୍‌ର ଅପଡେଟ୍ ଭର୍ସନ ଡାଉନଲୋଡ୍ କରିବାକୁ ହେବ।







ସକାଳ
THE SAKALA
www.sakalaepaper.com

## ଆଇପିଏଲ୍ ଉଦ୍‌ଯାପନୀ ଉତ୍ସବରେ ଅପରେସନ ସିନ୍ଦୂରକୁ ଦିଆଯିବ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ,୨୭ ।୫(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଉଦ୍‌ଯାପନୀ ଉତ୍ସବରେ 'ଅପରେସନ ସିନ୍ଦୁର'କୁ ସ୍ୱତନ୍ତ୍ର ଭାବେ ଶ୍ରଦ୍ଧାଞ୍ଜଳି ଦିଆଯିବ। ଏଥିପାଇଁ ସେନାର ପରାକ୍ରମକୁ ସମ୍ମାନିତ କରାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି। ଅପରେସନ ସିନ୍ଦୁରର ସଫଳତାକୁ ନେଇ ଉତ୍ସବ ମନାଇବା ପାଇଁ ୩ଜଣ ସେନା ମୁଖ୍ୟଙ୍କୁ ଆମନ୍ତ୍ରଣ କରାଯିବ। ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌ ସେନା ମୁଖ୍ୟ ଆଡମିରାଲ ଦୀନେଶ କେ ତ୍ରିପାଠୀ ଓ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂହଙ୍କ ସମେତ ସେନାର ପ୍ରମୁଖ ଅଧିକାରୀମାନଙ୍କୁ ଅହମ୍ମଦାବାଦରେ ଆୟୋଜନ ହେବାକୁ ଥିବା ଆଇପିଏଲ୍ ଫାଇନାଲ ମ୍ୟାଚ୍ ଦେଖିବାକୁ ନିମନ୍ତ୍ରଣ କରାଯିବ। ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଜୁନ୍ ୩ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଉଲ୍ଲେଖଥାଉ କି, ଏପ୍ରିଲ ୨୨ ତାରିଖରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ମେ ୬ ଓ ୭ ତାରିଖରେ ଅପରେସନ ସିନ୍ଦୂର ଚଳାଇ ପାକିସ୍ତାନର ୯ ଆତଙ୍କବାଦୀ ଠିକଣା ଉପରେ ମିସାଇଲ ମାଡ କରିଥିଲା। ଅବଶ୍ୟ ପରେ ପାକିସ୍ତାନର ଅନୁରୋଧ କ୍ରମେ ଭାରତ ଏହି ଅପରେସନ ରୋକିବାକୁ ସହମତି ଜଣାଇଥିଲା। ଫଳରେ ସିଜଫାୟାର ଘୋଷିତ ହୋଇଥିଲା। ଏଥିପାଇଁ ଆଇପିଏଲ୍‌କୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଥିଲା ଓ ମେ ୧୭ରୁ ପୁଣି ଆଇପିଏଲ୍ ଆରମ୍ଭ ହୋଇଥିଲା।

## ୩ ଖେଳାଳିଙ୍କୁ ବିଦାୟ ଦେଲା ମୁମ୍ବାଇ

ମୁମ୍ବାଇ, ୨୭।୫ (ଏଜେନ୍ସି): ପଞ୍ଜାବ କିଙ୍ଗସଠାରୁ ପରାଜିତ ହେବା ପରେ ମୁମ୍ବାଇ ଇଣ୍ଡିଆନ୍ସ ତାହାର ୩ଜଣ ବିଦେଶୀ ଖେଳାଳିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଛି। ଏହି ୩ଜଣ ହେଲେ ରିୟାନ ରିକେଲଟନ, କର୍ବିନ ବୋଶ୍ ଓ ୱିଲ ଜ୍ୟାକ୍ସ। ଏହି ୩ ଜଣ ସେମାନଙ୍କ ଦେଶ ପକ୍ଷରୁ ଖେଳିବା ଲାଗି ମୁମ୍ବାଇର ପ୍ଲେ ଅଫ୍ ମ୍ୟାଚ୍ ଖେଳିପାରିବେ ନାହିଁ। ମେ ୩୦ରେ ଖେଳାଯିବାକୁ ଥିବା ପ୍ଲେ ଅଫ୍‌ର ଏଲିମିନେଟରରେ ଖେଳିବ ମୁମ୍ବାଇ। ବିଦାୟ ନେଇଥିବା ୩ ଖେଳାଳିଙ୍କ ମଧ୍ୟରୁ ଦକ୍ଷିଣ ଆଫ୍ରିକାର ରିକେଟଲଟନ ଓ ବୋଶ୍ ଅଷ୍ଟ୍ରେଲିଆ ସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଖେଳିବାକୁ ଇଂଲଣ୍ଡ ଯିବେ। ଇଂଲଣ୍ଡ ୱିଲ ଜ୍ୟାକ୍ସ ଜୁନ୍ ୨୯ରୁ ଆରମ୍ଭ ହେବାକୁ ଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ସିରିଜ୍‌ରେ ଦଳ ପକ୍ଷରୁ ଖେଳିବାକୁ ମନୋନୀତ ହୋଇଛନ୍ତି। ଲିଗ୍ ମ୍ୟାଚ୍ ଶେଷ ହୋଇଥିବା ଦଳର ଅଷ୍ଟ୍ରେଲୀୟ, ଆଫ୍ରିକୀୟ ଓ ଇଂଲଣ୍ଡ ଖେଳାଳି ସ୍ୱଦେଶ ଫେରିଯାଇଛନ୍ତି।

### ଆଇପିଏଲ୍ ୧୮ : ରଷଭ ପନ୍ତଙ୍କ ଅପରାଜିତ ଶତକ ବ୍ୟର୍ଥ

# କ୍ୱାଲିଫାୟର-୧ରେ ବେଙ୍ଗାଲୁରୁ-ପଞ୍ଜାବ

ଲକ୍ଷ୍ନୌ, ୨୭।୫ (ଏଜେନ୍ସି)



କାମଚଳା ଅଧିନାୟକ ଜିତେଶ ଶର୍ମା (୮୫*)ଙ୍କ ବିସ୍ଫୋରକ ବ୍ୟାଟିଂ, ସୁପରଷ୍ଟାର ବିରାଟ କୋହଲି (୫୪) ଓ ଅନ୍ୟ ବ୍ୟାଟରଙ୍କ ଉପଯୋଗୀ ସହାୟତା ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ୍‌ର ୭୦ତମ ତଥା ଶେଷ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୬ ୱିକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି)କୁ ପରାସ୍ତ କରିଛି। ଏହି ବିଜୟ ଫଳରେ ୧୪ଟି ମଧ୍ୟରୁ ୯ମ ବିଜୟ ସହ ୧୯ ପଏଣ୍ଟ ପାଇ ବେଙ୍ଗାଲୁରୁ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଲିଗ୍ ମ୍ୟାଚ୍ ଶେଷରେ ପଞ୍ଜାବ କିଙ୍ଗସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସମାନ ୧୯ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମେ ୨୯ରେ ହେବାକୁ ଥିବା କ୍ୱାଲିଫାୟର-୧ରେ ମୁକାବିଲା କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ୧୮ ପଏଣ୍ଟ ସହ ଗୁଜରାଟ ଟାଇଟନ୍ସ ତୃତୀୟ ଓ ମୁମ୍ବାଇ ଇଣ୍ଡିଆନ୍ସ ଚତୁର୍ଥ ସ୍ଥାନରେ ରହି ମେ ୩୦ରେ ଖେଳାଯିବାକୁ ଥିବା ଏଲିମିନେଟରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ଏହି ମ୍ୟାଚ୍‌ରେ ରଷଭ ପନ୍ତ (୧୧୮)ଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଏଲ୍‌ଏସ୍‌ଜି ୩ ୱିକେଟରେ ୨୨୭ ରନ୍ କରିଥିଲା। ଜବାବରେ ବେଙ୍ଗାଲୁରୁ ୧୮.୪ ଓଭରରେ ମାତ୍ର ୪ ୱିକେଟ ହରାଇ ୨୩୦ ରନ୍ କରିବା ସହ ସହଜରେ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଦଳ ପକ୍ଷରୁ ଫିଲିପ୍ ସଲ୍ଟ ୩୦, କୋହଲି ୩୦ ବଲ୍‌ରେ ୫୪ ରନ୍ କରିବା ଫଳରେ ଦଳ ୧୨ତମ ଓଭରରେ ୧୨୩ ରନ୍‌ରେ ୪ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ମୟଙ୍କ ଅଗରୱାଲଙ୍କ ସାଥି କରି ଜିତେଶ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବେଙ୍ଗାଲୁରୁକୁ ୮ଟି ବଲ ବାକିଥାଇ ମ୍ୟାଚ୍ ବିଜେତା କରିଥିଲା। ମୟଙ୍କ ୨୩ ବଲ୍‌ରୁ ୪୧ ଓ ଜିତେଶ ୩୩ ବଲ୍‌ରୁ ୮ ଚୌକା ଓ ୬ଛକା ସହାୟତାରେ ୮୫ ରନ୍ କରି ଅପରାଜିତ ରହିବା ସହ ବେଙ୍ଗାଲୁରୁକୁ କ୍ୱାଲିଫାୟରରେ ପହଞ୍ଚାଇଥିଲେ।

### ପନ୍ତ, ମାର୍ଶଙ୍କ ଦୃଢ଼ ବ୍ୟାଟିଂ

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଏଲ୍‌ଏସ୍‌ଜି ମିଚେଲ ମାର୍ଶଙ୍କ ୬୭ ରନ୍ ଅଧିନାୟକ ରଷଭ ପନ୍ତଙ୍କ ଅପରାଜିତ ୧୧୮ ରନ୍ ବଳରେ ଦଳ ଭଲ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି ବେଙ୍ଗାଲୁରୁ ବୋଲରଙ୍କୁ ପଡ଼ିଆର ଚାରିଆଡକୁ ସଟମାନ ମାରି ଦ୍ୱିତୀୟ ୱିକେଟ ପାର୍ଟନରସିପରେ ୭୮ ବଲ୍‌ରୁ ଉଠାଇଥିଲେ ୧୫୨ ରନ୍। ମାର୍ଶ ୩୭ ବଲ୍‌ରୁ ୪ ଚୌକା ଓ ୫ଛକା ସହ ୬୭ ରନ୍ କରିଥିଲେ। କିନ୍ତୁ ୨୯ ବଲ୍‌ରେ ୫୦ ରନ୍ କରିଥିବା ପନ୍ତ ୫୪ ବଲ୍‌ରେ ଆଇପିଏଲ୍‌ରେ ଦ୍ୱିତୀୟ ଶତକ ପୂରଣ କରିଥିଲେ। ଶେଷପର୍ଯ୍ୟନ୍ତ ଆଉଟ ହୋଇ ନ ଥିବା ପନ୍ତ ୬୧ ବଲ୍‌ର ସାମ୍ନା କରି ୧୧ ଚୌକା ଓ ୮ ଛକା ସହ ୧୧୮ ରନ୍ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ପୂର୍ବରୁ ଗୋଟିଏ ଅର୍ଦ୍ଧଶତକ ଚେନ୍ନାଇ ବିପକ୍ଷରେ ୬୩ ରନ୍ କରିଥିଲେ। ବେଙ୍ଗାଲୁରୁ ବୋଲର ପ୍ରଭାବଶାଳୀ ହୋଇ ପାରି ନ ଥିଲାବେଳେ ନୁୱାନ ତୁଷାରା, ଭୁବନେଶ୍ୱର କୁମାର ଓ ରୋମାରିଓ ସେଫର୍ଡ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### କୋହଲିଙ୍କ ସର୍ବାଧିକ ରନ୍ ଓ ଅର୍ଦ୍ଧଶତକ

ଲକ୍ଷ୍ନୌ ବିପକ୍ଷରେ ୫୪ ରରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ ମଧ ବେଙ୍ଗାଲୁରୁ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଏକାଧିକ କୀର୍ତ୍ତିମାନ ହାସଲ କରିଛନ୍ତି। ସେ ଆଇପିଏଲରେ ସର୍ବାଧିକ ୬୩ଟି ଅର୍ଦ୍ଧଶତକ ହାସଲ କରି ଡେଭିଡ୍ ୱାର୍ଣ୍ଣରଙ୍କୁ ପଛରେ ପକାଇଛନ୍ତି। ୱାର୍ଣ୍ଣର ପୂର୍ବରୁ ୬୨ଟି ଅର୍ଦ୍ଧଶତକ ହାସଲ କରି ତାଲିକାର ଶୀର୍ଷରେ ରହିଥିଲେ। କୋହଲି ଗୋଟିଏ ଦଳ ତରଫରୁ ପ୍ରତିନିଧିତ୍ୱ କରି ବିଶ୍ୱର ପ୍ରଥମ କ୍ରିକେଟର ଭାବେ ୯ ହଜାର ଟି-୨୦ ରନ ପୂରଣ କରି ଏକ ବିରଳ ସଫଳତା ଅର୍ଜନ କରିଛନ୍ତି।

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ପଞ୍ଜାବ | ୧୪ | ୯ | ୪ | ୧ | ୧୯ | +୦.୩୭୨ |
| ବେଙ୍ଗାଲୁରୁ | ୧୪ | ୯ | ୪ | ୧ | ୧୯ | +୦.୩୦୧ |
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ମୁମ୍ବାଇ | ୧୪ | ୮ | ୬ | ୦ | ୧୬ | +୧.୧୪୨ |
| ଦିଲ୍ଲୀ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ହାଇଦରାବାଦ୍ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ | ୧୪ | ୬ | ୮ | ୦ | ୧୨ | -୦.୩୭୬ |
| କୋଲକାତା | ୧୪ | ୫ | ୭ | ୨ | ୧୨ | +୦.୩୦୫ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୪ | ୪ | ୧୦ | ୦ | ୮ | -୦.୬୪୭ |

● ଓଡ଼ିଆ ଖେଳାଳିଙ୍କ କରିଶ୍ମା

## ୱାର୍ଲ୍ଡ ମାଷ୍ଟର୍ସ ଗେମ୍ସ ଗେଟ୍‌ବଲ୍‌ରେ ଭାରତକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୭।୫ (ସମିସ): ଓଡ଼ିଆ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଗେଟବ୍‌ଲ ଟିମ୍ ତାଇୱାନ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ମାଷ୍ଟର୍ସ ଗେମ୍ସ ଗେଟବଲ ଖେଳରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ଭୁବନେଶ୍ୱରସ୍ଥିତ ଇଣ୍ଡିଆନ ଗେଟବଲ ୟୁନିଅନ ଏହି ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଥିଲା। ଭେଟେରାନ ଯନ୍ତ୍ରୀ



ଦ୍ୱିପାୟନ ପଟ୍ଟନାୟକଙ୍କ ନେତୃତ୍ୱରେ ଉମାକାନ୍ତ ପାଣି, ସର୍ବେଶ୍ୱର ମହାପାତ୍ର ଓ ଦିଲୀପ ଷଡଙ୍ଗୀ ଓଡ଼ିଆ ଖେଳାଳି ଭାବେ ଅଂଶଗ୍ରହଣ କରିଥିଲେ। ସମଗ୍ର ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ଗୋଟିଏ ହେଲେ ମ୍ୟାଚ୍ ହାରି ନ ଥିଲା। ଭାରତର ଯୁବ ଖେଳାଳିମାନେ ଅନ୍ତର୍ଜାତୀୟସ୍ତରରେ ଯେଉଁ ସଫଳତା ପାଉ ନାହାନ୍ତି, ତାହା ମାଷ୍ଟର୍ସ ଖେଳାଳିମାନେ କରି ଦେଖାଇଛନ୍ତି ବୋଲି ଗେଟ୍‌ବଲ୍‌ରେ ସ୍ୱର୍ଣ୍ଣବିଜୟରୁ ସ୍ପଷ୍ଟ ହୋଇଛି। ତାଇପେଇ ସିଟିର ୬୧ଟି ଭେନ୍ୟୁରେ ଖେଳାଯାଇଥିବା ୱାର୍ଲ୍ଡ ମାଷ୍ଟର୍ସ ଗେମ୍ସରେ ୩୫ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୮ଟି ଦେଶରୁ ୨୫,୦୪୯ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

### ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ୍

## ଭୁବନେଶ୍ୱର-ଏ, ରାଉରକେଲା ବିଜୟୀ





କଟକ, ୨୭।୫ (ସମିସ): କଟକରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭୁବନେଶ୍ୱର-ଏ ଏବଂ ରାଉରକେଲା ବିଜୟୀ ହୋଇଛନ୍ତି। ବିଡାନାସୀ ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୩୬ ରନରେ ଗଞ୍ଜାମକୁ ହରାଇଥିଲା। ଶ୍ରେୟାଂଶୁ ପଟ୍ଟନାୟକଙ୍କ ୫୪ରନ ଏବଂ ଶାଶ୍ୱତ ରାଉତଙ୍କ ୫୩ରନ ସହାୟତାରେ ଭୁବନେଶ୍ୱର-ଏ ସମସ୍ତ ୱିକେଟ ହରାଇ ୧୭୭ରନ କରିଥିଲା। ଗଞ୍ଜାମର ଅଭିନୀତ ପଟ୍ଟନାୟକ ଏବଂ ଅନିରୁଦ୍ଧ ପଟ୍ଟନାୟକ ୪ଟି ଲେଖାଏ ୱିକେଟ ହାସଲ କରିଥିଲେ। ୨୦ ଓଭର ଖେଳ ଶେଷ ସୁଦ୍ଧା ଗଞ୍ଜାମ ୮ ୱିକେଟ ବିନିମୟରେ ୭୧ରନ ସଂଗ୍ରହ କରିଥିଲା। ବର୍ଷା ଯୋଗୁଁ ମ୍ୟାଚ୍ ବନ୍ଦ ରହିଥିବା ବେଳେ ଭୁବନେଶ୍ୱର-ଏ ଡିଏଲଏସ୍ ପଦ୍ଧତିରେ ବିଜୟୀ ଘୋଷିତ ହୋଇଥିଲା। ୭ରନ ବ୍ୟୟ କରି ୩ଟି ୱିକେଟ ଦଖଲ କରିଥିବା ଭୁବନେଶ୍ୱର-ଏର ସୌମ୍ୟ ମହାନ୍ତି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ରାଉରକେଲା ୪ ୱିକେଟରେ ନୂଆପଡାକୁ ହରାଇଥିଲା। ନୂଆପଡା ୧୦୪ ରନରେ ଅଲ ଆଉଟ ହୋଇଥିଲା। ଜବାବରେ ରାଉରକେଲା ୨୫.୩ ଓଭରରେ ୬ ୱିକେଟ ହରାଇ ୯୯ରନ କରିଥିବା ବେଳେ ବର୍ଷା ବାଧକ ସାଜିଥିଲା। ରାଉରକେଲା ଡିଏଲଏସ୍ ପଦ୍ଧତିରେ ବିଜୟୀ ହୋଇଥିବା ବେଳେ ୩ ୱିକେଟ ଦଖଲ ସହ ୧୯ରନ ସଂଗ୍ରହ କରିଥିବା ରାଉରକେଲାର କ୍ରୀଷ୍ଣା ସିଂହ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। କଟକ-ଏ ଓ ବାଲେଶ୍ୱର, କେନ୍ଦୁଝର ଓ ପୁରୀ, ଢେଙ୍କାନାଳ ଓ କନ୍ଧମାଳ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି।

## ଜାତୀୟ ଶକ୍ତିଉତ୍ତୋଳନରେ ଓଡ଼ିଶାର ପ୍ରତିଷ୍ଠା ସିଂ ଶ୍ରେଷ୍ଠ

ଭୁବନେଶ୍ୱର, ୨୭।୫ (ସମିସ): ମହାରାଷ୍ଟ୍ରର କୋହ୍ଲାପୁରଠାରେ ଅନୁଷ୍ଠିତ ଜାତୀୟ ଉପକନିଷ୍ଠ ଓ କନିଷ୍ଠ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ଓଡ଼ିଶାର ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ଦଳର ଦୁଇ ପ୍ରତିଯୋଗୀ ପ୍ରତିଷ୍ଠା ସିଂ ଓ ସୋମେନ ସେନାପତି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏପରିକି କନିଷ୍ଠ ବାଳିକା ବିଭାଗ ୬୯ କିଲୋଗ୍ରାମ୍ ବେଞ୍ଚପ୍ରେସ୍‌ରେ ସ୍ୱର୍ଣ୍ଣପଦକ ସହ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ପ୍ରତିଷ୍ଠାଙ୍କୁ ପ୍ରତିଯୋଗିତାର ସର୍ବଶ୍ରେଷ୍ଠ ଭାରୋତ୍ତୋଳିକା ବିବେଚନା କରାଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ୧୨ଟି ପଦକ ବିଜୟୀ ହୋଇଛି। ଅନ୍ୟ ପଦକ ବିଜେତାମାନେ ହେଲେ ସୋମେନ ସେନାପତି, ପ୍ରିୟାଂଶୁ ପଟ୍ଟନାୟକ, ପ୍ରଜ୍ଞାନ ପ୍ରଧାନ, ଜ୍ୟୋତି ଖରା ପଦକ ବିଜୟୀ ହୋଇଛନ୍ତି। ପଦକ ବିଜେତାଙ୍କୁ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।

● ଏସିଆନ ଆଥଲେଟିକ୍ ଚାମ୍ପିଅନସିପ୍

## ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଗୁଲବୀର୍


ଗୁମି,୨୭ ।୫(ଏଜେନ୍ସି): ଦକ୍ଷିଣ କୋରିଆ ଗୁମିଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୨୬ତମ ସଂସ୍କରଣରେ। ପ୍ରଥମ ଦିବସରେ ଲଙ୍ଗ-ଡିଷ୍ଟାନ୍ସ ରନର ଗୁଲବୀର ସିଂ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସ୍ଥାନୀୟ ଗୁମି ସିଭିକ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ୧୦,୦୦୦ ମିଟର ରେସ୍ ଇଭେଣ୍ଟରେ୨୬ ବର୍ଷୀୟ ଗୁଲବୀର ୨୮ ମିନିଟ୍ ୩୮.୬୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଆଥଲେଟ୍ ସାବନ ବରୱାଲ ୨୮ ମିନିଟ୍ ୫୦.୫୩ ସେକେଣ୍ଡ ସମୟନେଇ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଏହି ଇଭେଣ୍ଟରେ ଜପାନର ମେବୁକି ସୁଜୁକି (୨୮:୪୩.୮୪) ରୌପ୍ୟ ଓ ବାହରିନର ଆଲବର୍ଟ କିବିଚି ରୋପ (୨୮:୪୬.୮୨) କାଂସ୍ୟ ପଦକ ହାସଲ କରିଛନ୍ତି।



**୨୦କିମି ଚାଲିରେ ସେର୍ଭିନଙ୍କୁ କାଂସ୍ୟ:** ସେହିପରି ଭାରତର ଅନ୍ୟତମ ଲଙ୍ଗ ଡିଷ୍ଟାନ୍ସ ରନର ସେର୍ଭିନ ସେବାଷ୍ଟିଆନ୍ ପୁରୁଷ ୨୦କି.ମି. ଚାଲିରେ କାଂସ୍ୟ ପଦକ ହାସଲ କରିଥିଲେ ଓ ଦେଶ ପାଇଁ ପ୍ରଥମ ପଦକ ହାସଲ କରିଥିଲେ। ସେର୍ଭିନ୍ ୧ ଘଣ୍ଟା ୨୧ ମିନିଟ୍ ୧୩.୬୦ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଥିଲେ। ଏହି ଇଭେଣ୍ଟରେ ଭାରତର ଅମିତ ଖାତ୍ରୀ (୧:୨୨.୧୫) ପଞ୍ଚମ ସ୍ଥାନରେ ରହିଥିଲେ। ମହିଳା ଜାଭେଲିନ୍ ଥ୍ରୋରେ ଅନୁ ରାନୀ ତୃତୀୟ ପ୍ରୟାସରେ ୫୮.୪୦ ମିଟର ଥ୍ରୋ କରି ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମିଟ୍‌ରେ ୪୩ଟି ଦେଶରୁ ୨୦୦୦ ଆଥଲେଟ ଅଂଶଗ୍ରହଣ କରିଛନ୍ତି।

ଫ୍ରେଞ୍ଚ ଓପନ୍ ଟେନିସ

## ସିନର, ଜ୍ୱେରେଭ, ଜୋକୋଭିଚ୍‌ଙ୍କ ଅଭିଯାନ ଆରମ୍ଭ

ପ୍ୟାରିସ,୨୭ ।୫(ଏଜେନ୍ସି): ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ୍‌ର ପୁରୁଷ ଏକକ ପ୍ରତିଯୋଗିତାରେ ସିଡେଡ୍ ଖେଳାଳିମାନେ ଅଭିଯାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ତୃତୀୟ ଦିବସରେ ଟପ୍ ସିଡ୍ ଖେଳାଳି ଇଟାଲୀର ଜାନିକ ସିନର, ତୃତୀୟ ସିଡ୍ ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ, ଷଷ୍ଠ ସିଡ୍ ସର୍ବିଆରେ ଷଷ୍ଠ ସିଡ୍ ନୋଭାକ ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ସିନର ୬-୪, ୬-୩, ୭-୫ ସେଟ୍‌ରେ ଫ୍ରାନ୍ସର ଅଣସିଡ୍ ଖେଳାଳି ଆର୍ଥର ରିଣ୍ଡେରକ୍ନେଚଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ରବିବାର ଜେନିଭା ଓପନ୍‌ରେ ଚାମ୍ପିଅନ ହୋଇ ୧୦୦ତମ ଟାଇଟଲ ଜିତିଥିବା ସର୍ବିଆ ଅଭିଜ୍ଞ ଖେଳାଳି ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ୬-୩, ୬-୩, ୬-୩ ସିଧାସଳଖ ସେଟ୍‌ରେ ଆମେରିକାର ମ୍ୟାକେଞ୍ଜି ମ୍ୟାକ୍‌ଡୋନାଲ୍ଡଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଜ୍ୱେରେଭ ୬-୩, ୬-୩, ୬-୪ ସେଟ୍‌ରେ ଆମେରିକାର ଲର୍ଣ୍ଣର ଟିଏନଙ୍କୁ, ୯ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ୬-୩, ୬-୪, ୭-୬ ସେଟ୍‌ରେ ସର୍ବିଆର ଲାସଲୋ ଡିଜେରେଙ୍କୁ, କାଜାଖସ୍ତାନର ଆଲେକଜାଣ୍ଡର ବଲବିକ୍ ୬-୨, ୬-୪, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ଜେମ୍ସ ଡକୱର୍ଥଙ୍କୁ ପରାସ୍ତ କରି, ବୁଲଗେରିଆର ଗ୍ରିଗର ଡିମିଟ୍ରୋଭ ଆମେରିକାର ଇଥାନ କୁଇନ୍‌ଙ୍କ ବିପକ୍ଷ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୱାକ୍‌ଓଭର ପାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ତେବେ ରୁଷିଆର ୧୧ତମ ସିଡ୍ ଖେଳାଳି ଡାନିଲ ମେଦଭେଦେଭ ୫-୭, ୩-୬, ୬-୪, ୬-୧, ୫-୭ ମାରାଥନ ସେଟ୍‌ରେ ବ୍ରିଟେନର କାମେରନ ନୋରିଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି।

### ଗଫ୍, ଆନ୍ଦ୍ରିଭା ଦ୍ୱିତୀୟ ରାଉଣ୍ଡରେ

ମହିଳା ଏକକରେ ଆମେରିକାର ଦ୍ୱିତୀୟ ସିଡ୍ ଖେଳାଳି କୋକୋ ଗଫ୍, ତୃତୀୟ ସିଡ୍ ଜେସିକା ପେଗୁଲା, ୩୧ତମ ସିଡ ସୋଫିଆ କେନିନ୍, ଷଷ୍ଠ ସିଡ୍ ରୁଷିଆରେ ମୀରା ଆନ୍ଦ୍ରିଭା, ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ଅନ୍ୟ ତାରକା ଖେଳାଳି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ଗଫ୍ ୬-୨, ୬-୨ ସିଧା ସେଟ୍‌ରେ ଅଷ୍ଟ୍ରେଲିଆର ଓଲିଭିଆ ଗାଡେକିଙ୍କୁ, ପେଗୁଲା ୬-୨, ୬-୪ ସିଧା ସେଟ୍‌ରେ ରୋମାନିଆର ଅନକା ଟୋଡନୀଙ୍କୁ, ଆନ୍ଦ୍ରିକା ୬-୪, ୬-୩ ସେଟ୍‌ରେ ସ୍ପେନର କ୍ରିଷ୍ଟିନା ବୁସ୍କାଙ୍କୁ, ଆଜାରେଙ୍କା ୬-୦, ୬-୦ ସେଟ୍‌ରେ ବେଲଜିୟମର ୟାନିନା ୱିକମାୟରଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। କିନ୍ତୁ ଗ୍ରୀସ୍‌ର ମାରିଆ ସାକାରି ୩-୬, ୬-୭ ସେଟ୍‌ରେ ଫ୍ରାନ୍ସର ଏଲ୍‌ସା ଜାକ୍ୱେମୋଟଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏହା ଫଳରେ ମାରିଆ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ୨୦୨୭ ବିଶ୍ୱକପ୍ ପୂର୍ବରୁ ୨୭ଟି ଦିନିକିଆ ଖେଳିବ ଭାରତ

ନୂଆଦିଲ୍ଲୀ, ୨୭।୫ (ଏଜେନ୍ସି): ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ୨୦୨୭ ଅକ୍ଟୋବର-ନଭେମ୍ବରରେ ଖେଳାଯିବ ଦିନିକିଆ ବିଶ୍ୱକପ୍। ଏହି ମେଗା ଇଭେଣ୍ଟ ଲାଗି ଭାରତୀୟ ଦଳର ପ୍ରସ୍ତୁତି ଅଗଷ୍ଟ ମାସରୁ ଆରମ୍ଭ ହେବ। ଏବେ ବରିଷ୍ଠ କ୍ରିକେଟ ଦଳ ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଇଂଲଣ୍ଡ ଗସ୍ତରେ ଯିବ। ଏହା ପରେ ବାଂଲାଦେଶ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରୁ ଭାରତର ଦିନିକିଆ ବିଶ୍ୱକପ୍ ପ୍ରସ୍ତୁତି ଆରମ୍ଭ ହେବ। ଏହାରି ମଧ୍ୟରେ ଭାରତ ୮ଟି ଜାତୀୟ ଦଳ ସହ ଭିନ୍ନ ଭିନ୍ନ ପରିବେଶରେ ୯ଟି ସିରିଜ ବା ୨୭ଟି ଦିନିକିଆ ମ୍ୟାଚ୍ ଖେଳିବ। କିନ୍ତୁ ଏହି ୯ଟି ସିରିଜ୍ ମଧ୍ୟରେ ଗୋଟିଏ ହେଲେ ଯୁଗ୍ମ ଆୟୋଜକ ଦେଶରେ ହେବ ନାହିଁ। ଦକ୍ଷିଣ ଆଫ୍ରିକା ସହ ଭାରତ ଖେଳିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଘରୋଇ ମାଟିରେ ଅର୍ଥାତ୍ ଭାରତରେ ଖେଳାଯିବ। ଭାରତୀୟ ପିଚ୍ ଓ ଆଫ୍ରିକୀୟ ପିଚ୍ ମଧ୍ୟରେ ଅନେକ ତଫାତ୍ ରହିଛି। ୯ଟି ସିରିଜ୍ ମଧ୍ୟରୁ ଘରୋଇ ମାଟିରେ ୬ଟି ଓ ବିଦେଶରେ ୩ଟି ଯଥା ବାଂଲାଦେଶ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସହ ଖେଳିବ। ନ୍ୟୁଜିଲାଣ୍ଡ ସହ ୨ଟି ସିରିଜ୍ ଖେଳାଯିବାକୁ ଥିଲାବେଳେ ୨ଟିଯାକ ଭାରତୀୟ ମାଟିରେ ଖେଳାଯିବ। ଏଣୁ ଭାରତ ପର୍ଯ୍ୟାପ୍ତ ମ୍ୟାଚ୍ ଖେଳିବାକୁ ଥିଲେ ମଧ ଦକ୍ଷିଣ ଆଫ୍ରିକା ପିଚ୍ ସହ ସାମଞ୍ଜସ୍ୟ ଥିବା ପିଚ୍‌ରେ ମାତ୍ର ୬ଟି ମ୍ୟାଚ୍ ଖେଳିବ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆରେ ଏହି ୬ଟି ମ୍ୟାଚ୍ ଖେଳାଯିବ।

**ଭାରତର ଦିନିକିଆ ଖେଳସୂଚୀ**

| ପ୍ରତିଦ୍ୱନ୍ଦ୍ୱୀ | ମ୍ୟାଚ୍ | ଆୟୋଜକ | ଖେଳସମୟ |
|---|---|---|---|
| ବାଂଲାଦେଶ | ୩ | ବାଂଲାଦେଶ | ଅଗଷ୍ଟ, ୨୦୨୫ |
| ଅଷ୍ଟ୍ରେଲିଆ | ୩ | ଅଷ୍ଟ୍ରେଲିଆ | ଅକ୍ଟୋବର-ନଭେମ୍ବର |
| ଦ.ଆଫ୍ରିକା | ୩ | ଭାରତ | ନଭେମ୍ବର-ଡିସେମ୍ବର |
| ନ୍ୟୁଜିଲାଣ୍ଡ | ୩ | ଭାରତ | ଜାନୁଆରୀ ୨୦୨୬ |
| ଆଫଗାନିସ୍ତାନ | ୩ | ଭାରତ | ଜୁନ୍ |
| ଇଂଲଣ୍ଡ | ୩ | ଇଂଲଣ୍ଡ | ଜୁଲାଇ |
| ୱେଷ୍ଟଇଣ୍ଡିଜ୍ | ୩ | ଭାରତ | ସେପ୍ଟେମ୍ବର-ଅକ୍ଟୋବର |
| ନ୍ୟୁଜିଲାଣ୍ଡ | ୩ | ଭାରତ | ଅକ୍ଟୋବର-ନଭେମ୍ବର |
| ଶ୍ରୀଲଙ୍କା | ୩ | ଭାରତ | ଡିସେମ୍ବର, ୨୦୨୬ |
| ବିଶ୍ୱକପ୍ | - | ଦଆଫ୍ରିକା+ | ଅକ୍ଟୋବର-ନଭେମ୍ବର, ୨୦୨୭ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS